

ଯା ଦେବୀ ସର୍ବଭୂତେଷୁ...........


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ମଙ୍ଗଳବାର ୨୬ ଅକ୍ଟୋବର ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 26 OCTOBER 2021
Vol.No. 32 ■ No. 272 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଶୁଭେଚ୍ଛା ସହ

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


### ମମିତା ମେହେର ମୃତ୍ୟୁ ମାମଲାରେ ନୂଆ ତଥ୍ୟ

## ମନ୍ତ୍ରୀଙ୍କ ରାୟପୁର ସ୍ଥିତ ଘରେ ହୋଇଥିଲା କି ଗୋବିନ୍ଦ ସାହୁ ଓ ମମିତାଙ୍କ ମଧ୍ୟରେ ବୁଝାମଣା !





ଭୁବନେଶ୍ୱର,୨୫/୧୦(ନି.ପ୍ର): ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କୁ ବହିଷ୍କାର କରିବା ପାଇଁ ବିରୋଧୀଙ୍କ ପ୍ରତିବାଦ ବଢୁଥିବା ବେଳେ ନୂଆ ତଥ୍ୟ ସାମ୍ନାକୁ ଆସିଛି । ଗୋବିନ୍ଦ ସାହୁ ଓ ମମିତା ମେହେରଙ୍କ ମଧ୍ୟରେ ବୁଝାମଣା ପାଇଁ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ତାଙ୍କ ରାୟପୁର ସ୍ଥିତ ଘରକୁ ଉଭୟଙ୍କୁ ଡାକିଥିବା ଅଭିଯୋଗ ଆଣିଥିଲେ ବିଜୟ ମହାପାତ୍ର । ଏବେ ସେହି ଘରର ଠିକଣା ସାମ୍ନାକୁ ଆସିଛି । ଛତିଶଗଡର ରାୟପୁରର ମନ୍ତ୍ରୀ ଦିବ୍ୟଶଙ୍କରଙ୍କ ଏକ ଘର ଥିବା କଥା ସେ ତାଙ୍କ ଆଫିଡେଭିଟରେ ଦର୍ଶାଇଥିଲେ । ସ୍ଥାନ – ରାୟପୁର, ଛତିଶଗଡ । ୱାର୍ଡ ନଂ -୦୯, ମୋୱା । କୁଲ୍ ହୋମ, ଇବ୍ଲକ – ୨୦୩ । ଛତିଶଗଡର ରାୟପୁରରେ ମନ୍ତ୍ରୀ ଦିବ୍ୟଶଙ୍କରଙ୍କର ଏକ ଘର ଥିବା କଥା ସେ ତାଙ୍କ ଆଫିଡେଭିଟରେ ଦର୍ଶାଇଥିଲେ । ମନ୍ତ୍ରୀଙ୍କ ଆଫିଡେଭିଟ୍ ଅନୁସାରେ ରାୟପୁରରେ ରହିଛି ସେହି ଘର । ଆଉ ଯେଉଁ ଘରକୁ ନେଇ ରବିବାର ସୂଚନା ଦେଇଥିଲେ ବିଜେପି ନେତା ବିଜୟ ମହାପାତ୍ର । ଏହି ଘରକୁ କୁଆଡେ ଶିକ୍ଷୟତ୍ରୀ ମମିତା ମେହେର, ଗୋବିନ୍ଦ ସାହୁଙ୍କ ମଧ୍ୟରେ ବୁଝାମଣା ପାଇଁ ଦିବ୍ୟଶଙ୍କର ମିଶ୍ର ଡକାଇଥିଲେ । ଏବଂ ତିନି ଜଣ ବସି ଏହି ଘରେ ଆଲୋଚନା ▶▶ପୃଷ୍ଠା ୭

### ବିଧାନସଭା ଆଗରେ ଘାସ ଖାଇଲେ ଗାଁସାଥୀ

ଭୁବନେଶ୍ୱର,୨୫/୧୦ (ନି.ପ୍ର): ରାଜ୍ୟ ବିଧାନସଭା ଆଗ ଧାରଣାସ୍ଥଳରେ ପୁଣି ଗର୍ଜିଲେ ଗାଁସାଥୀ । ପାଟିରେ ଘାସ ଚୋବାଇ ନିଜର ଦାବି ଜଣାଇଛନ୍ତି ଗାଁସାଥୀ (ମେଟ୍)ସଂଘ ମିଳିତ କ୍ରିୟାନୁଷ୍ଠାନ କମିଟିର ଶତାଧିକ କର୍ମକର୍ତା। ସଂଘର ରାଜ୍ୟ ସାଧାରଣ ସମ୍ପାଦକ ଲକ୍ଷ୍ମୀଧର ବିଶ୍ୱାଳ କହିଛନ୍ତି କୋଭିଡ୍ ସହାୟତା, ମାସିକ ପ୍ରୋତ୍ସାହନ, ମାସକୁ ୧୦ ଦିନର ଗ୍ୟାରେଂଟି ପାଉଣା ସହିତ କାମ, ମନରେଗାର ଜବକାର୍ଡଧାରୀଙ୍କର ନିଶ୍ଚିତ କର୍ମଯୋଗାଣ ବର୍ଷକୁ ୧୦୦ ଦିନ ପରିବର୍ତେ ୨୦୦ଦିନ ଓ ଦୈନିକ ମଜୁରୀ ବୃଦ୍ଧି ଇତ୍ୟାଦି ଦାବିକୁ ୧୫ ଦିନରେ ପୂରଣ ପରିବର୍ତେ ୧ ମାସ ୧୫ ଦିନ ବିତିଥିଲେ ବି ପୂରଣ କରାଯାଉନାହିଁ । ସଂଘ ବାରମ୍ବାର ▶▶ପୃଷ୍ଠା ୭

### ବଢିଲା ଏନସିବି ଅଧିକାରୀ ସମୀର ୱାଙ୍ଖେଡେଙ୍କ ଅଡୁଆ

## ଆରୟନଙ୍କୁ ଗିରଫ ମାମଲାରେ ଲାଞ୍ଚ ମାଗିବା ନେଇ ଅଭିଯୋଗ



ନୂଆଦିଲ୍ଲୀ,୨୫/୧୦: ଆରୟନ ଖାନଙ୍କୁ ଛାଡିବା ପାଇଁ ୨୫ କୋଟିର ଡିମାଣ୍ଡ କରିଥିଲେ ଏନସିବି ଅଧିକାରୀ । ଏଭଳି ଏକ ବଡ ଅଭିଯୋଗ ଲାଗିଛି ନାରକୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋର ଜୋନାଲ ଡିରେକ୍ଟର ସମୀର ୱାଙ୍ଖେଡେଙ୍କ ବିରୋଧରେ । ଅକ୍ଟୋବର ୨ ତାରିଖରେ ଆରୟନ ଖାନଙ୍କୁ ମୁମ୍ବାଇ କ୍ରୁଜରୁ ଗିରଫ କରିବା ପରେ ତାଙ୍କୁ ଛାଡିବା ପାଇଁ ଏକ ବଡ ଡିଲ୍ ହୋଇଥିଲା ବୋଲି ଚର୍ଚ୍ଚା ହେଉଛି । ମହାରାଷ୍ଟ୍ର ମନ୍ତ୍ରୀଙ୍କ ଅଭିଯୋଗ ପରେ ତଦନ୍ତ ପରିସର ଭୁକ୍ତ ହୋଇଛନ୍ତି ସମୀର ୱାଙ୍ଖେଡେ । ସେପଟେ ନିଜ ଜୀବନ ପ୍ରତି ବିପଦ ଥିବା ପାଲଟା ଅଭିଯୋଗ ଆଣିଛନ୍ତି ସମୀର ୱାଙ୍ଖେଡେ । ଆରୟନ ଖାନ ଡ୍ରଗ୍ସ ମାଲାରେ ତଦନ୍ତ କରୁଥିବା ଏନସିବି ଜୋନାଲ ଡିରେକ୍ଟର ସମୀର ୱାଙ୍ଖେଡେଙ୍କୁ କରାଯିବ ଜେରା । ତାଙ୍କ ବିରୋଧରେ ଲାଞ୍ଚ ନେବା ନେଇ ଲାଗିଛି ସାଂଘାତିକ ଅଭିଯୋଗ । ଆରୟନ ଖାନଙ୍କୁ ଛାଡିବା ପାଇଁ ୨୫ କୋଟିର ଲାଞ୍ଚ ମାଗିଥିଲେ ଏନସିବି ଅଧିକାରୀ । ଏହି ଅଭିଯୋଗ ଆଣିଛନ୍ତି ଡ୍ରଗ୍ସ ମାମଲାର ସାକ୍ଷୀ ଥିବା କେପି ଗୋସ୍ୱାମୀଙ୍କ ▶▶ପୃଷ୍ଠା ୭

## ସିର୍ଦ୍ଧାଥ ନଗରରେ ୯ଟି ମେଡିକାଲ କଲେଜର ଉଦଘାଟନ



ନୂଆଦିଲ୍ଲୀ,୨୫/୧୦: ଉତ୍ତରପ୍ରଦେଶରେ ପ୍ରଧାନମନ୍ତ୍ରୀ । ବାରଣାସୀ ପହଞ୍ଚି ଏକାଧିକ ଜନ ମଙ୍ଗଳକାରୀ ଯୋଜନା ଶୁଭାରମ୍ଭ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ । ସେହପରି ସିର୍ଦ୍ଧାଥ ନଗରରେ ପହଞ୍ଚି ୯ ଟି ମେଡିକାଲ କଲେଜର ଉଦଘାଟନ କରିବା ସହ ପ୍ରଧାନମନ୍ତ୍ରୀ ଆତ୍ମନିର୍ଭର ସ୍ୱାସ୍ଥ୍ୟ ଭାରତ ଯୋଜନାର ଶୁଭାରମ୍ଭ କରିଛନ୍ତି । ଏହି ଗସ୍ତରେ ୟୁପି ବାସୀଙ୍କୁ ମୋଟ ୫ ହଜାର ୨ ଶହ କୋଟି ଟଙ୍କା ଭେଟି ଦେଇଛନ୍ତି ମୋଦୀ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଉତ୍ତରପ୍ରଦେଶ ଗସ୍ତରେ ଯାଇ ବିଭିନ୍ନ ପକଳ୍ପର ଉଦଘାଟନ କରିଛନ୍ତି । ନିଜ ନିର୍ବାଚନ ମଣ୍ଡଳୀ ଗସ୍ତ କରି ୫ ହଜାର ୨ ଶହ କୋଟି ଟଙ୍କା ଭେଟି ଦେଇଛନ୍ତି ମୋଦୀ । ବାରଣାସୀ ରେ ପହଞ୍ଚି ଆୟୁଷମାନ ଭାରତ ସ୍ୱାସ୍ଥ୍ୟ ଭିତ୍ତିଭୂମି ମିଶନର ଶୁଭାରମ୍ଭ କରିଛନ୍ତି । ସ୍ୱାସ୍ଥ୍ୟ ସେବାକୁ ଆହୁରି ସୁଦୃଢ କରିବା ଲାଗି ଏହି ପଦକ୍ଷେପ ନେଇଛନ୍ତି ମୋଦୀ । ଦେଶର ସ୍ୱାସ୍ଥ୍ୟ ଭିତ୍ତିଭୂମିକୁ ସୁଦୃଢ କରିବା ପାଇ ଆୟୁଷମାନ ଭାରତ ଯୋଜନାର ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଛନ୍ତି । ସିଦ୍ଧାର୍ଥନଗରରେ ପହଞ୍ଚି ୟୁପିର ୯ଟି ମେଡିକାଲ କଲେଜ ଉଦଘାଟନ କରିଛନ୍ତି ପ୍ରଧାନମନ୍ତ୍ରୀ । ଆଗକୁ ଉତ୍ତରପ୍ରଦେଶ ଦେଶର ମେଡିକାଲ ହବ ରୂପେ ପରିଚିତ ହେବ ବୋଲି କହିଛନ୍ତି ନରେନ୍ଦ୍ର ମୋଦୀ । ସେହିପରି ସଭାରେ ସମ୍ବୋଧନ କରିବା ସମୟରେ ବିରୋଧୀଙ୍କ ନାଁ ନନେଇ ବର୍ଷିଛନ୍ତି ପ୍ରଧାନମନ୍ତ୍ରୀ । କେନ୍ଦ୍ର ସରକାରଙ୍କ ଆୟୁଷମାନ ଭାରତ ଯୋଜନା ଦ୍ୱାରା ଦେଶର ୧୦ଟି ରାଜ୍ୟର ୧୭ ହଜାର ୭ ଶହ ୮୮ଟି ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ସିଧାସଳଖ ଲାଭବାନ ହେବେ ବୋଲି କହିଛନ୍ତି ପ୍ରଧାନମନ୍ତ୍ରୀ ।

### ଚୀନରେ ପୁଣି କରୋନା ଆତଙ୍କ

ନୂଆଦିଲ୍ଲୀ,୨୫/୧୦: ଚୀନରେ ଡେଲ୍ଟା ଆତଙ୍କ । କରୋନା ଭୂତାଣୁକୁ ନେଇ ଏବେ ଚୀନରେ ପୁଣିଥରେ ସ୍ଥିତି ଗମ୍ଭୀର ହେବାରେ ଲାଗିଛି । କରୋନା ଭୂତାଣୁର ଡେଲ୍ଟା ଭାରିଆଣ୍ଟ ଚୀନର ଉତ୍ତର-ପୂର୍ବ ରାଜ୍ୟରେ ବ୍ୟାପିବାରେ ଲାଗିଛି । ବିଶେଷ କରି ମଙ୍ଗୋଲିଆରେ ସଂକ୍ରମଣ ଦ୍ରୁତ ବେଗରେ ବଢୁଥିବା ଦେଖିବାକୁ ମିଳିଛି । ଫଳରେ ପ୍ରଶାସନ ପକ୍ଷରୁ ଲକଡାଉନ୍ କଟକଣାକୁ ପୁଣିଥରେ ଜାରି କରାଯାଇଛି । ଚୀନର ମଙ୍ଗୋଲିଆରେ କରୋନାର ଡେଲଟା ଭୂତାଣୁ ପ୍ରକୋପ ଦେଖିବାକୁ ମିଳୁଛି । ଯାହାକୁ ନେଇ ସମ୍ପୂର୍ଣ୍ଣ ମଙ୍ଗୋଲିଆକୁ ବନ୍ଦ କରାଯାଇଛି । କେବଳ ମଙ୍ଗୋଲିଆ ନୁହେଁ ଉତ୍ତର-ପୂର୍ବ ଚୀନର ଏକାଧିକ ପ୍ରୋଭିନ୍ସରେ କରୋନା ଆତଙ୍କ ଦେଖିବାକୁ ମିଳିଛି । ଫଳରେ ପ୍ରଶାସନ ପକ୍ଷରୁ କଡା ପଦକ୍ଷେପ ଗ୍ରହଣ କରାଯାଇଛି । ମଙ୍ଗୋଲିଆର ଇଜିନରେ ଲକଡାଉନ୍ କରାଯାଇଛି । ▶▶ପୃଷ୍ଠା ୭

## ପୌର ନିର୍ବାଚନ ପ୍ରସ୍ତୁତି : ଡିସେମ୍ବର ୧୩ ସୁଦ୍ଧା ପୁନର୍ଗଠନ, ସଂରକ୍ଷଣ ତାଲିକା ଦେବାକୁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ

ଭୁବନେଶ୍ୱର,୨୫/୧୦(ନି.ପ୍ର): ରାଜ୍ୟରେ ପୌର ନିର୍ବାଚନ ପାଇଁ ୱାର୍ଡ ପୁନର୍ଗଠନ, ସଂରକ୍ଷଣ କାର୍ଯ୍ୟ ସାରିବାକୁ ପଦକ୍ଷେପ ଆରମ୍ଭ ହୋଇଛି। ଏନେଇ ସବୁ ଜିଲ୍ଲାପାଳମାନଙ୍କୁ ଚିଠି ଲେଖିଛନ୍ତି ରାଜ୍ୟ ପୌର ପ୍ରଶାସନ ନିର୍ଦ୍ଦେଶକ। ଡିସେମ୍ବର ୧୩ ମଧ୍ୟରେ ପୁନର୍ଗଠନ, ସଂରକ୍ଷଣ ତାଲିକା ଦେବାକୁ ଚିଠି ମାଧ୍ୟମରେ ନିର୍ଦ୍ଦେଶ ଦିଆଯାଇଛି। ଆସନ ସଂରକ୍ଷଣ ଓ ସୀମା ନିର୍ଦ୍ଧାରଣ ନେଇ ନଭେମ୍ବର ୯ ତାରିଖରୁ ମତାମତ ଗ୍ରହଣ କରାଯିବ । ମତାମତ ଦାଖଲର ଶେଷ ଦିନ ରହିଛି ନଭେମ୍ବର ୧୮ ତାରିଖ । ନଭେମ୍ବର ୨୯ ତାରିଖରେ ସୀମା ନିର୍ଦ୍ଧାରଣ ଓ ସଂରକ୍ଷଣ ନେଇ ବିଜ୍ଞପ୍ତି ପ୍ରକାଶ ପାଇବ। ୨୯ ନଭେମ୍ବରରୁ ୧୩ ଡିସେମ୍ବର ମଧ୍ୟରେ ବିଜ୍ଞପ୍ତି ଉପରେ ଆପତି ଅଭିଯୋଗ ଦାଖଲ କରାଯାଇପାରିବ । ରାଜ୍ୟରେ ଥିବା ବିଭିନ୍ନ ମ୍ୟୁନିସିପାଲିଟି ଓ ଏନଏସିରେ ପୁଣି ଥରେ ଆସନ ସଂରକ୍ଷଣ ଓ ସୀମା ନିର୍ଦ୍ଧାରଣ କରାଯିବ । ଏ ନେଇ ଆବଶ୍ୟକ ପଦକ୍ଷେପ ନେବାକୁ ରାଜ୍ୟ ପୌର ପ୍ରଶାସନ ନିର୍ଦ୍ଦେଶକ ସଂଗ୍ରାମଜିତ ନାୟକ ଜିଲ୍ଲାପାଳମାନଙ୍କୁ ପତ୍ର ଲେଖି ନିର୍ଦ୍ଦେଶ ଦେଇଛନ୍ତି । ରାଜ୍ୟ ନିର୍ବାଚନ ଆୟୋଗଙ୍କ ଯୋଜନା ଅନୁସାରେ ଭୋଟର ତାଲିକା ପ୍ରସ୍ତୁତି ଓ ନିର୍ବାଚନ ପୂର୍ବରୁ ପୌରସଂସ୍ଥାଗୁଡ଼ିକର ସୀମା ନିର୍ଦ୍ଧାରଣ ଓ ଆସନ ସଂରକ୍ଷଣ ପ୍ରକ୍ରିୟାକୁ ଶେଷ କରାଯିବ। ୨୦୧୧ ଜନଗଣନାକୁ ବିଚାରକୁ ନିଆଯାଇ ପୌରସଂସ୍ଥାଗୁଡ଼ିକୁ ସମାନ ଜନସଂଖ୍ୟା ଅନୁସାରେ ୱାର୍ଡରେ ବିଭକ୍ତ କରାଯିବ। ସେହିପରି ଅନୁସୂଚୀତ ଜାତି, ଜନଜାତି, ପଛୁଆ ବର୍ଗ ଓ ମହିଳାମାନଙ୍କ ପାଇଁ ଆସନ ସଂରକ୍ଷଣ କରାଯିବ । ଏହି ପ୍ରକ୍ରିୟା ଜିଲ୍ଲାପାଳଙ୍କ ତତ୍ୱାବଧାନରେ କରାଯିବ ।

## ସତ୍ୟବିହାରରେ ସେକ୍ସ ର୍ୟାକେଟ୍ ଠାବ, ୩ ଯୁବତୀ ଉଦ୍ଧାର

ଭୁବନେଶ୍ୱର,୨୫/୧୦ (ନି.ପ୍ର): ଭୁବନେଶ୍ୱରରେ ସତ୍ୟବିହାରରେ କନସଲଟାନ୍ସି ସେଂଟର ନାମରେ ସେକ୍ସ ର୍ୟାକେଟ୍ ଚାଲିଥିବା ଅଭିଯୋଗ ହୋଇଛି। କମିଶନରେଟ୍ ପୋଲିସ ସତ୍ୟବିହାରରେ ଥିବା କନ୍‌ସଲଟାନ୍ସିରେ ଚଢ଼ଉ କରିଥିଲା। ଚଢ଼ଉ ସମୟରେ ଘର ଭିତରୁ ୩ ଜଣ ଯୁବତୀଙ୍କୁ ଉଦ୍ଧାର କରାଯାଇଛି। ଏହି ମାମଲାରେ କନ୍‌ସଲଟାନ୍ସି ଏଜେନ୍ସିର ମାଲିକକୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଏଥିସହ ଘର ଭିତରୁ ବହୁ ଆପତିଜନକ ସାମଗ୍ରୀ ଜବତ ହୋଇଛି। ରବିବାର ଜଣେ ମହିଳା ଦେହ ଦଲାଲଙ୍କ କବଳରୁ ଖସି ଆସି ମଂଚେଶ୍ୱର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ମହିଳାଙ୍କ ଅଭିଯୋଗକୁ ଭିତିକରି କମିଶନରେଟ୍ ପୋଲିସ୍ ଆଜି ଚଢାଉ କରିଥିଲା।

## ମହାତ୍ମା ଗାନ୍ଧୀ ଜାତୀୟ ଛାତ୍ରବୃତ୍ତିର ଦ୍ୱିତୀୟ ପର୍ଯ୍ୟାୟର ଶୁଭାରମ୍ଭ କଲେ କେନ୍ଦ୍ରମନ୍ତ୍ରୀ



ନୂଆଦିଲ୍ଲୀ/ଭୁବନେଶ୍ୱର,୨୫/୧୦ (ନି.ପ୍ର): କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସୋମବାର ନୂଆଦିଲ୍ଲୀରୁ ଭିଡିଓ କନଫରେନ୍ସିଂ ମାଧ୍ୟମରେ ମହାତ୍ମା ଗାନ୍ଧୀ ଜାତୀୟ ଛାତ୍ରବୃତି (ଏମ୍‌ଜିଏନଏଫ୍) ଦ୍ୱିତୀୟ ପର୍ଯ୍ୟାୟର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ଶ୍ରୀ ପ୍ରଧାନ ଛାତ୍ରବୃତିଧାରୀ ତଥା ଯୁବପିଢିଙ୍କୁ ଦକ୍ଷତା ବିକାଶର ପ୍ରୟାସରେ ତୃଣମୂଳ ସ୍ତରରେ ସାମାଜିକ ପରିବର୍ତନର ଅଗ୍ରଦୂତ ହେବାକୁ ପରାମର୍ଶ ଦେଇଛନ୍ତି। ଶ୍ରୀ ପ୍ରଧାନ କହିଛନ୍ତି ଯେ ମହାତ୍ମା ଗାନ୍ଧୀ ଜାତୀୟ ଛାତ୍ରବୃତି ହେଉଛି ଏକ ୨ ବର୍ଷୀୟା ଛାତ୍ରବୃତି। ଏହି ବୃତିର ଉଦ୍ଦେଶ୍ୟ ହେଉଛି ଜିଲ୍ଲା ସ୍ତରରେ ଦକ୍ଷତା ▶▶ପୃଷ୍ଠା ୭

## ୬୭ତମ ଜାତୀୟ ଚଳଚ୍ଚିତ୍ର ସମ୍ମାନ ବିତରଣ ଉତ୍ସବ



ନୂଆଦିଲ୍ଲୀ,୨୫/୧୦: ନୂଆଦିଲ୍ଲୀର ବିଜ୍ଞାନ ଭବନରେ ଅନୁଷ୍ଠିତ ହୋଇ ଯାଇଛି ଜାତୀୟ ଚଳଚ୍ଚିତ୍ର ପୁରସ୍କାର ବିତରଣ ଉତ୍ସବ । ଉପ-ରାଷ୍ଟ୍ରପତି ଭେଙ୍କୟା ନାଇଡୁ ଏବଂ ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ଅନୁରାଗ ଠାକୁର ମନୋନୀତ କଳାକାରଙ୍କୁ ଜାତୀୟ ସମ୍ମାନରେ ସମ୍ମାନିତ କରିଛନ୍ତି । ମଣିକର୍ଣ୍ଣିକା ଚଳଚିତ୍ର ପାଇଁ ଅଭିନେତ୍ରୀ କଙ୍ଗନାଙ୍କୁ ମିଳିଛି ଶ୍ରେଷ୍ଠ ଅଭିନେତ୍ରୀର ପୁରସ୍କାର । କଙ୍ଗନା ଚତୁର୍ଥ ଥର ପାଇଁ ନ୍ୟାସନାଲ ଆୱାର୍ଡ ବିଜେତା ହୋଇପାରିଛନ୍ତି । ସେହିପରି ଭାରତୀୟ ଫିଲ୍ମ ଜଗତର ବଳିଷ୍ଠ କଳାକାର ମନୋଜ ବାଜପେୟୀଙ୍କୁ ଭୋଁସଲେ ଫିଲ୍ମ ପାଇଁ ଶ୍ରେଷ୍ଠ ଅଭିନେତାର ପୁରସ୍କାର ମିଳିଛି । ସେହିପରି ତାମିଲ ଷ୍ଟାର ଧନୁଷ ମଧ୍ୟ ଅସୁରନ ଚଳଚିତ୍ରରେ ବଳିଷ୍ଠ ଅଭିନୟ ପାଇଁ ଶ୍ରେଷ୍ଠ ଅଭିନେତାର ଆୱାର୍ଡ ହାତେଇଛନ୍ତି । ଭାରତୀୟ ଫିଲ୍ମ ଜଗତକୁ ୭୦ ଦଶକରୁ ନିଜ ଅଭିନୟର ଜାଦୁଗରୀରେ ବାନ୍ଧିରଖିଥିବା ସାଉଥ ସୁପରଷ୍ଟାର ରଜନୀକାନ୍ତଙ୍କୁ ଦାଦା ସାହେବ ଫାଲକେ ସମ୍ମାନରେ ସମ୍ମାନୀତ କରାଯାଇଛି । ବର୍ଷ ବର୍ଷ ଧରି ନିଜର ସ୍ୱତନ୍ତ୍ର ଅଭିନୟ ପାଇଁ ଦର୍ଶକଙ୍କୁ ମନୋରଂଜନ ଯୋଗାଇ ଆସୁଛନ୍ତି ରଜନୀକାନ୍ତ । ଶିବାଜୀ, ରୋବୋର୍ଟ, ଚାଲବାଜ, ତ୍ୟାଗୀ ଭଳି ଚଳଚିତ୍ର ଜରିଆରେ ଫିଲ୍ମ ଇଣ୍ଡଷ୍ଟ୍ରିରେ ବେଶ ଲୋକପ୍ରିୟ ଥଲାଇବା । ନିଜର ଲୁକ ଆଉ ଡାଏଲଗକୁ ନେଇ ସବୁବେଳେ ▶▶ପୃଷ୍ଠା ୭

## ଧ୍ୱନି ପ୍ରତିଧ୍ୱନି ଓ ସାଗରିକାର ସଂପାଦିକା ସୈରିନ୍ଧ୍ରୀ ସାହୁଙ୍କ ଗଳ୍ପ ପୁସ୍ତକ 'ରଫ୍‌ଖାତାର ଚିତ୍ର' ଉନ୍ମୋଚିତ



ବାଲେଶ୍ୱର,୨୪/୧୦ (ନି.ପ୍ର): ସୈରିନ୍ଧ୍ରୀ ସାହୁଙ୍କ ଗଳ୍ପ ସାଧାରଣ ମଣିଷ ଜୀବନର ଅତି ବାସ୍ତବତାକୁ ନେଇ ବେଶ୍ ପ୍ରାଂଜଳ । ରଫ୍‌ଖାତାର ଚିତ୍ରରେ ବାସ୍ତବତାର କଥା ବର୍ଣ୍ଣିତ, ଯାହା ସାଧାରଣ ମଣିଷର ଜୀବନକୁ ହିଁ ଚିତ୍ରାୟିତ କରିଛି । ସୈରିନ୍ଧ୍ରୀଙ୍କ ଗଳ୍ପ କବିତା ପର୍ଯ୍ୟାୟର । ଏହା ଦିନେ ଇତିହାସ ପାଲଟିବ ଏହା ନିଃସନ୍ଦେହ । ମାଟି ଓ ଆକାଶ ମଧ୍ୟରେ 'ରଫ୍‌ଖାତାର ଚିତ୍ର' ଯେଉଁ ସମନ୍ୱୟ ରକ୍ଷା କରିଛି ତାହା ଓଡ଼ିଆ ସାହିତ୍ୟ ପାଇଁ ଗୋଟିଏ ସମ୍ଭାବନା । ସ୍ୱପ୍ନ ଓ ଭାବପ୍ରବଣତାର ଉର୍ଦ୍ଧ୍ୱକୁ ଉଠି ଫକୀରମୋହନଙ୍କ ଭଳି ସାମ୍ପ୍ରତିକ ସମୟରେ ଜନଜୀବନରେ ଦୈନନ୍ଦିନ ଘଟୁଥିବା ଘଟଣା ଓ ଦୁର୍ଘଟଣାକୁ ସଂକ୍ଷିପ୍ତ କାହାଣୀକୁ ପ୍ରକାଶ କରି ସୈରିନ୍ଧ୍ରୀ ଗୋଟେ ନୂଆ ପରମ୍ପରା ସୃଷ୍ଟି କରିଛନ୍ତି ବୋଲି ଅତିଥିମାନେ 'ରଫ୍‌ଖାତାର ଚିତ୍ର'କୁ ଉନ୍ମୋଚନ କରିବା ଅବସରରେ ମତ ରଖିଥିଲେ । ସୂଚନାଯୋଗ୍ୟ ଯେ, ଏକ ବର୍ଣ୍ଣାଢ୍ୟ ପରିବେଶ ମଧ୍ୟରେ ହୋଟେଲ ଫାଣ୍ଟାସୀର ସଭାକକ୍ଷରେ ଧ୍ୱନି ପ୍ରତିଧ୍ୱନି ଓ ସାଗରିକାର ସଂପାଦିକା ସୈରିନ୍ଧ୍ରୀ ସାହୁଙ୍କ ଗଳ୍ପ ପୁସ୍ତକ 'ରଫ୍‌ଖାତାର ଚିତ୍ର' ଗତକାଲି ଉନ୍ମୋଚିତ ହୋଇଯାଇଛି । ଏହି ଉତ୍ସବ ଧ୍ୱନି ପ୍ରତିଧ୍ୱନିର ପରିଚାଳନା ନିର୍ଦ୍ଦେଶକ ସୃଷ୍ଟିଧର ପରିଡ଼ାଙ୍କ ଆବାହକତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବକୁ ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ▶▶ପୃଷ୍ଠା ୭

# ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ସଚେତନତା ଶିବିର




ଭଦ୍ରକ,୨୫/୧୦ (ନି.ପ୍ର): ସମ୍ବିଧାନର ଧାରା ୩୯-(କ)କୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ୧୯୮୭ ମସିହାରେ "ଆଇନ ସେବା ପ୍ରାଧିକରଣ ଅଧିନିୟକ" ନାମକ ଏକ ଆଇନ ପ୍ରଚଳନ କରିଛନ୍ତି । ଏହା ୧୯୯୫ରୁ କାର୍ଯ୍ୟକ୍ଷମ ହୋଇ ଜାତୀୟସ୍ତରରୁ ଆରମ୍ଭ କରି ଜିଲ୍ଲାସ୍ତର ପର୍ଯ୍ୟନ୍ତ ବଳବତ୍ତର ରହିଛି । ଜିଲ୍ଲାସ୍ତରରେ ଆଇନ ସେବା ଯୋଗାଇଦେବା ନିମନ୍ତେ କେତେକ ବର୍ଗର ବ୍ୟକ୍ତିବିଶେଷଙ୍କୁ ନିଶୂଳ୍କ ଆଇନ ସେବା ଯୋଗାଇ ଦେବାର ବ୍ୟବସ୍ଥା କରଯାଇଥିଲା । ଯାହାର ବହୁ ସୁଫଳ ବିଭିନ୍ନ ନ୍ୟାୟିକ ମାମଲାରେ ଛନ୍ଦି ହୋଇ ପଡ଼ିଥିବା ବ୍ୟକ୍ତିବିଶେଷ ପାଇବାରେ ସକ୍ଷମ ହୋଇଛନ୍ତି । ତଫସିଲଭୂକ୍ତ ଜାତି ଉପଜାତି, ଭିକ୍ଷୁକ, ମହିଳା, ଶିଶୁ, ପ୍ରାକୃତିକ ବିପର୍ଯ୍ୟୟ ପିଡ଼ିତ ଓ ଦଙ୍ଗା ପିଡ଼ିତ, ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତି, ହାଜତରେ ଥିବା କିମ୍ବା ବିଚାରାଧିନ ବନ୍ଦି, ବରିଷ୍ଠ ନାଗରିକ, ତୃତୀୟ ଲିଙ୍ଗ, ଏଚଆଇଭି ପିଡ଼ିତ ଏବଂ ସର୍ବୋପରି ଯେଉଁ ପରିବାରର ଆୟ ବାର୍ଷିକ ୨ ଲକ୍ଷ ଟଙ୍କାରୁ କମ୍ ଥିବ, ସେମାନେ ଏହି ସେବାର ସୁଯୋଗ ବିନା ଶୁଳ୍କରେ ନେଇ ପାରିବେ । ଏପରି ଲକ୍ଷ୍ୟ ନେଇ ଆଇନ ସେବା ପ୍ରାଧିକରଣ କାର୍ଯ୍ୟ କରି ଚାଲିଛି । ଏହି ମର୍ମରେ ପ୍ରାଧିକରଣ ପକ୍ଷରୁ ଆଜି ଗେଲଟୁଆ ପଞ୍ଚାୟତ ଠାରେ ଏକ ସଚେତନତା ଶିବିର ପ୍ରାଧିକରଣର ସଂପାଦିକା ସମାପିକା ମହାନ୍ତିଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱବଧାନରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲ୍ଲା ଜଜ୍ ତଥା ପ୍ରାଧିକରଣର ଚେଆରପର୍ସନ ଶିଶିର କୁମାର ରଥ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନ୍ୟାୟରୁ ବଞ୍ଚିତ ହେଉଛନ୍ତି ବୋଲି ଅନୁଭବ କରୁଥିବା ପ୍ରତ୍ୟେକ ବ୍ୟକ୍ତି ପ୍ରାଧିକାରଣର ନିଶୁଳ୍କ ସାହାର୍ଯ୍ୟ ନେବାକୁ ଆହ୍ୱାନ ଦେଇଥିଲେ । ଏହା ବ୍ୟତୀତ ଏଦିଗରେ ବ୍ୟାପକ ଜନ ସଚେତନତା ସୃଷ୍ଟି କରିବାକୁ ମତପୋଷଣ କରିଥିଲେ । ଏହିକ୍ରମରେ ରବିବାର ଆଇନ ସେବା ପ୍ରାଧିକରଣର ଅଧିକୃତ ଆଇନଜୀବୀ ଦୀପକ କୁମାର ସାହୁ, ସ୍ଥାନୀୟ ସରପଞ୍ଚ ସରୋଜ କୁମାର ଦାସ, ଭଦ୍ରକ ବାର ଆସୋସିଏସନର ସଂପାଦକ ଜିତେନ୍ଦ୍ର ପଣ୍ଡା, ବିଭାଗୀୟ କାର୍ଯ୍ୟାଳୟର ସାନା କାଦ୍ରୀ, ସରୋଜ ସେଠୀ, ଗେଲଟୁଆ ନୋଡାଲ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ଚାରୁଲତା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ । ଏହାବ୍ୟତୀତ ସଂପୃକ୍ତ ଅଞ୍ଚଳର ଶତାଧିକ ବ୍ୟକ୍ତିବିଶେଷ, ଅଙ୍ଗନୱାଡ଼ି, ଆଶା କର୍ମୀ ଉପସ୍ଥିତ ଥିଲେ । ଅନୁରୂପ ଶନିବାର ଭଦ୍ରକ ବ୍ଲକ ଓଲଙ୍ଗ ପଞ୍ଚାୟତରେ ମଧ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା । ସଂପୃକ୍ତ ପଞ୍ଚାୟତର ସରପଞ୍ଚ ଦେବୀଦତ୍ତା ମହାନ୍ତି, ସରପଞ୍ଚଙ୍କ ପ୍ରତିନିଧି ଅକ୍ଷୟ କୁମାର ମହାନ୍ତିଙ୍କ ସମେତ ଜଣାଶୁଣା ଆଇନଜୀବୀ ଡ. ତାପସ କୁମାର ମହାନ୍ତି ଉପସ୍ଥିତ ରହି ଆଇନ ସେବା ପ୍ରାଧିକରଣର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅଙ୍ଗନୱାଡ଼ି କର୍ମୀ, ସୁପରଭାଇଜର, ଆଶା କର୍ମୀଙ୍କ ସମେତ ଶତାଧିକ ଗ୍ରାମବାସୀ ଉପସ୍ଥିତ ଥିଲେ ।

## ଦୀପ୍ତିରେଖାଙ୍କ କଣ୍ଠର ଯାଦୁର କମ୍ପିଲା ଶରଧାବାଲି : କଳା ସଂସ୍କୃତିର କୁମାର ଉତ୍ସବ ଉଦ୍‌ଯାପିତ

ପୁରୀ ,୨୫/୧୦ (ନି.ପ୍ର): କଳା ସଂସ୍କୃତି ଐତିହ୍ୟ ପରମ୍ପରାକୁ ନେଇ କୁମାର ଉତ୍ସବ ସମିତ ପକ୍ଷରୁ ୫୪ତମ କୁମାର ଉତ୍ସବ ୨୦୨୧ ଶରଧାବାଲି ମୁକ୍ତାକାଶ ରଙ୍ଗମଞ୍ଚରେ ୩ଦିନ ଧରି ପାଳିତ ହୋଇଯାଇଛି । ଓଡ଼ିଶାର ପ୍ରଖ୍ୟାତ କଣ୍ଠଶିଳ୍ପୀ ଦୀପ୍ତିରେଖା ପାଢୀ ତାଙ୍କ କଣ୍ଠର ଯାଦୁରେ ଶରଧାବାଲି ଅଞ୍ଚଳକୁ କମ୍ପାଇ ଦେଇଥିଲେ । ରୋମାଂଟିକ ଗୀତର ସ୍ୱରରେ ସ୍ୱର ମିଳାଇ ଯୁବକମାନେ ଶୀତରାତିର ମାହାଲକୁ ଉଷ୍ମତା କରିଦେଇଥିଲେ । ଜୀ ସାରେଗାମାପାର ଚଳିତବର୍ଷ ବିଜେତା କୁନି କଣ୍ଠଶିଳ୍ପୀ ଦେବାଂଶୀ ଦାଶ ତାଙ୍କ ଲାଳିତ୍ୟ କଣ୍ଠରେ ଶ୍ରୋତାଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ । ଶେଷଦିନରେ ପୂର୍ବତନ କୁଳପତି ହରେକୃଷ୍ଣ ଶତପଥୀ, ବ୍ରହ୍ମଗିରି ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ପୁରୀ ବିଧାୟକ ଜୟନ୍ତ ଷଡ଼ଙ୍ଗୀ , ତୋଷାଳି ସ୍ୟାଣ୍ଡସର ନିର୍ଦ୍ଦେଶକ ଟି ବାନାମ୍ବର ପାତ୍ର, କାର୍ଯ୍ୟକାରୀ ସଭାପତି ରାଜେଶ ମିଶ୍ର, ରତନ କୁମାର ଦାସ, ଉପଦେଷ୍ଟା ସତ୍ୟପ୍ରକାଶ ନାୟକ, ଭରତ ନାୟକ, ସାଧାରଣ ସମ୍ପାଦକ ସ୍ୱାଧୀନ ପଣ୍ଡା , ଉପଦେଷ୍ଟା କେଦାର ମିଶ୍ର, ଅରୁଣ ବିଶ୍ୱାଳ, ଯୋଗଦେଇଥିଲେ । କଣ୍ଠଶିଳ୍ପୀ ଦର୍ଶନା କର, ଦୁର୍ଗା,ଜାଙ୍କସିନୀ କଣ୍ଠଦାନ କରିଥିଲେ । ତିନିଦିନ ଯାକ କାର୍ଯ୍ୟକ୍ରମକୁ ଶ୍ୟାମପ୍ରକାଶ ସେନାପତି , ଭରତ ନାୟକ ଓ ପିୟୁଷ ଉପସ୍ଥାପନା କରିଥିଲେ । ଦ୍ୱିତୀୟ ସଂଧାର କାର୍ଯ୍ରକ୍ରମରେ ଜଟଣୀ ବିଧାୟକ ସୁରେଶ ରାଉତରାୟ , ସିଫାର ନିର୍ଦ୍ଦେଶକ ଡ଼କ୍ଟର ସରୋଜ ସ୍ୱାଇଁ ,ପୂର୍ବତନ କାଉନସିଲର ସରସ୍ୱତୀ ପାତ୍ର, ଶ୍ରୀକାନ୍ତ ମହାନ୍ତି, ସୁକାନ୍ତ ପଣ୍ଡା ପ୍ରମୁଖ ୁପସ୍ଥିତ ଥିଲେ । ଉଦଘାଟନୀ କାର୍ଯ୍ୟକ୍ରମରେ ବିଶିଷ୍ଟ କଳାକାର ହଳଧର ନାଗ,ବିଶିଷ୍ଟ ସ୍ନାୟୁ ଡ଼ାକ୍ତର ଅଶୋକ ମହାପାତ୍ର, ହାଇକୋର୍ଟ ଆଇନଜୀବୀ ବିଭୁ ପ୍ରସାଦ ତ୍ରିପାଠୀ, ବରିଷ୍ଠ ସେବାୟତ ଭଗବାନ ସୁଆର ଯୋଗ ଦେଇଥିଲେ । ଏହି ଅବସରରେ ଅନୁଷ୍ଠାନର ସ୍ମରଣୀକା ଉନ୍ମୋଚନ ହୋଇଥିଲା ।

## ବିଷାକ୍ତ କଉଡ଼ିଆ ଚିତି ସାପ ଉଦ୍ଧାର କଲେ ସ୍ନେକ ହେଲପ ଲାଇନ

କେନ୍ଦ୍ରାପଡ଼ା,୨୫/୧୦ (ନି.ପ୍ର): ସ୍ନେକ ହେଲପ ଲାଇନ ସଦସ୍ୟ ଆଶୁତୋଷ ମହାନ୍ତିଙ୍କ ଦ୍ୱାରା ଏକ ବିଷାକ୍ତ କଉରିଆ ଚିତି ସାପ ଉଦ୍ଧାର କରାଯାଇ ଥିବା ଜଣାପଡିଛି । ସାପଟି ଶନିବାର ରାତିରେ ଗୋପ ଗ୍ରାମର ଆଇନଜୀବି ନିରାକାର ପ୍ରଧାନଙ୍କ ଘର ଭିତରେ ପଶି ରହିଥିଲା । ଖବର ପାଇ ଆଶୁତୋଷ ସାପଟିକୁ ଧରି ନେଇଥିବା ଜଣାପଡିଛି ।

## ୮ନଂ ଜୋନରେ ସ୍ୱାସ୍ଥ୍ୟକର୍ମୀଙ୍କୁ ସମ୍ବର୍ଦ୍ଧନା

କେନ୍ଦ୍ରାପଡ଼ା,୨୫/୧୦ (ନି.ପ୍ର): କେନ୍ଦ୍ରାପଡା ବ୍ଲକ ଅଧିନ ୮ନଂ ଜୋନ କଳପଡା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ନିଯୁକ୍ତ ସ୍ୱାସ୍ଥ୍ୟକର୍ମୀ ମାନଙ୍କୁ ବିଜେପି ଯୁବମୋର୍ଚ୍ଚା ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଛି । ଦେଶରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଟୀକାକରଣ କାର୍ଯ୍ୟକ୍ରମ ୧୦୦ କୋଟିରୁ ଉର୍ଦ୍ଧ୍ୱ ସଫଳତା ହାସଲ କରିଥିବାରୁ ଏହାକୁ ସଫଳ କରିଥିବା ସ୍ୱାସ୍ଥ୍ୟକର୍ମୀଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି । ଯୁବନେତା ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଲଲାଟ କେଶରୀ ସାମଲଙ୍କ ନେତୃତ୍ୱରେ ପଂଚାୟତ ସଭାପତି ମନୋମୋହନ ବେହୁରା, ପ୍ରଭାତ ସ୍ୱାଇଁ, ଅଶୋକ ପରିଡା, ସରୋଜ ରାଉତ ପ୍ରମୁଖ ମେଡିକାଲ ଷ୍ଟାଫ ଓ ଟୀକା କର୍ମଚାରୀଙ୍କୁ ସମ୍ବର୍ଦ୍ଧନା ଦେଇଥିଲେ ।

## ୫ ଲିଟର ଦେଶୀ ମଦ ଜବତ: ବେପାରି ଗିରଫ

କୋରେଇ,୨୫/୧୦ (ନି.ପ୍ର): ସରକାରଙ୍କ ତ୍ରୁଟିପୂର୍ଣ୍ଣ ନିଷ୍ପତି ଯୋଗୁ ଗ୍ରାମାଂଚଳରେ ମଦ ଦୋକାନ ବିରୋଧ ସତ୍ୱେ ଦୋକାନ ଖୋଲା ଚାଲିଛ । ଏ ସବୁ ସତ୍ୱେ ମଧ୍ୟ ଚୋରା ମଦ ବେପାର ଜାରି ରହିଛି । ଅବକାରୀ ବିଭାଗ ଓ ପୁଲିସର ଚଢାଉ ସମୁଦ୍ରକୁ ଶଙ୍ଖେ ସଦୃଶ ହୋଇଛି । ପାଣିକୋଇଲି ଥାନାର ଶଙ୍ଖଚିଲା ଫାଣ୍ଡି ଅଧିନସ୍ଥ ଶଙ୍ଖଚିଲା ଖମଣ ପଂଚାୟତର ଠାକୁରପାଟଣା ଗ୍ରାମରେ ମଦ ବେପାରର ସୁରାଗ ପାଇଁ ପୁଲିସ ପକ୍ଷରୁ ଚଢାଉ କରାଯାଇଥିଲା । ଚଢାଉ ସମୟରେ ଠାକୁରପାଟଣା ଗ୍ରାମର କିର୍ତନ ମଲ୍ଲିକଙ୍କ ପୁଅ ଗୌରାଙ୍ଗ (୪୯) ନିକଟରୁ ୫ ଲିଟର ଦେଶୀ ମଦ ଜବତ କରାଯାଇଥିଲା । ଏନେଇ ଏକ ମାମଲା ୨୬୮/୨୧ ରୁଜୁ କରାଯାଇ ଗୌରାଙ୍ଗକୁ ଗିରଫ କରାଯାଇ ତଦନ୍ତ ଜାରି ରହିଥିବା ଫାଣ୍ଡି ଅଧିକାରୀ ଏଏସଆଇ ଅମୀୟ ବେହେରାଙ୍କ ସୂତ୍ରରୁ ପ୍ରକାଶ ।

## ସୁଟୁଣୀ ଘାଟିରେ ଡ଼କାୟତି ଘଟଣାରେ ୪ ଗିରଫ

କନ୍ଧମାଳ,୨୫/୧୦ (ନି.ପ୍ର): କନ୍ଧମାଳ ଜ୍ଲିଲ୍ଲା ଗୋଛାପଡା ଥାନା ଅନ୍ତର୍ଗତ ସୁଟୁଣୀ ଘାଟିରେ ହୋମଗାର୍ଡ ସୁଧୀର ସାହାଣୀଙ୍କ ବାଇକ କୁ ଅଟକାଇ ମାରଣାସ୍ତ୍ର ଦେଖାଇ ତାଙ୍କୁ ମାଡ ମାରିବାସହ ଧମକ ଦେଖାଇ ଡକାୟତି କରିଥିବା ଅଭିଯୋଗରେ ଗୋଛାପଡ଼ା ପୋଲିସ ଚାରି ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି । ଗିରଫ ଅଭିଯୁକ୍ତ ମାନେ ହେଲେ ଫିରିଙ୍ଗିଆ କୁଟୁନି ପଦର ଗ୍ରାମର ପଲାସା ଅମାତ, ଗୋଛାପଡ଼ା ଥାନା ବାଘ ଡୁଙ୍ଗୁରି ଗ୍ରାମର ଦୁଃଖିଶ୍ୟାମ ଡିଗାଲ, ଫୁଲବାଣୀ ସହରର କର୍ଣ୍ଣ ନାୟକ ଏବଂ ଗୋଛାପଡା ଥାନା ବାଲନ୍ଦା ପଡାର ଗଙ୍ଗା ଡିଗାଲ ବୋଲି ପୋଲିସ କହିଛି । ଗୋଛାପଡା ପୋଲିସ ୯୮/୨୨ ଧାରା ୩୪୧, ୩୨୩, ୩୩୨, ୩୫୩, ୩୯୪, ୩୦୭ ଧାରାରେ ମାମଲା ରୁଜୁ କରି ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିବା ନେଇ ଥାନା ଅଧିକାରୀ ରଂଜିତ କୁମାର ମୁନି ସୂଚନା ଦେଇଛନ୍ତି । ସୂଚନା ଯୋଗ୍ୟ ଯେ, ଗତକାଲି ଖଜୁରୀପଡା ଖେତାପାଜୁ ଗ୍ରାମର ହୋମଗାର୍ଡ ସୁଧୀର ସରକାରୀ କାର୍ଯ୍ୟରେ ସୁଟୁଣୀ ଗ୍ରାମକୁ ଯାଉଥିବା ବେଳେ ସୁଟୁନୀ ଘାଟିର ଇଉ ଟର୍ଣ୍ଣିଙ୍ଗ ରେ ଅଭିଯୁକ୍ତ ମାନେ ଏକ ମହିନ୍ଦ୍ରା ମାରାଜୋ କାର୍ ରେ ସୁଧୀରଙ୍କୁ ଅଟାକାଇ ମରଣାସ୍ତ୍ର ଦେଖାଇ ମୋବାଇଲ ଓ ଟଙ୍କା ଲୁଟ୍ କରିଥିଲେ । ଏ ନେଇ ହୋମଗାର୍ଡ ଜଣକ ଥାନାରେ ଅଭିଯୋଗ କରିଥିଲେ ।

## ବିଧାନସଭା ଏଥିକ୍ସ କମିଟିର ଦୁଇଦିନିଆ ବୌଦ୍ଧ ଜିଲା ଗସ୍ତ : ଉନ୍ନୟନ ନେଇ ସମୀକ୍ଷା କଲେ

ବୌଦ୍ଧ,୨୫/୧୦ (ନି.ପ୍ର): ବିଧାନସଭା ଏଥିକ୍ସ କମିଟି ଦୁଇ ଦିନିଆ ବୌଦ୍ଧ ଜିଲା ଗସ୍ତରେ ଆସି ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିବା ସହିତ କ୍ଷେତ୍ର ପରିଦର୍ଶନ କରିଛନ୍ତି । କମିଟିର ଅଧକ୍ଷ ତଥା ବିଧାୟକ ଅମର ପ୍ରସାଦ ଶତପଥିଙ୍କ ନେତୃତ୍ୱରେ କମିଟି ସଦସ୍ୟ ପ୍ରଦୀପ କୁମାର ଅମାତ, କିଶୋର କୁମାର ମହାନ୍ତି, ପ୍ରଫୁଲ୍ଲ ସାମଲ, ଭୂପିନ୍ଦର ସିଂ, ସୁବାସ ଚନ୍ଦ୍ର ପାଣିଗ୍ରାହୀ ଓ ଦଶରଥ ଗମାଙ୍ଗ ପ୍ରମୁଖ ସୋନପୁର ଜିଲା ଗସ୍ତ ସାରି ବୌଦ୍ଧ ଠାରେ ପହଁଚିଥିଲେ । ଏଥିକ୍ସ କମିଟିର ଅଧକ୍ଷ ଓ ସଦସ୍ୟମାନଙ୍କୁ କଂଟାମାଳ ବିଧାୟକ ମହିଧର ରଣା, ଜିଲାପାଳ ଲଲାଟେନ୍ଦୁ ମିଶ୍ର ପ୍ରମୁଖ ଉତରିୟ ପ୍ରଦାନ କରି ସ୍ୱାଗତ କରିଥିଲେ । କମିଟି ସଦସ୍ୟମାନେ ଗତ ରାତିରେ ଜିଲା ସଂଗ୍ରହାଳୟ ପରିଦର୍ଶନ କରି ଜିଲାର କଳା, ଐତିହ୍ୟ ଓ ସଂସ୍କୃତି ସମ୍ପର୍କରେ ଜାଣିଥିଲେ । ରବିବାର ଦିନ ଡିଆରଡିଏ ଠାରେ ଅନୁଷ୍ଠିତ ଏକ ଜିଲାସ୍ତରୀୟ ବୈଠକରେ ଜିଲାରେ ଚାଲିଥିବା ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଥିଲେ । ରବିବାର ଦିନ କମିଟି ସଦସ୍ୟମାନେ ବୌଦ୍ଧର ଐତିହାସିକ ପୀଠ ଗନ୍ଧ୍ରରାଡ଼ୀର ଜମଜ ମନ୍ଦିର, ରାମେଶ୍ୱର ମନ୍ଦିର ଓ ବୁଦ୍ଧ ମନ୍ଦିରରେ ଥିବା ଭୂମୀସ୍ୱର୍ଶ ମୁଦ୍ରାର ବିରଳ ପ୍ରତିମୂର୍ତି ପରିଦର୍ଶନ କରିଥିଲେ । କମିଟିର ଏହି ଗସ୍ତ ସମୟରେ ଜିଲାପାଳ, ଉପଜିଲାପାଳ, ପ୍ରକଳ୍ପ ନିର୍ଦ୍ଧେଶିକାଙ୍କ ସମେତ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ରହିଥିଲେ ।

## ଓଡିଶା ସାମ୍ବାଦିକ ସଂଘ କନ୍ଧମାଳ ଶାଖାର ସାଧାରଣ ପରିଷଦ ବୈଠକ

କନ୍ଧମାଳ,୨୫/୧୦ (ନି.ପ୍ର): ଓଡିଶା ସାମ୍ବାଦିକ ସଂଘ କନ୍ଧମାଳ ଶାଖାର ସାଧାରଣ ପରିଷଦ ବୈଠକ ଫୁଲବାଣୀ ସାମ୍ବାଦିକ ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଫୁଲବାଣୀ ବିଧାୟକ ଅଙ୍ଗଦ କହଁର ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ । ଜିଲ୍ଲା ସଭାପତି ରାଧାମୋହନ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ସମ୍ମାନିତ ଅତିଥି ଭାବେ ରାଜ୍ୟ ସାଧାରଣ ସମ୍ପାଦକ ଶଶୀ ଭୂଷଣ ପ୍ରହରାଜ, ଏବଂ ରାଜ୍ୟ କୋଷାଧକ୍ଷ ଅରୁଣ କୁମାର ଷଡ଼ଙ୍ଗୀ ଯୋଗଦେଇଥିଲେ । ଜିଲ୍ଲା ସମ୍ପାଦକ ପ୍ରିୟବ୍ରତ ସାହୁ ଏଥିରେ ଅତିଥିଙ୍କୁ ସ୍ୱାଗତ ଜଣାଇବା ସହ ଆସନ ଅଳକୃତ ପାଇଁ ଅତିଥିଙ୍କୁ ନିମନ୍ତ୍ରଣ କରିଥିଲେ । ଏହା ପରେ ସଭାପତି ରାଧାମୋହନ ମହାପାତ୍ର ମୁଖ୍ୟ ଅତିଥି, ସମ୍ମାନିତ ଅତିଥି, ଏବଂ ସଂଘର ଉପସ୍ଥିତ ସଭ୍ୟଙ୍କୁ ଶୁଭେଚ୍ଛା ଜଣାଇବା ସହ ସଂଘର ପରିଚାଳନା ସମ୍ପର୍କରେ ସମ୍ୟକ୍ ଦୃଷ୍ଟି ଦେଇଥିଲେ । ରାଜ୍ୟ ସମ୍ପାଦକ ଶଶୀ ଭୂଷଣ ପ୍ରହରାଜ ଏବଂ କୋଷାଧକ୍ଷ ଅରୁଣ କୁମାର ଷଡ଼ଙ୍ଗୀ ସାମ୍ବାଦିକଙ୍କ ସୁରକ୍ଷା ଓ ସରକାରଙ୍କ ସାମ୍ବାଦିକ ସ୍ୱାସ୍ଥ୍ୟବୀମା କରଣ ସହ ସରକାରଙ୍କ ବିଭିନ୍ନ ଯୋଜନାରେ ସାମ୍ବାଦିକଙ୍କୁ କିଭଳି ଅନ୍ତର୍ଭୁକ୍ତ କରି ସହାୟତା ଯୋଗାଇ ଦିଆଯାଇପାରିବ ସେ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ଆଉ ମୁଖ୍ୟ ଅତିଥି ବିଧାୟକ ଅଙ୍ଗଦ କହଁର କନ୍ଧମାଳ ଜିଲ୍ଲାର ବିକାଶରେ ସାମ୍ବାଦିକଙ୍କର ଭୂମିକା ଅଧିକ ଗୁରୁତ୍ୱପୂର୍ଣ୍ଣ ରହିଅଛି । ଏଣୁ, ସାମ୍ବାଦିକ ମାନଙ୍କ କାର୍ଯ୍ୟକୁ ସେ ଭୂୟସୀ ପ୍ରଶଂସା କରିଥିଲେ ।

ଏହି ବୈଠକରେ ଜିଲ୍ଲାର ବିଭିନ୍ନ ବ୍ଲକରୁ ଓଡିଶା ସାମ୍ବାଦିକ ସଂଘର ସଦସ୍ୟ ମାନେ ଯୋଗଦେଇଥିବା ବେଳେ ଶେଷରେ ଜିଲ୍ଲା କୋଷାଧକ୍ଷ ବଟକୃଷ୍ଣ ଦାସ ଅତିଥି, ସମ୍ମାନିତ ଅତିଥି ଓ ସଭିଙ୍କୁ ଧନ୍ୟବାଦ ଜଣାଇଥିଲେ ।

# ଡ଼ିଆସିଲି କାଠିର ବିଶ୍ୱକର୍ମା ଶାଶ୍ୱତ

ପୁରୀ ,୨୫/୧୦ (ନି.ପ୍ର): ଡ଼ିଆସିଲି କାଠିରେ ଖେଳୁ ଖେଳୁ ଦିନେ ଏହି ଡ଼ିଆସିଲି କାଠି ତାଙ୍କୁ ବିଶ୍ୱ ବିଖ୍ୟାତ କରିବ ସେକଥା ଚିନ୍ତା କରିନଥିଲେ । ନିଜର ନିଷ୍ଠା ,ଚେଷ୍ଟା ଓ ପ୍ରଚେଷ୍ଟା ସହ ନୂତନ କଳା କୌଶଳ ନିର୍ମାଣ କରି ବିଶ୍ୱକୁ ଚକିତ କରିଛନ୍ତି ପୁରୀ ସହର କୁମ୍ଭାରପଡ଼ାର ଯୁବଶିଳ୍ପୀ ଶାଶ୍ୱତ ରଞ୍ଜନ ସାହୁ । କରୋନା ସମୟରେ ବାହାରକୁ ନଯାଇ ଘରେ ଡ଼ିଆସିଲି କାଠିରେ ବିଭିନ୍ନ ଆକୃତି ଗଢୁ ଗଢୁ ଆସ୍ତେ ଆସ୍ତେ ଲୋକଲୋଚନକୁ ଆସିଥିଲେ ଶାଶ୍ୱତ । ମହାପ୍ରଭୁଙ୍କ ନାଗାର୍ଜ୍ଜୁନ ବେଶ କରୋନା ଯୋଗୁଁ ଭକ୍ତମାନେ ଦର୍ଶନ କରିପାରିବେ ନାହିଁ ବୋଲି ପ୍ରଶାସନ ଜଣାଇଥିଲା । ଶାଶ୍ୱତ ଶ୍ରୀଜଗନ୍ନାଥକୁ ଅତି ଭକ୍ତି କରେ । ନାଗାର୍ଜ୍ଜୁନ ବେଶ ନହେବା ଶୁଣି ତାଙ୍କ ମୁଣ୍ଡରେ ବେଶ ତିଆରି କରିବାର ନିଶା ଲାଗିଲା । ବହୁ ଡ଼ିଆସିଲି କା ଠି ଭାଙ୍ଗିବା ଯୋଡ଼ିବା ଭିତରେ ନାଗାର୍ଜୁନ ବେଶ ନିର୍ମାଣ କରିବାରେ ସଫଳ ହୋଇଥିଲେ । ଏହି ନିଶା ପ୍ରଶଂସାରେ ପରିବର୍ତନ ହେବ ବୋଲି ସେଜାଣିନଥିଲେ । ପ୍ରଶଂସା ପାଇବା ପରେ ଡ଼ିଆସିଲି କାଠିରେ ବିଭିନ୍ନ କଳାକୃତି ନିର୍ମାଣ କରିବା ପାଇଁ ତାଙ୍କର ଆଗ୍ରହ ବଢିଲା । ନାଗାର୍ଜୁନ ବେଶରେ ୧୧ ହଜାର ୬ଶହ ଖଣ୍ଡ ଡ଼ିଆସିଲି କାଠି ବ୍ୟବହୃତ ହୋଇଥିଲା । ଏହାର ଉଚ୍ଚତା ୨୬ ଇଂଚ ଥିବା ବେଳେ ଚଉଡ଼ା ୨୯ ଇଞ୍ଚ ରହିଥିଲା ଏହାକୁ ନିର୍ମାଣ କରିବା ପାଇଁ ୩୦ ଦିନ ଲାଗିଥିଲା । ପରେ ଏହି କଳାକୃତିକୁ ମହାମହିମ ରାଜ୍ୟପାଳ ଗଣେଶୀ ଲାଲକୁ ପ୍ରଦାନ କରିଥିଲେ । ବାୟୁସେନା ଦିବସ ଉପଲକ୍ଷେ ୧୩ଶହ ୬୦ ଡ଼ିଆସିଲି କାଠି ବ୍ୟବହାର କରି ଗୋଟିଏ ଉଡ଼ାଜାହାଜ ନିର୍ମାଣ କରିଥିଲେ । ଗଣେଶ ପୂଜା ପୂର୍ବରୁ ୫ହଜାର ୬୨୧ ଡ଼ିଆସିଲି କାଠିରେ ଗଣେଶ ମୂର୍ତି ନିର୍ମାଣ କରିଥିଲେ । ଏହା ୨୨ଇଞ୍ଚ ଉଚ୍ଚତା ଥିବା ବେଳେ ଚଉଡ଼ା ୨୩ ଇଞ୍ଚ ରହିଥିଲା ଏହାକୁ ନିର୍ମାଣ କରି ପାଇଁ ୮ଦିନ ଲାଗିଥିଲା । ଜାତୀୟ କ୍ରୀଡ଼ା ଦିବସ ଅବସରରେ ୬୯୦ଖଣ୍ଡ ଡ଼ିଆସିଲ କାଠିରେ ହକି ଷ୍ଟିକ ନିର୍ମାଣ କରିଥିଲେ । ରାକ୍ଷୀ ପୂର୍ଣ୍ଣମା ଅବସରରେ ୧୫୫୦ଖଣ୍ଡ ଡ଼ିଆସିଲି କାଠିରେ ଜଗନ୍ନାଥଙ୍କ ରାକ୍ଷୀ ନିର୍ମାଣ କରିଥିଲେ । ୯୩୦ ଖଣ୍ଡ ଡ଼ିଆସିଲି କାଠିରେ ଅଲମ୍ପିକ ଲୋଗୋ ତିଆରି କରିଥିଲେ । କୋଭିଡ଼ ସମୟରେ ପଡ଼ିଥିବା ରଥଯାତ୍ରାକୁ ଲକ୍ଷ୍ୟ କରି ୧୦ହଜାର ୨୨୦ ଖଣ୍ଡ କାଠିରେ ଗୋଟିଏ ରଥ ନିର୍ମାଣ କରିଥିଲେ । ବିଶ୍ୱ ସାଇକେଲ ଦିବସ ଅବସରରେ ୩୬ ଶହ ୫୩ଖଣ୍ଡ କାଠିରେ ସାଇକେଲ ନିର୍ମାଣ କରି ବେଶଚର୍ଚ୍ଚିତ ହୋଇଥିଲେ । ଚନ୍ଦନଯାତ୍ରା ସମୟରେ ୨୧ଶହ ୨୦ ଖଣ୍ଡ କାଠିରେ ଚାପନୌକା ନିର୍ମାଣ କରିଥିଲେ । ଏହାସହ ଶିବଲିଙ୍ଗ,ରେଡ଼ିଓ,ଆର୍ମିଟ୍ୟାଙ୍କ ନିର୍ମାଣ କରିଥିଲେ । ଏବେ ଚାଲିଥିବା ଟି ଟୋଂଟି ୱାଲର୍ଡ୍ କପ ଅବସରର ୨୮ଶହ ୫୦ ଖଣ୍ଡ ଡ଼ିଆସିଲି କାଠିରେ ୱାର୍ଲଡ଼ କପ ନିର୍ମାଣ କରିଛନ୍ତି । ଡ଼ିଆସିଲିରେ ନିର୍ମାଣ କରିଥିବା ଚାପ ନୌକାକୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ଼ଃ କ୍ରିଷନ କୁମାରଙ୍କୁ ପ୍ରଦାନ କରିଥିଲେ । ତାଙ୍କର ଏହି କଳାକୃତି ଦେଖି ସାହି ବାସିନ୍ଦାମାନେ ଶାଶ୍ୱତଙ୍କୁ ବେଶ ଆଦର କରୁଛନ୍ତି । ତାଙ୍କ ବାପା ସୁଦର୍ଶନ ସାହୁ ଓ ମାତା ରଶ୍ମି ସାହୁ ପୁଅର କାର୍ଯ୍ୟକୁ ପ୍ରଶଂସା କରିବା ସହ ନିଜକୁ ଗର୍ବିତ ଅନୁଭବ କରୁଛନ୍ତି । ଫେବିକଲ ଅଠା, ଡ଼ିଆସିଲି କାଠି ,ଫେବିକୁଇକ ଦ୍ୱାର ଘରେ ପସ୍ତୁତ କରୁଥିବା ଶାଶ୍ୱତ ଆଗକୁ ଆହୁରି ଅନେକ କଳାକୃତି ନିର୍ମାଣ କରିବା ପାଇଁ ଯୋଜନା କହିଛନ୍ତି ।

## ପାଣିକୋଇଲି ବଜାରରୁ ବାଇକ ଚୋରି ଉଦ୍ୟମ: ଚୋରକୁ ଧରି ପୁଲିସ ଜିମା ଦେଲେ ଲୋକେ

କୋରେଇ,୨୫/୧୦ (ନି.ପ୍ର): ପାଣିକୋଇଲି ବଜାରର ରଂଜନ ସୁଇଟସ୍କ ସମ୍ମୁଖରୁ ତାଙ୍କର ଜଣେ କର୍ମଚାରୀଙ୍କ ବାଇକ ଚୋରି ଉଦ୍ୟମ ବେଳେ ଚୋର ଧରାପଡିଛି ।ଲୋକମାନେ ତାକୁ ଧରି ପୁଲିସ ଜିମା ଦେଇଛନ୍ତି । ମାତ୍ର ଚୋର ଜଣଙ୍କ କଳିଙ୍ଗ ନଗର ଥାନା ଅଂଚଳରୁ ଏକ ବବାଇକ ଚୋରି ଖବର ଜାଣିବା ପରେ କଳିଙ୍ଗନଗର ପୁଲିସ ଚୋରକୁ ନିଜ ହେପାଜତକୁ ନେଇଛି । ପ୍ରକାଶଯେ ଶନିବାର ରାତ୍ରୀରେ ରଂଜନ ସୁଇଟ୍ସର ଜଣେ କର୍ମଚାରୀଙ୍କ ବାଇକ ଦୋକାନ ଆଗରେ ରଖାଯାଇଥିଲା । କିଛି ସମୟ ମଧ୍ୟରେ ଜଣେ ଯୁବକ ଉକ୍ତ ବାଇକ ରେ ବସି ଗାଡଇର ଚାବି ଖୋଲିବାକୁ ଚେଷ୍ଟା କରୁଥିବା ସମୟରେ ସେମାନେ ତାକୁ ଧରି ପୁଲିସ ଜିମା ଦେଇଥିଲେ । ତଦନ୍ତ ସମୟରେ ଉକ୍ତ ଯୁବକ ଜଣଙ୍କ କଳିଙ୍ଗନଗର ଥାନା ଅଂଚରୁ ଏକ ବାଇକ ଚୋରି କରି ସହଯୋଗି ହାତରେ ପଠାଇବା ସହ ପୁଣି ଚୋରି ଉଦ୍ୟମ କରୁଥିବା ଜଣାପଡଇଥିଲା । ଏନେଇ କଳିଙ୍ଗ ନଗର ପୁଲିସକୁ ଜଣାଇବାପରେ ପୁଲିସ ଉକ୍ତ ଚୋରକୁ ଆସି ନେଇ ତଦନ୍ତ ଜାରି ରଖିଛି । କରୋନା ମହାମାରୀ ପରେ ଚୋରି ବୃଦ୍ଧି ହେଉଥିବା ବେଳେ ଚୋର ଧରିବା ବା ଲୁଟ ସାଗମ୍ରୀ ଉଦ୍ଧାର କରିବାରେ ପୁଲିସ ବିଫଳ ହୋଉଥିବା ଲକ୍ଷ୍ୟ କରାଯାଉଛି ।

## ଅଖିଳ ଭାରତୀୟ ଗ୍ରାହକ ପଚାଂୟତର ସାଧାରଣ ବୈଠକ

ବଲାଙ୍ଗିର,୨୫/୧୦ (ନି.ପ୍ର): ଅଖିଳ ଭାରତୀୟ ଗ୍ରାହକ ପଚାଂୟତ ଟିଟିଲାଗଡ଼ ତରଫରୁ ସ୍ଥାନୀୟ ମହାବୀର ପଚାଂୟତ ସମିତି ଧର୍ମଶାଳା ଠାରେ ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ବଲାଙ୍ଗୀର ଜିଲ୍ଲା ସଂଗଠନ ସଭାପତି ଗୋପବନ୍ଧୁ ଶତପଥୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସାଧାରଣ ସଭାରେ ମୁଖ୍ୟ ଅତିଥି ଭାବରେ ଟିଟିଲାଗଡ ଡିଏଭି ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧକ୍ଷ ଡ଼. ଶିବ ପ୍ରସାଦ ବେହେରା ଯୋଗଦେଇ ସଂଗଠନର କାର୍ଯ୍ୟକ୍ରମ ସମାଜରେ ପ୍ରତ୍ୟେକ ସ୍ତରରେ ଗ୍ରାହକଙ୍କ ସଚେତନତା ବୃଦ୍ଧି କରିବାରେ ବିଶେଷ ସହାୟକ ହେବ ବୋଲି ମତ ଦେଇଥିଲା ବେଳେ ଅଖିଳ ଭାରତୀୟ ଗ୍ରାହକ ପଚାଂୟତ ଓଡ଼ିଶାର ପୂର୍ବକ୍ଷେତ୍ରର ସଂଗଠନ ମନ୍ତ୍ରୀ ରାମଚନ୍ଦ୍ର ସ୍ୱାଇଁ ମୁଖ୍ୟବକ୍ତା ଭାବରେ ଯୋଗଦେଇ ଉପଭୋକ୍ତାଙ୍କ ଅଧିକାର ସମ୍ପର୍କରେ ବିଶଦ ଆଲୋଚନା ଓ ସଚେତନ କରିଥିଲେ । ସଂଗଠନର ପର୍ଶ୍ଚିମ ପ୍ରାନ୍ତ ପ୍ରଚାର ପ୍ରସାର ମୁଖ୍ୟ କିଶୋର ମୋହନ ମିଶ୍ର ଗ୍ରାହକଙ୍କ ସୁରକ୍ଷା ପାଇଁ ସଚେତନତା ଜରୁରୀ ବୋଲି ମତ ଦେଇଥିଲେ । ଜାତୀୟ ସ୍ତରରେ ସଂଗଠନ ପକ୍ଷରୁ ବଢୁଥିବା ପେଟ୍ରୋଲ ଓ ଡିଜେଲ ଦରକୁ ନେଇ ଏହାକୁ ଜିଏସଟି ପରିସର ଭୂକ୍ତ କରାଯିବାକୁ ଦାବି କରିଥିବା ମଂଚାସିନ ଅତିଥି ମାନେ ପ୍ରକାଶ କରିଥିଲେ । ଗ୍ରାହକଙ୍କ ମଧରେ ସ୍ୱଦେଶୀ ଆଧାରିତ ଜିନିଷ କିଣି ଦେଶର ଆର୍ଥିକ ଅଭିବୃଦ୍ଧିରେ ସହାୟକ ହେବାକୁ ସଂଗଠନ ତରଫରୁ ପ୍ରକାଶ କରାଯାଇଥିଲା । ଆୟୋଜିତ ଏହି କାର୍ଯ୍ୟକ୍ରମରେ ଟିଟିଲାଗଡ ସହରର ବିଭିନ୍ନ ପ୍ରାନ୍ତରୁ ବହୁ ବୁଦ୍ଧିଜୀବୀ ଯୋଗଦେଇ ଥିବାବେଳେ ବଲାଙ୍ଗିର ଜିଲ୍ଲା ସାମ୍ବାଦିକ ସଂଘ ଓୟୁଜେର ସଭାପତି ଦୀପକ ସମାଜଦାର ସଂଗଠନର କାର୍ଯ୍ୟକ୍ରମକୁ ପ୍ରଶଂସା କରିବାସହ ନିଜ ମତ ରଖିଥିଲେ । ସଭା ଶେଷରେ ସଂଗଠନର ସଦସ୍ୟ ଡମ୍ବରୁଧର କର୍ମୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ଜଅଁରା ବାରିମୂଳ ସରପଂଚ ପଦବୀ ସଂରକ୍ଷଣକୁ ନେଇ ରାଜ୍ୟ ନିର୍ବାଚନ ଆୟୋଗଙ୍କ ଦ୍ୱାରସ୍ଥ

କେନ୍ଦ୍ରାପଡ଼ା,୨୫/୧୦ (ନି.ପ୍ର): ରାଜ୍ୟ ସରକାର ତ୍ରିସ୍ତରୀୟ ପଂଚାୟତ ନିର୍ବାଚନ ୨୦୨୨ କୁ ଆଖି ଆଗରେ ରଖି ପଂଚାୟତ ଗୁଡିକର ପୁନଃ ଗଠନ ଓ ସରପଂଚ ପଦବୀ ସଂରକ୍ଷଣ ସମ୍ବନ୍ଧରେ ଗ୍ରହଣ କରାଯାଇ ଥିବା ନିଷ୍ପତିର ପୁନଃ ବିଚାର କରି ଡେରାବିଶ ବ୍ଲକର ଜଅଁରା ବାରିମୂଳ ପଂଚାୟତର ସରପଂଚ ପଦବୀକୁ ପଛୁଆ ବର୍ଗଙ୍କ ପାଇଁ ସଂରକ୍ଷିତ ରଖାଯାଇ ଥିବାରୁ ଏହାର ପ୍ରତିବାଦ କରି ପଂଚାୟତର ଶତାଧିକ ବ୍ୟକ୍ତି ରାଜ୍ୟ ନିର୍ବାଚନ ଆୟୋଗଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ଗ୍ରାମବାସୀଙ୍କର ଏହି ଦାବିକୁ ଜିଲ୍ଲାପାଳ ନାକଚ କରିଥିବାରୁ ଏହା ବିରୋଧରେ ଗ୍ରାମାବସୀ ମାନେ ରାଜ୍ୟ ନିର୍ବାଚନ ଅଧିକାରୀ ଆୟୋଗଙ୍କ ଦୃଷ୍ଟି ଆକର୍ଷଣ କରି ୨୦୨୨ ମସିହା ପଂଚାୟତ ନିର୍ବାଚନରେ ଜଅଁରା ବାରିମୂଳ ସରପଂଚ ପଦବୀକୁ ସାଧାରଣ ବର୍ଗ ଓ ଅସଂରକ୍ଷିତ ରଖିବା ପାଇଁ ଦାବି ଜଣାଇଛନ୍ତି । ସୂଚନା ମୁତାବକ ରାଜ୍ୟ ସରକାରଙ୍କ ଗାଇଡଲାଇନ ମୁତାବକ ୨୦୦୨ ମସିହା ଠାରୁ ୨୦୧୭ ମସିହା ପର୍ଯ୍ୟନ୍ତ ପଂଚାୟତ ନିର୍ବାଚନ ମାନଙ୍କରେ ଜଅଁରା ବାରିମୂଳ ସରପଂଚ ପଦବୀ ବିଭିନ୍ନ ବର୍ଗଙ୍କ ପାଇଁ ସଂରକ୍ଷିତ ରଖା ଯାଇଥିଲା । ଉଚ୍ଚତମ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ମୁତାବକ ସଂରକ୍ଷଣ ପଦବୀ ୫୦ ଭାଗରୁ ଅଧିକ ହେବନାହିଁ । ଡେରାବିଶ ବ୍ଲକରେ ୨୬ଟି ପଂଚାୟତ ଥିବାବେଳେ ୧୩ଟି ସରପଂଚ ପଦବୀ ଅସଂରକ୍ଷିତ ରଖାଯିବ । ମାତ୍ର ୨୦୨୨ ପଂଚାୟତ ନିର୍ବାଚନ ପାଇଁ ଏହି ବ୍ୟବସ୍ଥାକୁ ଉଲଂଘନ କରାଯାଇ ପଛୁଆ ବର୍ଗଙ୍କ ପାଇଁ ସଂରକ୍ଷିତ ରଖାଯାଇ ଥବାରୁ ଏହାକୁ ପରିବର୍ତନ କରି ସାଧାରଣ ବର୍ଗ ଓ ଅସଂରକ୍ଷିତ ରଖିବା ପାଇଁ ପୂର୍ବତନ ସରପଂଚ ରଘୁନାଥ ଶତପଥୀ, ଗୋବିନ୍ଦ ଚନ୍ଦ୍ର ଓଝା, ମନୋ ରଞ୍ଜନ ନାୟକ, ଈଶ୍ୱର ନାୟକ, ଜଗନ୍ନାଥ ସାହୁ, ଅଜୟ କୁମାର ବଳ, ଅଲେଖ ଚନ୍ଦ୍ର ଶତପଥୀ ମନୋଜ କୁମାର ପ୍ରତାପ ପ୍ରମୁଖ ରାଜ୍ୟ ନିର୍ବାଚନ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ।

## ସାମ୍ବାଦିକଙ୍କୁ ଆକ୍ରମଣ ମାମଲାରେ ପୁଲିସର କାର୍ଯ୍ୟାନୁଷ୍ଠାନ ଶୂନ: ନ୍ୟାୟ ପାଇଁ ଏସପିଙ୍କୁ ଭେଟିଲେ ଅଭିଯୋଗକାରୀ

କୋରେଇ,୨୫/୧୦ (ନି.ପ୍ର): ଯାଜପୁର ଜିଲ୍ଲା ମଙ୍ଗଳପୁର ଥାନା ଅନ୍ତର୍ଗତ ନାଗାପାଟଣାରେ ଗ୍ରାମରେ ଚଳିତ ମାସ ୧୭ ତାରିଖରେ ଜନୈକ ଦୈନିକ ଖବର କାଗଜର ସାମ୍ବାଦିକଙ୍କ ଉପରେ ହୋଇଥିବା ମରଣାନ୍ତକ ଆକ୍ରମଣ ଓ ଲୁଟ୍ ମାମଲାରେ ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରିବାରୁ ଯାଜପୁର ଏସପି ରାହୁଲ ପିଆରଙ୍କୁ ଭେଟି ଗୁହାରୀ କରିଛନ୍ତି ଅଭିଯୋଗକାରୀ । ସମସ୍ତ ଘଟଣା ଜାଣିବା ପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଶ୍ରୀ ପିଆର ପ୍ରତିଶ୍ରୁତି ଦେଇଥିବା ଜଣାପଡିଛି । ଅଭିଯୋଗ ମୁତାବକ, ଚଳିତମାସ ୧୭ ତାରିଖରେ ମଙ୍ଗଳପୁର ଥାନା ନାଗାପାଟଣା ଗ୍ରାମର କାର୍ଯ୍ୟରତ ସାମ୍ବାଦିକ ସବ୍ୟସାଚୀ ଦାସ (୩୫) ତାଙ୍କର କେତେକ ସାଙ୍ଗମାନଙ୍କ ସହିତ ଗ୍ରାମ ନିକଟସ୍ଥ ସାଧୁଗୌଡେଶ୍ୱର କଲେଜ ନିକଟରେ ଏକ ଭୋଜିରେ ଯୋଗ ଦେବାକୁ ଯାଉଥିଲେ । ସେହି ସମୟରେ ତଳସାହି ଗ୍ରାମର ନରୋତମ ମହାପାତ୍ର (୪୨) ସେଠାରେ ପହଁଚି ଏକ ଖବର ପରିବେଷଣକୁ ନେଇ ସବ୍ୟସାଚୀଙ୍କୁ ଗାଳିଗୁଲଜ କରିବା ସହିତ ମରଣାନ୍ତକ ଆକ୍ରମଣ କରି ତାଙ୍କ ବେକରେ ଥିବା ସୁନାଚେନ ଲୁଟ କରିନେଇଥିଲେ । ମାରଣାସ୍ତ୍ର ଧରି ଜୀବନରୁ ମାରିଦେବାକୁ ଗୋଡାଇଥିବା ବେଳେ ସବ୍ୟସାଚୀ ସେଠାରେ ଦୌଡି ପଳାଇବା ପରେ ଏନେଇ ମଙ୍ଗଳପୁର ଥାନାରେ ଅଭିଯୋଗ କରିଥିଲେ । ତେବେ ଉକ୍ତ ଘଟଣାକୁ ସପ୍ତାହେ ବିତିଯାଇଥିଲେ ମଧ୍ୟ ପୁଲିସ କେବଳ ମାମଲା ରୁଜୁ କରି ଚୁପ ହୋଇଥିବା ବେଳେ ଅଭିଯୁକ୍ତମାନଙ୍କୁ ଗିରଫ କରିବାରେ ସଫଳ ହୋଇନି । ଏନେଇ ଆଜି ସବ୍ୟସାଚୀ ଏସପି ଶ୍ରୀ ପିଆରଙ୍କୁ ଭେଟି ଅଭିଯୁକ୍ତଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି ।

## ବସୁମତୀ ସାହିତ୍ୟ ପତ୍ରିକା ଉନ୍ମୋଚନ ଉତ୍ସବ

କେନ୍ଦ୍ରାପଡ଼ା,୨୫/୧୦ (ନି.ପ୍ର): ସାହିତ୍ୟ ପତ୍ରିକା "ବସୁମତୀ" ର ଲୋକାର୍ପଣ ଉତ୍ସବ ରବିବାର କେନ୍ଦ୍ରାପଡା ବ୍ଲକ ଅଧିନ କଂସାର ପଂଚାୟତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇ ଯାଇଛି । କେନ୍ଦ୍ରାପଡା ସ୍ୱୟଂ ଶାସିତ ମହା ବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷ ପ୍ରଫେସର ନନ୍ଦ କିଶୋର ପରିଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଡ଼ ବାସୁଦେବ ଦାସ କାର୍ଯ୍ୟକ୍ରମରେ ଅଧକ୍ଷତା କରିଥିଲେ । ସାହିତ୍ୟିକ ନିରାକାର ଦାସ, କବି ମେଜର ଭରତ ଚନ୍ଦ୍ର ଜେନା, କଂସାର ସରପଂଚ ତଥା ରାଜ୍ୟ ସରପଂଚ ସଂଘର ସଭାପତି ପ୍ରଦ୍ୟୁମ୍ନ ଜେନା, ସମାଜସେବୀ ଫକୀର ଚରଣ ଖଟୁଆ, ପ୍ରଫେସର ବିପିନ ବିହାରୀ ବାରିକ ପ୍ରମୁଖ ଉପସ୍ଥିତ ରହି ବସୁମତୀ ସାହିତ୍ୟ ପତ୍ରିକାକୁ କବି, ସାହିତ୍ୟିକ, ବୁଦ୍ଧିଜୀବିଙ୍କ ଉଦ୍ଦେଶ୍ୟରେ ଲୋକାର୍ପିତ କରିଥିଲେ ।

## ଘରେ ପ୍ରସ୍ତୁତ କରନ୍ତୁ ସ୍ୱାଦିଷ୍ଟ ନଡ଼ିଆ ପୁଡ଼ିଂ

ଆବଶ୍ୟକ ସାମଗ୍ରୀ: ନଡ଼ିଆ, କର୍ଣ୍ଣଫ୍ଲୋର, ଚିନି, ଲୁଣ, ଡ୍ରାଏ ଫ୍ରୁଟସ୍।

ପ୍ରସ୍ତୁତ ପ୍ରଣାଳୀ: ପ୍ରଥମେ ନଡ଼ିଆକୁ କୋରି ଅଳ୍ପ ପାଣି ଦେଇ ତାହାକୁ ଗ୍ରାଇଣ୍ଡିଂ କରି ଦିଅନ୍ତୁ। ଏହାପରେ ତାହାକୁ ଛାଣି କେବଳ ପାଣି ବାହାର କରି ୨ଟି ପାତ୍ରରେ ରଖନ୍ତୁ। ଗୋଟିଏ ପାତ୍ରରେ ନଡ଼ିଆ ରସର ଏକ ଚତୁର୍ଥାଂଶ କର୍ଣ୍ଣଫ୍ଲୋର ପକାଇ ଗୋଳାଇ ଦିଅନ୍ତୁ। ଅନ୍ୟ ଏକ ପାତ୍ରରେ ଆବଶ୍ୟକ ମୁତାବକ ଚିନି, ଲୁଣ ମିଶାଇ ଦିଅନ୍ତୁ। ଏହି ମିଶ୍ରଣକୁ ଧିମା ଆଞ୍ଚରେ ଗ୍ୟାସରେ ବସାଇ ଗୋଳାନ୍ତୁ। ଏହା ଫୁଟିବା ଆରମ୍ଭ କଲେ କର୍ଣ୍ଣଫ୍ଲୋର ମିଶ୍ରିତ ଘୋଳ ପକାଇ ଘାଣ୍ଟନ୍ତୁ। ଏହା ଟିକେ ମୋଟା ହୋଇଗଲେ ଗ୍ୟାସ ବନ୍ଦ କରି ଦିଅନ୍ତୁ। ଏହାପରେ ଏହି ଘୋଳକୁ ଛୋଟ ଛୋଟ ପାତ୍ରରେ ବାହାର କରନ୍ତୁ। ଏହାକୁ ୨ ଘଣ୍ଟା ପାଇଁ ଫ୍ରିଜରେ ରଖି ଦିଅନ୍ତୁ। ଏହାପରେ ସେଥିରେ ଡ୍ରାଏ ଫ୍ରୁଟସ୍ ଦେଇ ସର୍ଭ କରନ୍ତୁ।



## ପକୋଡା ଖାଇବାକୁ ଏହି କମ୍ପାନୀ ଦେଉଛି ୧ ଲକ୍ଷ ଟଙ୍କାର ଦରମା !



ଆପଣ ଚିକେନ ପକୋଡା ଖାଇବାକୁ ପସନ୍ଦ କରନ୍ତି କି ? ଯଦି ହଁ, ତେବେ ବର୍ତ୍ତମାନ ଏମିତି ଏକ ଚାକିରିର ଅଫର ଆସିଛି ଯେଉଁଥିରେ ଆପଣଙ୍କ ପେଟ ପୁରା ହେବା ସଙ୍ଗେସଙ୍ଗେ ଦରମା ମଧ ମିଳିବ । ବ୍ରିଟେନର ଏକ କମ୍ପାନୀ ଏମିତି ଏକ ନିଯୁକ୍ତି ବିଜ୍ଞାପନ ବାହାର କରିଛି ଯେଉଁଥିରେ 'ଟେଷ୍ଟ ଟେଷ୍ଟର' ନାମରେ ଏକ ପଦବୀ ସୃଷ୍ଟି କରିଛି । ବ୍ରିଟେନର ପ୍ରସିଦ୍ଧ ଫିସ ଫିଙ୍ଗର କମ୍ପାନୀ 'ବାର୍ଡସଆଇ' 'ଟେଷ୍ଟ ଟେଷ୍ଟର' ପଦବୀ ପାଇଁ ନିଯୁକ୍ତି ବିଜ୍ଞାପନ ପ୍ରକାଶ କରିଛି । କମ୍ପାନୀ ଏପରି ଜଣେ ବ୍ୟକ୍ତିଙ୍କୁ ଖୋଜୁଛି ଯିଏ ଚିକେନ୍ ପକୋଡାର ସ୍ୱାଦକୁ ଆହୁରି ଉନ୍ନତ କରିପାରିବେ । କମ୍ପାନୀ ଚାହୁଁଛି ଏହାର ଚିକେନ୍ ପକୋଡାର ସ୍ୱାଦ ସର୍ବୋତ୍ତମ ହେଉ । ତେଣୁ ଏମିତି ଜଣେ ବ୍ୟକ୍ତିବିଶେଷଙ୍କୁ କମ୍ପାନୀ ଖୋଜୁଛି ଯିଏ ଚିକେନ ପକୋଡା ଖାଇ ଏହାର ସ୍ୱାଦ କିଭଳି ଆହୁରି ଭଲ ହୋଇପାରିବ ସେନେଇ ପରାମର୍ଶ ଦେବେ । କମ୍ପାନୀ ଏହି ପଦ୍ବୀରେ କଣ ସବୁ କାର୍ଯ୍ୟ କରିବାକୁ ପଡିବ ସେ ନେଇ ସବିଶେଷ ତଥ୍ୟ ମଧ ସେୟାର କରିଛି । ଏଥିପାଇଁ କମ୍ପାନୀ ଏକ ଲକ୍ଷ ଟଙ୍କା ଦରମା ଦେବ। ଯିଏ ଏହି ଚାକିରି ପାଇବାକୁ ସକ୍ଷମ ହେବେ, ତାଙ୍କୁ ବାର୍ଡସ୍ ଆଇ ଚିପ୍ ଡିପିଙ୍ଗ୍ ଅଫିସର ପଦ ଦିଆଯିବ। ସେହିପରି କମ୍ପାନୀ ବଜାରକୁ ଏକ ଭିନ୍ନ ସସ୍ ଆଣିବାକୁ ଚାହୁଁଛି । ବ୍ରିଟେନରେ ନିକଟରେ ହୋଇଥିବା ଏକ ସର୍ଭେରେ କିଛି ଲୋକ କହିଛନ୍ତି ଯେ ଚିକେନ୍ ପକୋଡା ସହିତ ଟମାଟୋ ସସ୍ ସର୍ବୋତ୍ତମ ଏବଂ କେହି କେହି ମାୟୋନାଇଜ୍ ସସ ସର୍ବୋତ୍ତମ କହିଛନ୍ତି।

## ଏପରି ମନ୍ଦିର: ଏକ ସଙ୍ଗେ ଦେବୀ ଦର୍ଶନ କରିପାରିବେନି ସ୍ୱାମୀ ସ୍ତ୍ରୀ





ବିବାହ ପରେ ସ୍ୱାମୀ ସ୍ତ୍ରୀ ୭ ଜନ୍ମ ପାଇଁ ପରସ୍ପରର ହୋଇଯାନ୍ତି। ସୁଖଦୁଃଖ, ଭଲମନ୍ଦ, ଘାତ ପ୍ରତିଘାତ ଯାହା ବି ଆସିଲେ, ଏକ ସଙ୍ଗେ ତାହାର ମୁକାବିଲା କରିଥାନ୍ତି। ସ୍ୱାମୀ ସ୍ତ୍ରୀ ଏକ ସଙ୍ଗେ ମନ୍ଦିର ଗଲେ, ସେମାନଙ୍କ ବୈବାହିକ ଜୀବନ, ପାରିବାରିକ ଜୀବନ ସୁଖମୟ ହୋଇଥାଏ। ବିଭିନ୍ନ ମାଙ୍ଗଳିକ କାର୍ଯ୍ୟ, ଦେବାଦେବୀଙ୍କ ପୂଜା ଏକ ସଙ୍ଗେ ୨ ଜଣ ନ କଲେ ଉକ୍ତ କାର୍ଯ୍ୟ ସଫଳ ହୁଏ ନାହିଁ ବୋଲି ବିଶ୍ୱାସ ରହିଛି। କିନ୍ତୁ ଆଜି ଆମେ ଆପଣଙ୍କୁ ଏପରି ମନ୍ଦିର ବିଷୟରେ କହିବାକୁ ଯାଉଛୁ, ଯେଉଁଠାରେ ଦେବୀଙ୍କ ଦର୍ଶନ ଏକ ସଙ୍ଗେ କରି ପାରିବେନି ସ୍ୱାମୀସ୍ତ୍ରୀ। ଭୁଲରେ ବି ଏପରି କଲେ ଏଥିଲାଗି ସେମାନଙ୍କୁ ଭୋଗିବାକୁ ପଡ଼ିବ ଦଣ୍ଡ, ସମ୍ପର୍କରେ ଦେଖାଯିବ ଫାଟ। ଭାରତରେ ଏପରି ବହୁ ମନ୍ଦିର ଅଛି ଯାହାର ପରମ୍ପରା ସମ୍ପୂର୍ଣ୍ଣ ଭିନ୍ନ। କେଉଁଆଡେ ମନ୍ଦିରରେ ପ୍ରବେଶ ନିସିଦ୍ଧ ତ କେଉଁଠି ପୁରୁଷଙ୍କ ପ୍ରବେଶ ମନା। କିନ୍ତୁ ଆଜି ଏପରି ଏକ ମନ୍ଦିର ବିଷୟରେ ଆପଣଙ୍କୁ କହିବୁ, ଯେଉଁଠାରେ ସ୍ୱାମୀ ସ୍ତ୍ରୀ ଏକ ସଙ୍ଗେ ଦେବୀଙ୍କ ଦର୍ଶନ କରିବା ମନା। ଏହାର ରହସ୍ୟ ଭଗବାନ ଶିବଙ୍କ ସହ ଯୋଡ଼ି ହୋଇଛି।



ମା' ଦୁର୍ଗାଙ୍କ ଏହି ମନ୍ଦିର ଶିମଲାର ରାମପୁର ନାମକ ସହରରେ ରହିଛି । ଏଠାରେ ସ୍ୱାମୀସ୍ତ୍ରୀ ଏକ ସଙ୍ଗେ ପୂଜା କରିବା କିମ୍ବା ମା' ଦୁର୍ଗାଙ୍କ ଦର୍ଶନ କରିବା ମନା। ଏପରି ବାରଣ ସତ୍ତ୍ୱେ ଯଦି କୌଣସି ଦମ୍ପତି ଏକ ସଙ୍ଗେ ଦେବୀଙ୍କ ପ୍ରତିମାର ଦର୍ଶନ କରନ୍ତି, ତେବେ ସେମାନଙ୍କୁ ଏହାର ଦଣ୍ଡ ଭୋଗିବାକୁ ପଡେ ବୋଲି ବିଶ୍ୱାସ ରହିଛି। ଏହି ମନ୍ଦିର ଶ୍ରାୟି କୋଟି ମାତାଙ୍କ ମନ୍ଦିର ନାମରେ ପରିଚିତ। ଏହା ପୂର୍ବ ହିମାଚଳରେ ଏକ ପ୍ରସିଦ୍ଧ ମନ୍ଦିର ଅଟେ। ଏହି ମନ୍ଦିର ଭିତରକୁ ଏକ ସଙ୍ଗେ ଯିବାକୁ ଦମ୍ପତିଙ୍କ ଉପରେ ନାହିଁ କଟକଣା। ହେଲେ ମାତାଙ୍କ ଦର୍ଶନ କରିବାକୁ ଅଲଗା ଅଲଗା ଯିବା ନିୟମ ଏଠାରେ ପ୍ରଚଳିତ। ଏହା ପଛରେ ଏକ ଲୋକକଥା ରହିଛି।

ଥରେ ଭଗବାନ ଶିବ ନିଜ ୨ ପୁତ୍ର ଗଣେଶ ଓ କାର୍ତ୍ତିକଙ୍କୁ ବ୍ରହ୍ମାଣ୍ଡ ଘୂରି ଆସିବାକୁ କହିଲେ। କାର୍ତ୍ତିକ ନିଜ ବାହନ ଉପରେ ବସି ବ୍ରହ୍ମାଣ୍ଡ ବୁଲିବାକୁ ଚାଲିଗଲେ। କିନ୍ତୁ ଗଣେଶ ସେଠାରୁ ଗଲେ ନାହିଁ। ସେ ନିଜ ପିତାମାତାଙ୍କ ଚାରିପାଖରେ ବୁଲି ବ୍ରହ୍ମାଣ୍ଡ ଭ୍ରମଣ କରିଦେଲେ ବୋଲି କହିଲେ। କିନ୍ତୁ କାର୍ତ୍ତିକ ଯେବେ ବ୍ରହ୍ମାଣ୍ଡ ବୁଲିକି ଆସିଲେ, ସେ ଦେଖିଲେ ଗଣେଶଙ୍କ ବିବାହ ହୋଇ ସାରିଛି।

ଏହାଦେଖି ସେ କ୍ରୋଧାନ୍ୱିତ ହୋଇଗଲେ। ପ୍ରତିଶୋଧପରାୟଣ ହୋଇ ବିବାହ ନ କରିବାକୁ ସଙ୍କଳ୍ପ ନେଲେ। କାର୍ତ୍ତିକଙ୍କ ଏହି ସଙ୍କଳ୍ପକୁ କିନ୍ତୁ ସହଜେ ଗ୍ରହଣ କରି ପାରିଲେନି ତାଙ୍କ ମାତା ପାର୍ବତୀ। ଫଳରେ ତାଙ୍କ ମୁହଁରୁ ବାହାରିଗଲା ଅଭିଶାପ। କହିଲେ ଯେଉଁ ଦମ୍ପତି ଏକ ସଙ୍ଗେ ଏହି ମନ୍ଦିରରେ ଦର୍ଶନ କରିବେ ସେ ପରସ୍ପରଠୁ ଅଲଗା ହୋଇଯିବେ। ସେବେଠାରୁ କୌଣସି ଦମ୍ପତି ଏକ ସଙ୍ଗେ ଏଠାରେ ପୂଜା କରନ୍ତି ନାହିଁ।

### ବିୟର - ରମେନ

ବିୟର ସହ ହ୍ୱାଇଟ୍ ନୁଡୁଲ୍ସର ମିଶ୍ରିତ ଖାଇବା, ଶୁଣିଲା ବେଳକୁ ଅଜିବ୍ ଲାଗିଲେ ବି ଏହା ଏକ ଖାଦ୍ୟ ଯାହାର ଚାହିଦା ଖୁବ ଅଧିକା ହୁଏତ ଭାରତରେ ଏ ଖାଦ୍ୟ ସେତେ ପ୍ରସିଦ୍ଧ ନୁହେଁ କିନ୍ତୁ କାନାଡ଼ାରେ ଏହା ଖୁବ ଫେମସ । କାନାଡାରେ ମିଳୁଥିବା ଏହିବ ବିୟର-ରେମନର ମଜା ଛୋଟପିଲାମାନେ ମଧ ଉଠାନ୍ତି । ପ୍ରକୃତରେ କହିବାକୁ ଗଲେ ଏହା କୌଣସି ବିୟରରୁ ପ୍ରସ୍ତୁତ ଫ୍ଲେକ୍ସ ଆଉ ଏହାର ଉପର ଅଂଶଟି ହେଉଛି ଅଣ୍ଡାର ଧଳାଅଂଶ ଓ ଜିଲେଟିନର ଏକ ମିଶ୍ରଣ, ବିଶେଷ କରି ଏହା କୌଣସି ବିୟର ବା ନିଶାଶକ୍ତ ପଦାର୍ଥରୁ ପ୍ରସ୍ତୁତ ହୁଏନାହିଁ, ସେଥିପାଇଁ ଏହାର ମଜା କାନାଡାର ଛୋଟ ପିଲାମାନେ ମଧ ଉଠାଇଥାନ୍ତି ।

## ଘରେ ଅଳିଆ ରଖିବା ଅର୍ଥ ସମସ୍ୟାକୁ ନିମନ୍ତ୍ରଣ

କେବଳ ବାସ୍ତୁ ଅନୁସାରେ ଘର କରି ଦେଲେ ସବୁ ସମସ୍ୟା ଦୂର ହୋଇଯାଏ ନାହିଁ। ଘରକୁ ସଫାସୁତର ରଖିବାକୁ ମଧ ହୁଏ। ଘରକୁ ପରିଷ୍କାର ନ ରଖି ଏଣେତେଣେ ଅଳିଆ ପକାଇଲେ ଅନେକ ବାସ୍ତୁ ଜନିତ ସମସ୍ୟା ସୃଷ୍ଟି ହୋଇଥାଏ। ଆଉ ଏହାର କୁପ୍ରଭାବ ଘରେ ରହୁଥିବା ଲୋକଙ୍କ ଉପରେ ପଡ଼ିଥାଏ। ତା'ହେଲେ ଆସନ୍ତୁ ଜାଣିବା, ଘରେ କେଉଁ ସ୍ଥାନରେ ଅଳିଆ ପଡ଼ିରହିଲେ କି ପ୍ରକାରର ସମସ୍ୟା ଉତ୍ପନ୍ନ ହୋଇଥାଏ।



- ଐଶାନ୍ୟ କୋଣ ବା ଉତ୍ତର-ପୂର୍ବ କୋଣରେ ଅଳିଆ ଆବର୍ଜନା ରହିଲେ ଘର ଲୋକଙ୍କ ଠାରେ ମାନସିକ ଅଶାନ୍ତି ଦେଖା ଦେଇଥାଏ।
- ପୂର୍ବ ଦିଗରେ ଅଳିଆ ଆବର୍ଜନା ରହିଲେ ଅପମାନିତ ହୋଇପାରନ୍ତି। ଅଗ୍ନି ବା ଦକ୍ଷିଣ-ପୂର୍ବ କୋଣରେ ଅଳିଆ ଆବର୍ଜନା ରହିଲେ ସ୍ୱାସ୍ଥ୍ୟଗତ ସମସ୍ୟା ଦେଖାଯାଇଥାଏ। ତା'ସହିତ ଆର୍ଥିକ ସ୍ଥିତି ଖରାପ ହୋଇଥାଏ।
- ଦକ୍ଷିଣ ଦିଗରେ ଅଳିଆ ରହିଲେ ପିଲାଙ୍କ କ୍ୟାରିୟରରେ ସମସ୍ୟା ଆସିଥାଏ।
- ଦକ୍ଷିଣ-ପଶ୍ଚିମରେ ଅଳିଆ ରହିଲେ ଘରେ ଗୁରୁଜନଙ୍କର ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେଇଥାଏ।
- ଘରର ପଶ୍ଚିମରେ ୨୬୦ ଡିଗ୍ରୀରୁ ୨୭୦ ଡିଗ୍ରୀ ମଧ୍ୟରେ ଅଳିଆ ପଡୁଥିଲେ ସଞ୍ଚିତ ଅର୍ଥ ଅପବ୍ୟୟ ହୋଇଥାଏ।
- ଏଣୁ ଘରେ କେବେ ହେଲେ ଅଳିଆ ରଖନ୍ତୁ ନାହିଁ। ଘରକୁ ସଦାସର୍ବଦା ସଫା ରଖନ୍ତୁ।

### ଅଧିକ ଚିନି ବଢ଼ାଏ କର୍କଟ ଆଶଙ୍କା !

ଖାଦ୍ୟରେ ଅଧିକ ଚିନି ଖାଇବା ଦ୍ୱାରା କେବଳ ମଧୁମେହ କିମ୍ୱା ମେଦ ବହୁଳତାର ଶିକାର ହେବାକୁ ପଡ଼େ ନାହିଁ, ବରଂ ସ୍ତନ ଓ ଫୁସଫୁସ୍ କର୍କଟ ଆଶଙ୍କା ବଢ଼ିବା ଏକ ନୂତନ ଅଧ୍ୟୟନରୁ ପ୍ରକାଶ । ଟେକ୍ସାସ ବି୍ବବିଦ୍ୟାଳୟର ଏମଡି ଅଣ୍ଡରସନ କ୍ୟାନସର ରିସର୍ଚ୍ଚ ସେଣ୍ଟର ଗବେଷକମାନେ ମୂଷାମାନଙ୍କ ଶରୀରରେ ପରୀକ୍ଷା କରି ଏହି ସିଦ୍ଧାନ୍ତରେ ଉପନୀତ ହୋଇଛନ୍ତି । ଚାରିଟି ବର୍ଗରେ ବିଭାଜିତ କିଛି ମାଇ ମୂଷାଙ୍କୁ ଚିନି ଏବଂ ଚିନି ମିଶ୍ରିତ ଖାଦ୍ୟ ଖାଇବାକୁ ଦିଆଯାଇଥିଲା । ତିରିଶ ପ୍ରତିଶତ ମୂଷାଙ୍କର ଖିର ଉତ୍ପନ୍ନକାରୀ ଗ୍ରନ୍ଥିରେ କର୍କଟାକ୍ରାନ୍ତ ଛୋଟ ଆବତୁ ସୃଷ୍ଟି ହୋଇଥିବା ପରୀକ୍ଷାରୁ ଜଣାପଡ଼ିଥିଲା । ମିଠାଜାତୀୟ ପାନୀୟ ମଧ୍ୟ କ୍ଷତିକାରକ । ଏହା ହୃଦରୋଗ, ପୃଥୁଳତା ଏବଂ କର୍କଟ ସୃଷ୍ଟିର କାରଣ ବୋଲି ପୂର୍ବରୁ ପରୀକ୍ଷିତ ।

## ଜାଣନ୍ତୁ ପଞ୍ଚାମୃତ ସେବନ କରିବାର ନିୟମ

ପଞ୍ଚାମୃତ ହିନ୍ଦୁ ସଂସ୍କୃତିରେ ବିଭିନ୍ନ ଧର୍ମକାର୍ଯ୍ୟରେ ବ୍ୟବହୃତ ହୁଏ। ଗାଇ କ୍ଷୀର, ଘିଅ, ଦହି, ମହୁ ଓ ତୁଳସୀ ଆଦି ପାଞ୍ଚଟି ଦ୍ରବ୍ୟର ମିଶ୍ରଣକୁ ନେଇ ପଞ୍ଚାମୃତ ପ୍ରସ୍ତୁତ ହୋଇଥାଏ। ପଞ୍ଚାମୃତର ମହତ୍ତ୍ୱ ପଞ୍ଚଗବ୍ୟ ସହ ସମାନ ବୋଲି ବିଶ୍ୱାସ ରହିଛି। ଏଥିରେ କ୍ଷୀର, ଘିଅ, ତୁଳସୀପତ୍ର ତଥା ଗଙ୍ଗାଜଳ ମଧ ମିଶୁଥିବାରୁ ଏହା ଅମୃତ ତୁଲ୍ୟ ହୋଇଥାଏ। ପଞ୍ଚାମୃତ ସକାରାତ୍ମକ ଶକ୍ତି ଧାରଣ କରୁଥିବାରୁ ଦେବଦେବୀ ପୂଜା ପୂର୍ବରୁ ସେ ସ୍ଥାନରେ ଏହାକୁ ପ୍ରସ୍ତୁତ କରି ରଖାଯାଏ।

**ପଞ୍ଚାମୃତ: ଜାଣିବା କଥା**

୧. ସୂର୍ଯ୍ୟାସ୍ତ ପରେ ପଞ୍ଚାମୃତର ସେବନ କରନ୍ତୁ।
୨. ଶ୍ରୀକୃଷ୍ଣଙ୍କୁ ସ୍ମରଣ କରି ପଞ୍ଚାମୃତ ସେବନ କରନ୍ତୁ।
୩. ପଞ୍ଚାମୃତରେ ସବୁବେଳେ ଗାଇ କ୍ଷୀର ବ୍ୟବହାର କରନ୍ତୁ।
୪. ଶେଷରେ ତୁଳସୀ ପତ୍ର ପକାନ୍ତୁ।



## କେଶକୁ ଘନ ଏବଂ ମଜବୁତ୍ କରେ ନିମ୍ବ

ନିମ୍ବରେ ଅନେକ ଔଷଧିୟ ଗୁଣ ରହିଥାଏ। ଏହା ସ୍ୱାସ୍ଥ୍ୟ ପାଇଁ ଯେତିକି ଉପକାରୀ ଚର୍ମ ପାଇଁ ମଧ ବରଦାନ ସଦୃଶ। ଏହାକୁ ଆମ ତ୍ୱଚାରେ ଅନେକ ଉପାୟରେ ବ୍ୟବହାର କରାଯାଏ। କ'ଣ ଆପଣ ଜାଣିଛନ୍ତି କି, ନିମ୍ବ ଆମ କେଶ ପାଇଁ ବହୁତ ଫାଇଦା ଦେଇଥାଏ। ଯଦି ଆପଣ କେଶକୁ ସୁନ୍ଦର ଏବଂ ଘନ କରିବାକୁ ଚାହୁଁଛନ୍ତି, ତାହାଲେ ବାହାରେ ମିଳୁଥିବା ବିଭିନ୍ନ ପ୍ରକାର ତେଲ ଏବଂ ସାମ୍ପୂ ବ୍ୟବହାର ନ କରି ଘରୋଇ ଉପାୟରେ ଏହି ପ୍ରାକୃତିକ ଜିନିଷ ବ୍ୟବହାର କରନ୍ତୁ।

- ନିମ୍ବ କେଶକୁ ଝଡ଼ିବାକୁ ଦିଏ ନାହିଁ। ଘନ କରିଥାଏ। କେବଳ ଏତିକି ନୁହେଁ ଏହା କେଶରେ ରୂପି ସମସ୍ୟା ମଧ ଦୂର କରିଥାଏ।
- ତାହାଲେ ଆସନ୍ତୁ ଜାଣିବା ଏହାକୁ ଆପଣ କିପରି ବ୍ୟବହାର କରି ସୁଫଳ ପାଇ ପାରିବେ।




- ଆପଣ କିଛି ତାଜା ନିମ୍ବ ପତ୍ର ଆଣି ଭଲରେ ଧୋଇ ଦିଅନ୍ତୁ। ଏହା ପରେ ଏହି ପତ୍ରକୁ ଭଲରେ ଗ୍ରାଇଣ୍ଡ କରି ଦିଅନ୍ତୁ। ଏହାକୁ ଏବେ କେଶରେ ଲଗାଇ ୧୦ରୁ ୧୫ ମିନିଟ୍ ? ପର୍ଯ୍ୟନ୍ତ ରଖନ୍ତୁ। ଆଉ ପରେ ପାଣିରେ ଧୋଇ ଦିଅନ୍ତୁ। ଏହା କେଶକୁ ମଜବୁତ୍ କରିବା ସହ ପ୍ରାକୃତିକ କଣ୍ଡିସନର ଭଳି କାମ ଦେବ।
- ଯଦି କେଶ ଶୁଷ୍କ ହୋଇଯାଇଛି ତାହାଲେ ତାଜା ନିମ୍ବ ପତ୍ର ଆଣି ଖରାରେ ଶୁଖାଇ ଦିଅନ୍ତୁ। ପତ୍ର ଶୁଖିଗଲା ପରେ ଗ୍ରାଇଣ୍ଡ କରି ଦିଅନ୍ତୁ। ଏହା ପରେ ଆପଣ ନିମ୍ବ ପତ୍ର ଗୁଣ୍ଡକୁ ମହୁରେ ମିଶାଇ କେଶରେ ଲଗାନ୍ତୁ। ଏବଂ କିଛି ସମୟ ପରେ କେଶ ଧୋଇ ଦିଅନ୍ତୁ। ତେଲରେ ମିଶାଇ ମଧ ଆପଣ ଏହାକୁ ଲଗାଇ ପାରିବେ।
- ଏହା କଲେ କେଶ ମଜବୁତ୍ ହେବ। ଏହା କେଶକୁ ସୁନ୍ଦର ଏବଂ ଘନ ମଧ କରିଥାଏ। ଏହା ସହ ଆପଣଙ୍କ କେଶରେ କୌଣସି ସମସ୍ୟା ହେବାକୁ ଦେବ ନାହିଁ।

## ତକିଆ ତଳେ ଚାବିକାଠି ରଖୁଛନ୍ତି କି ?: ହୋଇପାରେ ଅଶୁଭ



ପ୍ରତ୍ୟେକ ଘରେ ପୁରୁଷମାନେ ରୋଜଗାର କରନ୍ତି, ହେଲେ ଘରର ଚାବିକାଠି ମହିଳାଙ୍କ ହାତରେ ରହିଥାଏ। ଘରର ସମସ୍ତ ଦାୟିତ୍ୱ ମହିଳାମାନେ ହିଁ ନେଇଥା'ନ୍ତି। ଘରର ଧନ ସମୃଦ୍ଧି ରକ୍ଷା କରିବା କାର୍ଯ୍ୟ ମହିଳାମାନଙ୍କ ହାତରେ ହିଁ ରହିଥାଏ। ଘରର ସବୁ ଚାବିକୁ ସେମାନେ ଏକାଠି କରି ସମ୍ଭାଳି ରଖିଥାନ୍ତି।

ବାସ୍ତୁ ଅନୁସାରେ ଏହି ଚାବିକୁ ସମ୍ଭାଳି ରଖିବାର ମଧ ବିଶେଷ ସ୍ଥାନ ରହିଛି। ଯାହାକୁ ଆପଣେଇଲେ ଘରେ କେବେ ଟଙ୍କା ପଇସାର ବେକାର୍ ଖର୍ଚ୍ଚ ହୋଇନଥାଏ। ଭୁଲ ଦିଗରେ ଚାବି ରଖିଲେ, ଟଙ୍କା ମାମଲାରେ ଆପଣ ପଛରେ ପଡ଼ି ପାରନ୍ତି। ଆଜି ଆମେ ଆପଣଙ୍କୁ ଘରର ଚାବି ରଖିବାର ସଠିକ୍ ସ୍ଥାନ ବିଷୟରେ କହିବୁ ଯାହାକୁ ଅନୁସରଣ କଲେ ଘର ପାଇଁ ଶୁଭ ହୋଇଥାଏ। ପ୍ରାଚୀନ କାଳରେ ମହିଳାମାନେ ଚାବିକାଠିକୁ ଅଣ୍ଟାରେ ରଖୁଥିଲେ। ଏହାକୁ ଶୁଭ ବୋଲି ଧରାଯାଏ। କିନ୍ତୁ ଚାବି ତକିଆ ତଳେ ରଖିବା ଅଶୁଭ ବୋଲି କୁହାଯାଏ। ଆପଣ ଯେତେ ଧନ କମାନ୍ତୁ ପଛେ ଚାବିକୁ ଯଦି ତକିଆ ତଳେ ରଖିବେ, ଟଙ୍କାକୁ କେବେ ସ୍ଥିର କରି ରଖି ପାରିବେ ନାହିଁ। ତାହା କୌଣସି ନା କୌଣସି ବାଟରେ ଖର୍ଚ୍ଚ ହୋଇଯିବ। ସେହିପରି ଚାବିକାଠିକୁ ଡ୍ରଇଂ ରୁମ୍ କିମ୍ବା ବାଥରୁମ୍ କାନ୍ଥରେ ଟାଙ୍ଗି କରି ରଖିବା ଉଚିତ୍ ନୁହେଁ। ଏହାକୁ ଟାଙ୍ଗିବାର ଠିକ୍ ଦିଗ ହେଲା ଉତ୍ତର ଦିଗ। ଏହି ଦିଗରେ ଚାବିକାଠି ରଖିଲେ, ମା' ଲକ୍ଷ୍ମୀଙ୍କ ବିଶେଷ କୃପା ରହିଥାଏ। ଘରେ କେବେ ଧନର ଅଭାବ ହୋଇନଥାଏ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଶାହାଙ୍କ କାଶ୍ମୀର ଗସ୍ତର ଗୁରୁତ୍ୱ...

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ତିନିଦିନିଆ ଜାମ୍ମୁ କାଶ୍ମୀର ଗସ୍ତ ଏକାଧିକ ଦୃଷ୍ଟିକୋଣରୁ ବିଶେଷ ମହତ୍ୱ ବହନ କରେ। ସମ୍ବିଧାନର ଧାରା ୩୭୦ର ଉଚ୍ଛେଦ ଘଟିବା ଏବଂ ଏହାକୁ ଦୁଇଟି କେନ୍ଦ୍ରଶାସିତ କ୍ଷେତ୍ରରେ ବିଭାଜିତ କରାଯିବା ପରେ ସ୍ୱରାଷ୍ଟ୍ରମନ୍ତ୍ରୀଙ୍କ ଶ୍ରୀ ଶାହାଙ୍କର ଏହା ପ୍ରଥମ ଉପତ୍ୟକା ଗସ୍ତ। ତିନିଦିନିଆ ଏହି ଗସ୍ତ ଅବସରରେ ସେ ଏହି କେନ୍ଦ୍ରଶାସିତ କ୍ଷେତ୍ରରେ ନିରାପତ୍ତା ସ୍ଥିତି ସମୀକ୍ଷା କରିବା ସହିତ ସେଠାକାର ବିଭିନ୍ନ ଜନପ୍ରତିନିଧି, ଅଧିକାରୀ ତଥା ଯୁବଗୋଷ୍ଠୀଙ୍କ ସହିତ ଭାବ ବିନିମୟ କରିଛନ୍ତି। ଗତ ଦୁଇ ମାସ ମଧ୍ୟରେ ଉପତ୍ୟକାରେ ସୀମାପାର ଆତଙ୍କବାଦୀଙ୍କ ଉପଦ୍ରବ ଏବଂ ଏକାଧିକ ସ୍ଥାନରେ ସୁରକ୍ଷା କର୍ମୀମାନଙ୍କ ସହିତ ସେମାନଙ୍କ ଗୁଳିଗୋଳା ବିନିମୟ ସେଠାକାର ପରିସ୍ଥିତିକୁ ସାମାନ୍ୟ ଉଷ୍ମ କରିଛି।

ଜାମ୍ମୁ କାଶ୍ମୀରର ପରିସ୍ଥିତି ଧୀରେ ଧୀରେ ସ୍ୱାଭାବିକ ହୋଇ ଆସୁଥିବାବେଳେ କାଶ୍ମୀର ପଣ୍ଡିତମାନେ ପୁଣି ଥରେ ସେମାନଙ୍କ ଭିଟାମାଟିକୁ ଲେଉଟିବା ପ୍ରକ୍ରିୟା ଆରମ୍ଭ ହେବାକୁ ଯାଉଛି। କାରଣ ଏବେ ଆଉ ପୂର୍ବର ଅଶାନ୍ତି ସ୍ଥିତି ନାହିଁ ଏବଂ ଜାମ୍ମୁ କାଶ୍ମୀରର ନାଗରିକମାନେ ବିକାଶ ଧାରାରେ ନିଜକୁ ସାମିଲ କରିବା ନିମନ୍ତେ ସେମାନଙ୍କର ଆଗ୍ରହ ପ୍ରଦର୍ଶନ କରିଛନ୍ତି। କେନ୍ଦ୍ର ସରକାର ଏହି କ୍ଷେତ୍ରର ବିକାଶ ନିମନ୍ତେ ଅନେକ ସ୍ୱତନ୍ତ୍ର ଯୋଜନା କାର୍ଯ୍ୟକାରୀ କରୁଛନ୍ତି ଏବଂ ବିଶେଷ କରି ଯୁବଗୋଷ୍ଠୀ ଏହା ଦ୍ୱାରା କିପରି ଅଧିକ ଉପକୃତ ହୋଇପାରିବେ ସେଥିପ୍ରତି ସରକାରୀ କଳକୁ ତ୍ୱରାନ୍ୱିତ କରାଯାଇଛି। ସେଠାକାର ସାଧାରଣ ଜନତାଙ୍କଠାରୁ ନେଇ ଶିକ୍ଷିତ ଯୁବକ ଯୁବତୀ, କୃଷକ, ପାରମ୍ପରିକ ଶିଳ୍ପୀ ଓ କାରିଗର ସମସ୍ତେ ଏବେ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବାକୁ ଆଗ୍ରହ ପ୍ରକାଶ କରୁଥିବା ପରି ମନେହୁଏ। ବିଶେଷ କରି ଗତ ଦୁଇବର୍ଷ ଧରି ସେଠାରେ ଆଉ ପ୍ରତିବାଦର ସ୍ୱର ଶୁଣିବାକୁ ମିଳୁନାହିଁ କିମ୍ବା ରାଜରାସ୍ତାରେ ବିକ୍ଷୋଭ କିମ୍ବା ଠେଲାପଥର ମାଡ଼ ଭଳି ଘଟଣା ଘଟୁନାହିଁ। ଏପରିକି ବିଚ୍ଛିନ୍ନତାବାଦୀ ନେତୃବର୍ଗଙ୍କ ସ୍ୱର ମଧ୍ୟ ନରମ ପଡ଼ିଯାଇଛି। ଏଭଳି ଅଶାନ୍ତି ପଛରେ ସେମାନଙ୍କର ହାତ ଥିବା ଏବଂ ପାକିସ୍ତାନ ତଥା ସୀମାପାର ଆତଙ୍କବାଦୀ ସଂଗଠନମାନଙ୍କଠାରୁ ଆର୍ଥିକ ସହାୟତା ନେଇ ସେମାନେ ସ୍ଥାନୀୟ କିଶୋର ଓ ଯୁବଗୋଷ୍ଠୀଙ୍କୁ ଯେଉଁଭଳି ଭାବେ ବିପଥଗାମୀ କରୁଥିଲେ ତାହା ଉପରୁ ପର୍ଦ୍ଦା ହଟିସାରିଛି। ଧାରା ୩୭୦ ଉଚ୍ଛେଦ ହେବା ପରେ ରାଜନୈତିକ ନେତୃବର୍ଗ ସେଥିରୁ ବିଶେଷ ଫାଇଦା ପାଇ ଆସୁଥିଲେ। ସେମାନେ ଯେତେ ପ୍ରତିବାଦ କଲେ ସୁଦ୍ଧା ପରିଶେଷରେ ସେମାନଙ୍କ ଅସଲ ଉଦ୍ଦେଶ୍ୟ ମଧ୍ୟ ଜନସାଧାରଣଙ୍କ ନିକଟରେ ସ୍ପଷ୍ଟ ହୋଇସାରିଛି। ସେମାନଙ୍କ ଉପରେ ଲଗାଯାଇଥିବା ଅଙ୍କୁଶ ଉପତ୍ୟକାରେ ଶାନ୍ତି ଫେରାଇ ଆଣିବା ଦିଗରେ ସହାୟକ ହୋଇଛି। ଏପରି ସ୍ଥିତିରେ ପାକିସ୍ତାନ ପ୍ରରୋଚନାରେ ଯେଉଁ ଆତଙ୍କବାଦୀମାନେ ଏବେ ସୀମାପାର ହୋଇ ଉପତ୍ୟକାରେ ହିଂସାକାଣ୍ଡ ଭିଆଇବାକୁ ଚେଷ୍ଟା କରୁଛନ୍ତି ସେମାନଙ୍କୁ ସୁରକ୍ଷା ବାହିନୀ କଡ଼ା ଜବାବ ଦେଉଛନ୍ତି। ସେହିଭଳି ପ୍ରାୟ ଏକ ଡଜନ ଏନକାଉଣ୍ଟରରେ କୋଡ଼ିଏରୁ ଅଧିକ ଉଗ୍ରବାଦୀଙ୍କର ମୃତ୍ୟୁ ଗଲା ଦେଢ଼ ମାସ ଭିତରେ ଘଟିସାରିଛି। ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ଚଳିତ ଗସ୍ତ ତେଣୁ ବାସ୍ତବ ସ୍ଥିତି ଅନୁଧ୍ୟାନ କରିବା ନିମନ୍ତେ ବିଶେଷ ସହାୟକ ହେବ। ସ୍ଥାନୀୟ ଯୁବଗୋଷ୍ଠୀ ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କୁ ସେମାନଙ୍କର ହାନିଲାଭ ପ୍ରତ୍ୟକ୍ଷ ଭାବେ ଜଣାଇ ପାରିବେ। କାଶ୍ମୀର ଉପତ୍ୟକା ଶାନ୍ତ ହେବା କେବଳ ସେଠାକାର ଜନସାଧାରଣଙ୍କ ପାଇଁ ବିକାଶ ମାର୍ଗ ଉନ୍ମୁକ୍ତ କରିବ ନାହିଁ, କାଶ୍ମୀର ପଣ୍ଡିତଙ୍କ ଭାଗ୍ୟ ମଧ୍ୟ ନିର୍ଦ୍ଧାରଣ କରିବ। ସେମାନେ ପୁଣି ଥରେ ନିଜ ଭିଟାମାଟିକୁ ଲେଉଟି ସ୍ୱାଭାବିକ ଜୀବନ ବଂଚିପାରିବେ। ପୁଣି ଥରେ ସେଠାରେ ସାମ୍ପ୍ରଦାୟିକ ସଦ୍ଭାବନାର ବାତାବରଣ ବିରାଜମାନ କରିବ। କିନ୍ତୁ ଏହାକୁ ବାସ୍ତବତାରେ ପରିଣତ କରିବାକୁ ହେଲେ ପ୍ରଥମ ଉପତ୍ୟକାକୁ ଆତଙ୍କମୁକ୍ତ କରିବା ଆବଶ୍ୟକ। ଏହା ସରକାର ଓ ସୁରକ୍ଷା ବଳଙ୍କ ପାଇଁ ସବୁଠାରୁ ବଡ଼ ଅଗ୍ନି ପରୀକ୍ଷା। ପାକିସ୍ତାନ ଭଳି ଅବିଶ୍ୱସ୍ତ ପ୍ରତିବେଶୀ ରାଷ୍ଟ୍ର ଏହି ପ୍ରୟାସକୁ ଭଣ୍ଡୁର କରିବା ନିମନ୍ତେ ତା'ର ହୀନ ଚକ୍ରାନ୍ତରେ ବ୍ୟସ୍ତ। ସୀମାପାର ଆତଙ୍କବାଦକୁ ରୋକାଯାଇ ପାରିଲେ ଏହି ଲକ୍ଷ୍ୟ ଅବଶ୍ୟ ସାକାର ହୋଇପାରିବ। ପୁଣି ସ୍ଥାନୀୟ ଜନସାଧାରଣଙ୍କ ସହଯୋଗ ମଧ୍ୟ ଏ ଦିଗରେ ସର୍ବାଦୌ କାମ୍ୟ।

# ଈଶ୍ୱର ଓ ଜଗତ ଜୀବନ




କିଶୋର ମହାନ୍ତି

ଇ-୫୦, ସେକ୍ଟର -୭, ସିଡ଼ିଏ, କଟକ-୧୪

ଫୋନ୍-୯୪୩୭୭୨୮୪୭୫


ଆଜି ବିଶ୍ୱର ସମସ୍ତ ମାନବ ଭିତରେ ନୈରାଶ୍ୟ ତଥା ହତାଶ ଭାବ ପରିଲକ୍ଷିତ ହେଉଛି । ଅମୂଲ୍ୟ ମହାର୍ହ ଅମୃତମୟ ମଣିଷ ଜୀବନ ଆଜି ଯନ୍ତ୍ରଣା ଦଗ୍ଧ, ରୋଗଗ୍ରସ୍ତ । ସମଗ୍ର ବିଶ୍ୱରେ ଯାହା ମହାମାରୀର ରୂପ ନେଇଛି । ବ୍ୟାଧି ଯେ ଜୀବନକୁ ଏମିତି ଭାବରେ କବଳିତ କରେ ତାହା ଏଇ ଶତାବ୍ଦୀର ଚରମ ଉପଲବ୍ଧି । ସ୍ଥାନ, କାଳ, ପାତ୍ର ନଦେଖି ଧର୍ମ ଅଧର୍ମ କୁ ଆଡ଼େଇ ସାରା ବିଶ୍ୱରେ କରୋନାର ଦ୍ୱିତୀୟ ଲହର ଭୟଙ୍କର କଳାଛାଇ ଯେମିତି ମାଡ଼ି ଆସୁଛି ଓ ମୃତ୍ୟୁର ତାଣ୍ଡବ ଲୀଳା ରଚି ସମଗ୍ର ବିଶ୍ୱକୁ ଶ୍ମଶାନରେ ପରିଣତ କରିଦେବ ସତେ ଯେମିତି । ଏ ଘୋର ଘଡ଼ିସନ୍ଧି ବେଳରେ ମଣିଷ ନିଜକୁ ସଶକ୍ତ କରିବା ଏକାନ୍ତ ବିଧେୟ। ନିଜର ଆତ୍ମବଳ, ଆତ୍ମବିଶ୍ୱାସ ଓ ଦୃଢ଼ ଇଚ୍ଛାଶକ୍ତି ବଳରେ ପରାକ୍ରମୀ କରୋନାକୁ ସମୂଳେ ବିଧ୍ୱଂସ କରିବା ହିଁ ଆଜି ଏ ମୂହୁର୍ତ୍ତରେ ପ୍ରତିଟି ବ୍ୟକ୍ତିର ଚରମ କର୍ତ୍ତବ୍ୟ ହେଉ । ଆଜି ସମସ୍ତଙ୍କ ପାଇଁ ଏକ ପରୀକ୍ଷାର ସମୟ । ଆଜି କରୋନା ଦାଢ଼ରେ ଯିଏକି ଏକ ପ୍ରଗତିଶୀଳ ରାଷ୍ଟ୍ର ଇଟାଲୀ, ଆମେରିକା, ସ୍ପେନ୍,ଫ୍ରାନ୍ସ, ଜର୍ମାନ୍, ବ୍ରିଟେନ୍, କୋରିଆ, ଚୀନ୍ ହାର ମାନିସାରିଲେଣି । ଏ କ୍ଷେତ୍ରରେ ନିଜକୁ ସାତ୍ୱିକ ମନନେଇ ଜଣେ ଯୋଦ୍ଧା ସେନାନୀ ଭାବେ ମୁକାବିଲା କରିବା ସର୍ବାଦୌ କର୍ତ୍ତବ୍ୟ । ଦେଖାଯାଉଛି ଆଜି ସମସ୍ତଙ୍କ ମନରେ ଐଶ୍ୱରୀୟ ଚୈତ୍ୟନ୍ୟ ଉଦ୍ରେକ ହୋଇଛି । ଚାରିଆଡ଼େ ମହାମାନବିକତାର ମନ୍ତ୍ର ଗୁଞ୍ଜରିତ ହେଉଛି । ଈଶ୍ୱର ଓ ଐଶ୍ୱରୀୟ ଭାବନା ଭିତରେ ମଗ୍ନ ହୋଇ ମଣିଷ ନିଜର ସାଧାନା ଓ ସିଦ୍ଧି ପଥରେ ଆଗେଇବାର ଏ ହେଉଛି ମାହେନ୍ଦ୍ର ମୁହୂର୍ତ୍ତ । ନିଜ ଭିତରେ ନିଜକୁ ଖୋଜିବାର ଅବସର ଏ । ଅନ୍ତର ଭିତରେ ଯେ ସ୍ୱୟଂ ଭଗବାନ ବିଦ୍ୟମାନ ଏକଥା ଆମେ ଭୁଲିଯିବା କିପରି ?

ଭଗବତ୍ ଗୀତାରେ ଶ୍ରୀକୃଷ୍ଣ ନିଜେ ଅର୍ଜୁନକୁ ସୂଚାଇ ଦେଇଛନ୍ତି -

''ରସୋଽହଂ ଅପ୍ସୁ କୌନ୍ତେୟ

> ଆଜି ବିଶ୍ୱର ସମସ୍ତ ମାନବ ଭିତରେ ନୈରାଶ୍ୟ ତଥା ହତାଶ ଭାବ ପରିଲକ୍ଷିତ ହେଉଛି । ଅମୂଲ୍ୟ ମହାର୍ହ ଅମୃତମୟ ମଣିଷ ଜୀବନ ଆଜି ଯନ୍ତ୍ରଣା ଦଗ୍ଧ, ରୋଗଗ୍ରସ୍ତ। ସମଗ୍ର ବିଶ୍ୱରେ ଯାହା ମହାମାରୀର ରୂପ ନେଇଛି। ବ୍ୟାଧି ଯେ ଜୀବନକୁ ଏମିତି ଭାବରେ କବଳିତ କରେ ତାହା ଏଇ ଶତାବ୍ଦୀର ଚରମ ଉପଲବ୍ଧି।

ପ୍ରଭାସ୍ମି ଶଶି ସୂର୍ଯ୍ୟୟୋଃ
ପ୍ରଣବଃ ସର୍ବବେଦେଷୁ
ଶବ୍ଦଖେ ପୌରଷଂ ନୃଷୁ ।''

କହିଛନ୍ତି - ହେ କୁନ୍ତିପୁତ୍ର ଅର୍ଜୁନ! ମୁଁ ଜଳରେ ରସ ବା ସ୍ୱାଦୁ, ସୂର୍ଯ୍ୟ ଚନ୍ଦ୍ର ଠାରେ ଥିବା ଆଲୋକ, ବୈଦିକ ମନ୍ତ୍ରରେ ମୁଁ ହେଉଛି ଓଁକାର, ଆକାଶରେ ମୁଁ ଶବ୍ଦ ଏବଂ ମାନବ ଠାରେ ଥିବା ପୌରୁଷ ଅଟେ ।

ଏହାଠାରୁ ଭାକ୍ତିକ ବୃହତର ଚିନ୍ତାଧାରା ଆଉ କଣ ଥାଇପାରେ । ସେଇ ପୌରୁଷର ସତ୍ତା ହିଁ ମଣିଷ ଭିତରେ ଐଶ୍ୱରୀୟ ସତ୍ତା, ସେହିପରି ଯେତେବେଳେ ଆମେ କିଛି ଆଲୋକ ଦେଖୁ ତାହା ମଧ କୃଷ୍ଣଙ୍କର ଅଟେ । ପ୍ରକୃତ ଜ୍ୟୋତି, ପରବ୍ୟୋମରେ ବ୍ରହ୍ମଜ୍ୟୋତି ଭାବରେ ଅଛି ଯାହାକି କୃଷ୍ଣଙ୍କ ଶରୀରରୁ ଉଦ୍‌ଗତ ହୁଏ ।

ଭୌତିକ ବ୍ରହ୍ମାଣ୍ଡର ପ୍ରକୃତି ହେଉଛି ଅନ୍ଧକାରମୟ । ଯାହାକି ଗତି ହେଲେ ଆମେ ଅନୁଭବ କରୁ। ଯେତେବେଳେ ଆମେ ପ୍ରଭୁଙ୍କ ନାମ ଉଚ୍ଚାରଣ କରୁ ଆମ ଭୌତିକ ଦୋଷ କ୍ଷୟ ହୋଇଥାଏ ।

କହିବାକୁ ଗଲେ କୃଷ୍ଣ ହିଁ ଶବ୍ଦ, ଆଲୋକ, ଜଳ ଏବଂ ଅନେକ କିଛି ପଦାର୍ଥ ଜାଣିବା ଦ୍ୱାରା ଆମେ କୃଷ୍ଣ ବା ଈଶ୍ୱରଙ୍କୁ ଅନୁଭବ କରୁ ।

ପୁନରାୟ ପ୍ରଭୁ ନିଜେ କହିଛନ୍ତି ''ମୁଁ ପୃଥିବୀର ମୌଳିକ ଗନ୍ଧ ଅଟେ। ମୁଁ ଅଗ୍ନିର ଉତାପ ଅଟେ । ମୁଁ ସମସ୍ତ ଜୀବଙ୍କର ଜୀବନ ଅଟେ ଏବଂ ମୁଁ ତପସ୍ୱୀମାନଙ୍କର ତପସ୍ୟା ଅଟେ।'' ଏଣୁ କୃଷ୍ଣଚେତନା ଭିତରେ ନିମଗ୍ନ ନହେଲେ ସାଧନାରେ ସିଦ୍ଧି ମଳିବା ଦୁରହ । ଆମେ କିନ୍ତୁ ଆଧାତ୍ମ ଜଗତରୁ ଓହରି ଆସି ତାମସିକ ଜଗତ ସହ ଅଧିକ ଜଡ଼ିତ ହୋଇଯାଉଥିବାରୁ ଆମର ଏଇ ଦୁର୍ଗତି ଆଉ ଆମର ଶେଷ ପରିଣତି କଣ ତାହା କାହାକୁ ଅଜ୍ଞାତ ନାହିଁ । ଏ କଥା ସତ୍ୟ ଯେ, ସତ୍ୟମେବ ଜୟତେ - ସତ୍ୟର ଅବଶ୍ୟ ଜୟ ହେବ । ସକରାତ୍ମକ ମୂଲ୍ୟବୋଧମାନଙ୍କ ମଧରେ ସତ୍ୟ ହିଁ ପ୍ରଥମ ଓ ପ୍ରଧାନ ମୂଲ୍ୟବୋଧ ରୂପେ ସ୍ୱୀକୃତ ହୋଇଛି । ଅସତ୍ୟରୁ ମୁକ୍ତ ହୋଇ ସତ୍ୟକୁ ଗମନ କରିବାରେ ମାନବ ଜୀବନର ସାର୍ଥକତା ନିହିତ । ସତ୍ୟର ଅପଳାପ କରିବା ମିଥ୍ୟାର ଆଶ୍ରୟ ନେବା ହେଉଛି ଅମାନବିକତା । ନିଜେ ସତ୍ୟରେ ପରିଚାଳିତ ହେଲେ ଆସୁରୀୟ ଶକ୍ତିର ନିଶ୍ଚୟ ଅବସାନ ଘଟିବ । ଅସାଧ କାର୍ଯ୍ୟ ସାଧନ କ୍ଷେତ୍ରରେ ଆମକୁ ସଙ୍କଳ୍ପ ନେବାକୁ ହେବ ।

ଏ କ୍ଷେତ୍ରରେ ଆତ୍ମିକ ବଳକୁ ଉଜାଗର କରିବାକୁ ହେବ । ଆତ୍ମ ବିଶ୍ଳେଷଣ ହେଉଛି ଆତ୍ମ ପରୀକ୍ଷଣ । ଏହି ପରିପ୍ରେକ୍ଷୀରେ କୁହାଯାଇପାରେ ଥରେ ଆଟ୍‌ଲାଂଟିକ୍ ମହାସାଗରରେ ଅଗତିର ଜଳରାଶିରେ ଦାର୍ଶନିକ ବଟ୍ରାଂଡ୍ ରସେଲ୍‌ଙ୍କ ଉଡ଼ାଜାହାଜ ଖସିପଡ଼ିଲା, ଅନେକ ଯାତ୍ରୀ ନିଜକୁ ଅସହାୟ ମଣି ପାଣିରେ ବୁଡ଼ିଗଲେ । ସହାୟତା ପହଂଚିଲା ବେଳକୁ ଦେଖାଗଲା ଯେ ବଟ୍ରାଂଡ୍ ରସେଲ୍ ନିଜ ଓଭରକୋର୍ଟ ପିନ୍ଧି ଆଟ୍‌ଲାଂଟିକାରେ ପହଁରୁଛନ୍ତି । ଏଣୁ ଏହା ହେଉଛି ଆତ୍ମସହାୟକତା । ନିଜକୁ ନିଜେ ସହାୟ ହୁଅନ୍ତୁ । ଆତ୍ମସହାୟକତା ତାର ଅର୍ଥ ହେଉଛି ନିଜ ଶକ୍ତି ସାମର୍ଥ୍ୟକୁ ପୂର୍ଣ୍ଣ ଉପଯୋଗ କରି ଲକ୍ଷ୍ୟ ସାଧନାରେ ବ୍ରତୀ ହେବ।

ଆଧାତ୍ମିକ ଦୃଷ୍ଟିକୋଣରୁ ବିଚାର କଲେ ଆତ୍ମାର ଦିବ୍ୟତାର ତିନୋଟି ବିନ୍ଦୁରେ ସମାହିତ ହୁଏ । ଯୋଗୀ ଶ୍ରୀ ଅରବିନ୍ଦଙ୍କ ଦୃଷ୍ଟିରେ - ଏକତ୍ୱବୋଧ, ପାରସ୍ପାରିକତା ଏବଂ ସମତାନତା । ଏସବୁକୁ ଦୃଷ୍ଟିରେ ରଖି ପ୍ରତିଟି ମଣିଷ ଆଜି ନିଜକୁ ସାଧିବାକୁ ହେବ । ଘାତ ପ୍ରତିଘାତକୁ ସାମ୍ନା କରିବାର କ୍ଷମତା ତା ପାଖରେ ରହିଛି । ତାହା ହେଉଛି ନିଜ ଭିତରେ ଥିବା ଆତ୍ମବଳ । ସେଇ ସୁଦୃଢ଼ ଆତ୍ମବଳ ହିଁ ଏ ଗମ୍ଭୀର ସଙ୍କଟରୁ ରକ୍ଷା କରିପାରିବ । ଈଶ୍ୱର ହିଁ ସବୁକିଛି । ତାଙ୍କର ଅପାର କରୁଣା ହେଲେ ଏ ପୃଥିବୀ ଓ ଜନସମାଜ ଏ ସଙ୍କଟରୁ ମୁକୁଳି ପାରିବ । ଏଥିରେ ସନ୍ଦେହର ଅବକାଶ ନାହିଁ ।

# ଦେଶର ଯୁବଶକ୍ତି ବିଶୃଙ୍ଖଳିତ ହେବା ପାଇଁ ଦାୟୀ କିଏ?




ପ୍ରଦୀପ୍ତ ଆଚାର୍ଯ୍ୟ


ମନୁଷ୍ୟ ଶରୀରର ଚାରିଗୋଟି ଅବସ୍ଥା ମଧ୍ୟରୁ, ଯୁବାବସ୍ଥା ହେଉଛି, ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ଏହି ଅବସ୍ଥାରେ ଶକ୍ତି, ଶୌର୍ଯ୍ୟ, ଉଦ୍ଦାମତା, ନିସ୍ୱାର୍ଥପରତା, ସେବା ବା ଅନ୍ୟକୁ ସାହାଯ୍ୟ କରିବାର ଇଚ୍ଛା, ନିଜକୁ ବିଜ୍ଞାପିତ କରିବାର ଆକାଂକ୍ଷା ନେଇ କୌଣସି ଦୁଃସାହସିକ ପଦକ୍ଷେପ ଗ୍ରହଣ କରିବା , ସେମାନଙ୍କୁ ଏକ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିଥାଏ। ଆଜି ଆମେ ଯେଉଁ ମାନଙ୍କୁ ମହାମାନବ ଦୃଷ୍ଟିରେ ଅବଲୋକନ କରୁଛେ, ଯେଉଁ ମାନେ ଆମର ଆଦର୍ଶ, ଯେଉଁ ମାନଙ୍କ କାର୍ଯ୍ୟଧାରା ଆମ୍ଭମାନଙ୍କୁ ଚମତ୍କୃତ ଓ ବିସ୍ମିତ କରିଛି, ସେମାନେ ଯୁବାବସ୍ଥାରେ ହିଁ, ସେମାନଙ୍କର ପ୍ରତିଭା ପ୍ରଦର୍ଶିତ କରିଥିଲେ। ଯୁବଶକ୍ତି ଦେଶର ରାଷ୍ଟ୍ରୀୟ ସମ୍ପଦ କହିଲେ ଅତ୍ୟୁକ୍ତି ହେବନାହିଁ। ଗୋଟିଏ ରାଷ୍ଟ୍ର ବା ସମାଜର ବିନାଶ କିମ୍ବା ବିକାଶ ସବୁ ନିର୍ଭର କରେ, ଯୁବଶକ୍ତି ଉପରେ। ଦେଶର ବିକାଶ ଓ ଅଭିବୃଦ୍ଧି ନିର୍ଭର କରୁଛି, ସେହି ମାନଙ୍କ ମାନସିକତା ଉପରେ। ଦେଶ ପରାଧୀନତା ସମୟରୁ ଲକ୍ଷ୍ୟ କଲେ ମଧ୍ୟ, ସ୍ୱାଧୀନତା ପ୍ରାପ୍ତି ନିମନ୍ତେ, ସେମାନଙ୍କର ଅବଦାନକୁ ଆମେ ଅସ୍ୱୀକାର କରି ପାରିବା ନାହିଁ। ଆଜି କିନ୍ତୁ ଦୃଶ୍ୟପଟ୍ଟ ସମ୍ପୂର୍ଣ୍ଣ ପରିବର୍ତ୍ତନ ହୋଇଯାଇଛି। ଯୁବକ ମାନଙ୍କ ମଧ୍ୟରେ ଶିଥୀଳତା, ଆତ୍ମକୈନ୍ଦ୍ରିକତା, ବିଶୃଙ୍ଖଳତା ସର୍ବୋପରି ହିଂସ୍ରତା ର ମାତ୍ରା ଅହେତୁକ ଭାବରେ ବୃଦ୍ଧି ପାଇ ଚାଲିଛି। ନିଶା ରାକ୍ଷସ କବଳରେ କବଳିତ ହୋଇ, ଯୁବ ସମାଜ ଆଜି ପଥଭ୍ରଷ୍ଟ, ହୀନବୀର୍ଯ୍ୟ, ଶକ୍ତିହୀନ ଏବଂ ଅକାଳ ବାର୍ଦ୍ଧକ୍ୟଗ୍ରସ୍ତ। କଣ ପାଇଁ? କଣ ପାଇଁ ସେମାନଙ୍କର ଏ ଅଧୋପତନ? ଏଥିପାଇଁ କଣ ସେମାନେ ଦାୟୀ, ନାଁ ସାମ୍ପ୍ରତିକ ସାମାଜିକ ବ୍ୟବସ୍ଥା ଦାୟୀ, ନାଁ ରାଜନୈତିକ ନେତୃବୃନ୍ଦଙ୍କ ଉଦାସୀନତା ଦାୟୀ? ତାହା ଆଜିର ଦିନରେ ଗୁରୁତ୍ୱପୂର୍ଣ୍ଣ ବିଚାର୍ଯ୍ୟ ବିଷୟ।(୧) ଏହାର ପ୍ରଥମ ଓ ପ୍ରଧାନ କାରଣ ହେଲା ବେକାରୀ ସମସ୍ୟା। ଜନସଂଖ୍ୟା ବୃଦ୍ଧି ଏବଂ ଯାନ୍ତ୍ରିକ ବ୍ୟବସ୍ଥାର ପ୍ରଚଳନ ଯୋଗୁଁ ନିୟୋଜନ ସଙ୍କୋଚନ, ଏସବୁର ଅବସ୍ଥାର ମୁଖ୍ୟ କାରଣ।(୨) ପ୍ରଚଳିତ ଶିକ୍ଷା ପଦ୍ଧତି, ଯୁବକ ମାନଙ୍କୁ ଚାକିରୀ ଖୋଜିବାର ମାନସିକତାରୁ ମୁକ୍ତି କରାଇ ପାରୁନାହିଁ କିମ୍ବା ଅନ୍ୟ କୌଣସି କ୍ଷେତ୍ରରେ ସ୍ୱାବଲମ୍ବୀ ହୋଇପାରିବା ପରି ପର୍ଯ୍ୟାପ୍ତ ଧନ୍ଦାମୂଳକ ଶିକ୍ଷା ପ୍ରଦାନ କରିବାରେ ସମର୍ଥ ହୋଇପାରୁନାହିଁ।(୩) କଥାରେ ଅଛି, ଆଇଡିଲ୍ ମାଇଣ୍ଡ ଇଜ୍ ଡେଭିଲ୍‌ସ ଓାର୍କସପ୍। ଯୁବାବସ୍ଥାରେ ଉପଭୋଗ ନିମନ୍ତେ ଅର୍ଥର ଆବଶ୍ୟକତା ସାଙ୍ଗକୁ ଅର୍ଥ ରୋଜଗାରର ଅକ୍ଷମତା, ସେମାନଙ୍କୁ ନୈରାଶ୍ୟ ଭିତରକୁ ଟାଣିନେବା ସ୍ୱାଭାବିକ। ଗ୍ରାମାଂଚଳର ପାନ ଦୋକାନ ଠାରୁ ଆରମ୍ଭ କରି ସହରର ସରକାରୀ ଓ ବେସରକାରୀ ଚୋରା ସହଜ ଉପଲବ୍ଧ ନିଶାଦ୍ରବ୍ୟ ସାଙ୍ଗକୁ, ମୋବାଇଲରେ ନଗ୍ନ ତଥା ଅଶ୍ଳୀଳ ଦୃଶ୍ୟ ଅଗ୍ନିରେ ଘୃତ ସଂଯୋଗ ସଦୃଶ କାର୍ଯ୍ୟ କରୁଅଛି। ଟିଭି ପରଦାରେ ପ୍ରଦର୍ଶିତ ରାହାଜାନୀ, ଛିନତାଇ ପ୍ରଭୃତି ହିଂସାତ୍ମକ ମାର୍ଗରେ, କିପରି ଅର୍ଥ ରୋଜଗାର କରା ଯାଇ ପାରୁଛିର ଦୃଶ୍ୟ, ସେମାନଙ୍କୁ ପ୍ରଭାବିତ କରି ସେ ଦିଗକୁ ଆକର୍ଷିତ ମଧ୍ୟ କରୁଛି।(୪) ସଂରକ୍ଷଣ ବ୍ୟବସ୍ଥା ତଥା ପ୍ରିୟାପ୍ରୀତି ତୋଷଣ ନୀତିରେ ନିଯୁକ୍ତି ପ୍ରଦାନ, ଦକ୍ଷତା ସମ୍ପନ୍ନ ଯୁବଗୋଷ୍ଠୀଙ୍କ ମାନସିକତାରେ ପ୍ରଜ୍ୱଳିତ କରୁଛି ବିଦ୍ରୋହାଗ୍ନି। (୫) ରୋଜଗାରକ୍ଷମ ହୋଇ ପାରୁ ନଥିବାରୁ, ବେଳେ ବେଳେ ପରିବା ସଦସ୍ୟ ମାନଙ୍କର, ସେମାନଙ୍କ ପ୍ରତି ହେୟଜ୍ଞାନ ଓ କଟୁକ୍ତି, ସେମାନଙ୍କର ମାନସିକତା ଉପରେ, ଅତ୍ୟନ୍ତ ନକରାତ୍ମକ ପ୍ରଭାବ ପକାଉଅଛି। ପରମ୍ପରା ଓ ଆଧୁନିକତା ମଧ୍ୟରେ ସୃଷ୍ଟ ସଙ୍ଘର୍ଷ ଯୋଗୁଁ, ବରିଷ୍ଠ ମାନେ ଯୁବଗୋଷ୍ଠୀଙ୍କୁ ଅପରିପକ୍ୱ ଏବଂ ଅନଭିଜ୍ଞ ବୋଲି ମନେ କରିବା ବେଳେ,ଯୁବଗୋଷ୍ଠୀ ବରିଷ୍ଠ ମାନଙ୍କ ପ୍ରତି ବେଖାତିର ମନୋଭାବ ଓ ଅବଜ୍ଞା ପ୍ରଦର୍ଶନ କରୁଛନ୍ତି।(୬) ଶିକ୍ଷାଗତ ଯୋଗ୍ୟତା ଥାଇ ମଧ୍ୟ ରୋଜଗାର କ୍ଷମ ହୋଇ ନପାରିବାରୁ, ଉପଯୁକ୍ତ ପାତ୍ରରେ ବିବାହ ସମ୍ପନ୍ନ ନହୋଇ ପାରିବା, ଆଜିକାଲି ସମାଜରେ ବହୁଳ ଭାବରେ ଦୃଷ୍ଟିଗୋଚର, ଯାହାକି, ଯୁବକ ଯୁବତୀ ମାନଙ୍କର ନୈରାଶ୍ୟତା ବୃଦ୍ଧିର କାରଣ। ୨୦୧୧ମସିହା ଜନଗଣନା ଅନୁଯାୟୀଯୁବଗୋଷ୍ଠୀ ଅନୁଯାୟୀ ଦେଶର ଦେଶର ମୋଟ ଜନସଂଖ୍ୟାର ଏକ ପଂଚମାଂଶ ବା ୧୯.୧ ପ୍ରତଶତ ହେଉଛନ୍ତି ଯୁବଗୋଷ୍ଠୀ। ସର୍ବଶେଷ ସର୍ବେକ୍ଷଣ ଅନୁସାରେ,୨୦୨୦ ମସିହାରେ, ମୋଟ ଜନସଂଖ୍ୟାର ୨୭ ପ୍ରତିଶତ ଯୁବଗୋଷ୍ଠୀ ବୋଲି ଆକଳନ କରାଯାଇ ଅନୁଯାୟୀ ଦେଶର ମୋଟ ଜନସଂଖ୍ୟାର ୨୮ ପ୍ରତିଶତ ହେଉଛନ୍ତି ଯୁବଗୋଷ୍ଠୀ, ଯେଉଁ ମାନଙ୍କର ଜାତୀୟ ଆୟରେ ୩୪ ପ୍ରତିଶତ ଅବଦାନ ରହିଅଛି। ଦେଶର ପ୍ରଗତି ଓ ଅଭିବୃଦ୍ଧି , ଯୁବଶକ୍ତିର ଦକ୍ଷତା, ଶୃଙ୍ଖଳତା ଏବଂ ମାନସିକତା ଉପରେ ସଂପୂର୍ଣ୍ଣ ନିର୍ଭରଶୀଳ। କିନ୍ତୁ ଆଜିକାଲି, ଯୁବଗୋଷ୍ଠୀଙ୍କ ଦ୍ୱାରା, ଛାତ୍ର ଆନ୍ଦୋଳନ, ରାସ୍ତାରୋକ, ହରତାଳ, ଛୋଟ ଛୋଟ କଥାରେ ସରକାରୀ ବେସରକାରୀ ସଂପତି ନଷ୍ଟ ଏବଂ ଧନ ଜୀବନ ନଷ୍ଟ ଯେଉଁ ପରିମାଣରେ ବୃଦ୍ଧି ପାଇଛି , ତାହା ଅକଳ୍ପନୀୟ। ବେକାର ଯୁବକ ମାନଙ୍କର ନୈରାଶ୍ୟବାଦ ହିଁ ଏହାର ପ୍ରମୁଖ କାରଣ। କଣ କଲେ ଏସବୁ ସମସ୍ୟା ଦୁର କରା ଯାଇ ପାରିବ? (୧) ସର୍ବପ୍ରଥମେ ଯୁବକ ମାନଙ୍କୁ ରୋଜଗାରକ୍ଷମ କରାଇବା ପାଇଁ ପଦକ୍ଷେପ ଗ୍ରହଣ କରିବାକୁ ପଡିବ। ଥରେ ରୋଜଗାର କରିବାର ମାର୍ଗ ପାଇଗଲେ, ସେମାନେ ଆଉ ଅସାମାଜିକ କାର୍ଯ୍ୟକଳାପରେ ନିଜକୁ ସାମିଲ କରିବାରୁ କ୍ଷାନ୍ତ ରହିବେ, ଯାହାକି, ନିଜର, ନିଜ ପରିବାରର,ରାଜ୍ୟର ତଥା ଦେଶର ପ୍ରଗତି ପଥରେ ସହାୟକ ହେବ, ଏହା ନିଃସନ୍ଦେହ (୨) ଦ୍ରୁତ ଗତିରେ ବର୍ଦ୍ଧିତ ଜନସଂଖ୍ୟାକୁ ନିୟନ୍ତ୍ରଣ କରିବା ନିମନ୍ତେ , ଦୃଢ଼ ପଦକ୍ଷେପ ଗ୍ରହଣ ନକଲେ, ବେକାରୀ ସମସ୍ୟାର ସମାଧାନ କେବଳ ସ୍ୱପ୍ନରେ ହିଁ ସୀମିତ ରହିଯିବ।(୩) ଶିକ୍ଷା ସମାପ୍ତି ପରେ, କେବଳ ଚାକିରୀର ପଶ୍ଚାତ୍‌ଧାବନ ନକରି, କିପରି ସ୍ୱାବଲମ୍ବୀ ହୋଇ ପାରିବେ, ସେଥି ନିମନ୍ତେ ଗୁଣାତ୍ମକ, ଆକର୍ଷଣୀୟ ଧନ୍ଦାମୂଳକ ଶିକ୍ଷା ପ୍ରବର୍ତ୍ତନ କରିବା ସହିତ, ଯେଉଁମାନେ କୃଷି, ପଶୁପାଳନ, ବ୍ୟବସାୟ ବା ଉଦ୍ୟୋଗ ପ୍ରତିଷ୍ଠା କରିବାକୁ ଚାହିଁବେ, ସେମାନଙ୍କୁ ବିନା ସୁଧରେ ଋଣ ପ୍ରଦାନ ତଥା ବୈଷୟିକ ସହାୟତା ପ୍ରଦାନ କରି, ପ୍ରୋତ୍ସାହିତ କରିବା ଏକାନ୍ତ ଆବଶ୍ୟକ। (୪) ଯୁବକ ମାନଙ୍କୁ ଶୃଙ୍ଖଳିତ କରି, ଦେଶକୁ ପ୍ରଗତି ପଥରେ ଆଗେଇ ନେବାକୁ ହେଲେ, ନିଶାଦ୍ରବ୍ୟର ସହଜଲଭ୍ୟତା ଏବଂ ମୋବାଇଲରେ ପ୍ରଦର୍ଶିତ ଅଶ୍ଳୀଳ ୱେବ୍‌ସାଇଟ ଉପରେ ରୋକ ଲଗାଇବା ନିହାତି ଜରୁରୀ। (୫) ଜାତିଭିତିକ ସଂରକ୍ଷଣ ବ୍ୟବସ୍ଥାର ଉଚ୍ଛେଦ କରି, ଅର୍ଥନୈତିକ ସଂରକ୍ଷଣ ର ପ୍ରଚଳନ ତଥା ନିୟୋଜନ କ୍ଷେତ୍ରରେ ସ୍ୱଛତା, ଅନେକାଂଶରେ ଯୁବକ ମାନଙ୍କର ନୈରାଶ୍ୟ ଦୁରୀକରଣରେ ସହାୟ ହୋଇ ପାରିବ। (୬) ବରିଷ୍ଠ ମାନେ ଯୁବକ ମାନଙ୍କ ପ୍ରତି କଟୁକ୍ତି ପ୍ରୟୋଗ ପୂର୍ବକ ନିରୁତ୍ସାହିତ ନକରି, ସେମାନଙ୍କୁ ଶ୍ରଦ୍ଧା ତଥା ଆନ୍ତରିକତାର ସହିତ, ସତ୍ ମାର୍ଗରେ ପରିଚାଳିତ ହେବା ପାଇଁ, ସଦା ସର୍ବଦା ଉତ୍ସାହିତ କରିବାର ପ୍ରୟାସ ଜାରି ରଖିବା ଦରକାର। (୭) ନିଜର କାର୍ଯ୍ୟସିଦ୍ଧି ନିମନ୍ତେ, ଦୁର୍ନୀତିଗ୍ରସ୍ତ ରାଜନୈତିକ ବ୍ୟକ୍ତି ମାନେ ଯୁବକ ମାନଙ୍କୁ ଅସତ୍ କାର୍ଯ୍ୟରେ ଅସ୍ତ୍ର ରୂପେ ବ୍ୟବାହାର କରନ୍ତି। କିନ୍ତୁ କୌଣସି କାରଣରୁ , ଯଦି ସେମାନେ ଧରା ପଡିଗଲେ, ତେବେ ନିଜର ସମ୍ମାନ ହାନୀ ଭୟରେ,ତାଙ୍କୁ ସାହାଯ୍ୟ କରନ୍ତି ନାହିଁ। ଏଥିପ୍ରତି ଯୁବଶକ୍ତି ଯଥେଷ୍ଟ ସତର୍କ ରହିବା ଆବଶ୍ୟକ। (୮) ଆଜିର ଦୁନିଆରେ ନୈତିକତାର ଦ୍ରୁତ ହ୍ରାସ ଯୋଗୁଁ , ଆମ୍ଭେମାନେ ଏକ ଭୟଙ୍କର ପରିସ୍ଥିତିର ସମ୍ମୁଖୀନ ହେବାକୁ ଯାଉଛେ, ତେଣୁ ଯୁବକ ମାନଙ୍କୁ ଶୃଙ୍ଖଳିତ କରି,ସତ୍ ମାର୍ଗରେ ପରିଚାଳିତ କରିବା ପାଇଁ, ବିଦ୍ୟାଳୟ ସ୍ତରରୁ ନୈତିକଶିକ୍ଷା ବାଧ୍ୟତା ମୂଳକ କରିବା ଉଚିତ୍।

ଦେଶର ଭବିଷ୍ୟତ ଯୁବକ ମାନଙ୍କ ହାତରେ, ସେମାନେ ଚାହିଁଲେ, ଦେଶରୁ ଅନେକ ସମସ୍ୟା ଯଥା- ଦୁର୍ନିତୀ, ଭ୍ରଷ୍ଟାଚାର, ଅଶିକ୍ଷା, ଆଂଚଳିକବାଦ, ଜାତିଆଣବାଦ, ସାଂପ୍ରଦାୟୀକତା, ଯୌତୁକ ପ୍ରଥା ଇତ୍ୟାଦି ଦୁର କରାଯାଇପାରିବ। ତେଣୁ ଆସନ୍ତୁ ଆମେ ସମସ୍ତେ, ସ୍ନେହ ଆନ୍ତରିକତା ପ୍ରଦର୍ଶନ ଏବଂ ସତ୍ ଉପଦେଶ ପ୍ରଦାନ ପୁର୍ବକ, ଯୁବଶକ୍ତିର ଦକ୍ଷତା ବୃଦ୍ଧିକରି, ସେମାନଙ୍କୁ ଦେଶ ପ୍ରେମରେ ବ୍ରତୀ କରାଇ, ଏ ପତନ୍ନୋମୁଖୀ ସମାଜକୁ ଏକ ଆସନ୍ନ ବିପଦରୁ ରକ୍ଷା କରିବା।


+ଅବସରପ୍ରାପ୍ତ ପ୍ରଧାନଶିକ୍ଷକ,
ଈଶାଣୀ ବ୍ରହ୍ମପୁର,କଟକ
ମୋ:୬୩୭୧୫୯୩୨୨୦







## ନିଃଶ୍ୱାସ

ପୁଷ୍ପାଞ୍ଜଳି ମିଶ୍ର

ଏମିତି ଯଦି ଘଟିବାର ଥିଲା
ସେମିତି କାହିଁକି କଲ
କିଛି ପାଇ ବାକୁ ଆଶା ନ ରଖି
ବାଣ୍ଟି ଦେଲି ମୋ ନିଶ୍ୱାସ କୁ
ହସ ଲୁହ ଲୁଚ କାଳି ଖେଳ ରେ
ତଥାପି କେତେ ସୁନ୍ଦର
ଚିରନ୍ତନ ସତ୍ୟ ଆଉ ଶାଶ୍ୱତ
ସୁଲୁ ସୁଲୁ ପବନରେ
ଧୋ ଧୋ ଖରାରେ
ଘୁଡୁ ଘୁଡୁ ଅନ୍ଧାର ରେ
ଏମିତି ତ ବହୁବାର ଘଟିଛି
ସେଥିପାଇଁ ତ
କିଛି ଆଶା ନ ରଖି
ଦୁଃଖ ଆଉ ଲୁହର ଶିକୁଳି ରେ
ବାଂଧି ଦେଇଚି ମୋ
ପାରିବା ପଣକୁ
ଦୁଇ ଟି ମନର ମିଳନ
ମୌଳିକ ଅଧିକାର
ସୃଷ୍ଟି କରେ ଉଶୃଙ୍ଖଳ ଆଉ
ଉଦ୍ଦୀପନା
ଭଗ୍ନ ବୀଣା ର କରୁଣ ମୂରଛନା
ପବିତ୍ର ଆତ୍ମା ର ମିଳନ
ସମୟର ବିବର୍ତ୍ତନରେ
ଚାଲିଲେ ଜୀବନଟା
ସରସ ଆଉ ସୁନ୍ଦର
ମୁଁ ଡୁବି ଯାଉଛି ସ୍ୱପ୍ନ ରେ
ବିଭୋର ହୋଇ ଯାଉଛି
ନିରବତା ଶବ୍ଦ ଭିତରେ
ଆଉ ନିଃଶ୍ୱାସ ପ୍ରଶ୍ୱାସ ରେ
କାହାର ଝାପସା ମୁହଁ
ହସି ହସି କହୁଛି
ସମ୍ଭବ ସବୁ ଏଠି ସମ୍ଭବ
ଖାଲି ଯାହା ସମୟକୁ ଅପେକ୍ଷା ।


+ ସୁକିନ୍ଦା କ୍ରୋମାଇଟ୍ ମାଇନ୍ସ
ଯାଜପୁର
(ମୋ)୯୫୫୬୬୪୩୯୨୧


## ତୁମେ

ସୁଦର୍ଶନ ମହାପାତ୍ର

ଅନ୍ଧକାର ଚିରି ନୂଆ ସକାଳରେ
ଉଭା ତୁମେ ଦିଗନ୍ତରେ
ମହା ଶୂନ୍ୟତାରୁ ଆଶାର କିରଣ
ତୁମ ଇଙ୍ଗିତରେ ଝରେ।
ରୋପି ଦେଇଅଛ ବଞ୍ଚିବାର ଇଚ୍ଛା
ମାଟିରେ ଅଙ୍କୁର ପରି
ଉଷର ମାଟିର ତୃଷିତ ଓଠରେ
ତୁମେ ଆଞ୍ଜୁଳାଏ ବାରି।
ହସ କାନ୍ଦ ସତେ ଜୁଆର ଓ ଭଟ୍ଟା
ଜୀବନ ନଈର ତୀରେ
ତୁମେ ବାହୁଥାଅ ଭରସାର ନାଆ
ଏ ପାରିରେ ସେ ପାରିରେ।
ସୁଖର ଅବଧି କ୍ଷଣିକ ସଂସାରେ
ଜୀବନର ସତ୍ୟ ଏହି
ବାଟ ବତାଇଛ ଦୁଃଖ ଭୁଲିବାକୁ
ଓଠ ଧାରେ ହସ ହୋଇ।
କେବେ ତୁମେ ବିନ୍ଦୁ କେବେ ତୁମେ ସିନ୍ଧୁ
ତୁମ ଠୁ ସୃଷ୍ଟି ଜୀବନ
ଜଡ ବା ଜୀବନ୍ତ ସବୁରି ଦେହରେ
ତୁମ ସତ୍ତା ବିଦ୍ୟମାନ।
ତୁମେ ତ ମୋ ପାଇଁ ଅମା ଅନ୍ଧକାରେ
ଆଲୋକର ଶିଖାଟିଏ
ତୁମେ ରେଖାଙ୍କିତ ଦିବ୍ୟ ଦିଗନ୍ତକୁ
ଚିହ୍ନା ଜଣା ପଥଟିଏ


+କୁଞ୍ଜବିହାରୀ ଲେନ, କଟକ


## ଶ୍ରଦ୍ଧା ଓ ବିଶ୍ୱାସ

ନିରଞ୍ଜନ ସାହୁ

ଶ୍ରଦ୍ଧା ଓ ବିଶ୍ୱାସ ପରିପୁରକ ଯେ
କେବେ ନୁହେଁ ଭିନ୍ନ କରି
ଗୋଟିଏକୁ ଛାଡି ଅନ୍ୟକୁ ଭାବିବା
କେମିତି ବା କେଉଁପରି ।

ଯେଉଁ କାମଟିରେ ଶ୍ରଦ୍ଧା ହିଁ ନ ଥାଏ
ସେ କାମେ ସଫଳ ନାହିଁ
ବିଶ୍ୱାସ ନ ଥିଲେ ଭରସା ନ ଥାଏ
ରହିଥିବ ଯାହା ଚାହିଁ
ସଫଳତା ଶୀର୍ଷ ଛୁଇଁବାକୁ ହେଲେ
ଶ୍ରଦ୍ଧା ବିଶ୍ୱାସକୁ ଧରି ।

ଶ୍ରଦ୍ଧାବାନ ସଦା ଜ୍ଞାନଲାଭ କରେ
ଗୀତାର ଅଭୟ ବାଣୀ
ବିଶ୍ୱାସରେ ହରି ତର୍କେ ବହୁଦୂର
ଏହି କଥା ଥାଅ ଜାଣି
ଶ୍ରଦ୍ଧା ଓ ବିଶ୍ୱାସ ଭବାନୀ ଶଙ୍କର
ତୁଳସୀ ମାନସେ ଭରି ।

ଶ୍ରଦ୍ଧାର ସହିତ ବିଶ୍ୱାସ କରିକି
ଯେଉଁ କାମ କରାଯାଏ
ବିଭୁ କୃପା ତହିଁ ନିଶ୍ଚୟ ଥାଏଟି
ସଫଳତା ନିଶ୍ଚେ ପାଏ
ଶ୍ରଦ୍ଧା ବିରହିତ ଯଜ୍ଞ ତାମସିକ
ବିଶ୍ୱାସ ବି ଯାଏ ମରି ।


+ନିହଲପ୍ରସାଦ , ଗଁଦିଆ ପାଟଣା
ଢେଙ୍କାନାଳ -୭୫୯୦୧୬
ମୋ: ୯୯୩୮୭୪୧୫୮୩


## ଭୋଜି ଖାଇ ଯିବା ନାହିଁ

ରମେଶ ଚନ୍ଦ୍ର ନାୟକ

ସାମଲ ବାବୁଙ୍କ ପୁଅ ବିଭାଘର
ନିମନ୍ତ୍ରଣ ପତ୍ର ପାଇ
ଯାଇଥିଲି ମୁଁ ଯେ ଭୋଜି ଖାଇବାକୁ
ପତ୍ନୀକୁ ସାଥିରେ ନେଇ ।

ଭୋଜି ସଭାସ୍ଥଳ କମ୍ପି ଉଠୁଥିଲା
ନାଚ ଗୀତ ବାଜା ବାଣେ
ପୁଅ ଝିଅ କିଛି ବାରଣ ନଥିଲା
ଝୁମୁଥିଲେ ଜଣେ ଜଣେ ।

ହଜାର ହଜାର ଲୋକ ଜମି ଥିଲେ
ଠିଆ ହେଲି ଏକ କୋଣେ
ପତ୍ନୀର ହାତରେ ଉପହାର ଦେଇ
ଚାହିଁ ଥିଲି ଏକ ଧ୍ୟାନେ ।

ଉପହାର ଦେଲା ଆଶୀର୍ବାଦ କଲା
ଫଟୋ ମଧ ଉଠାଇଲା
ନୃତ୍ୟ କରିବାକୁ ବାଧ କରିବାରୁ
ଲାଜେ ଧାଇଁ ଆସିଥିଲା ।

ବାଟ ଖୋଜି ଖୋଜି ପତର ଧରିଲୁ
ଖାଦ୍ୟ ଷ୍ଟଲ୍ ଯିବା ପାଇଁ
ଲମ୍ବା ଧାଡ଼ି ଦେଖି ହୋଅସ୍ ଉଡିଲା
ଛିଡା ହେଲୁ ବାଧ ହୋଇ ।

ଛୋଟ ପାଦେ ପାଦେ ଆଗକୁ ଚାଲିଲୁ
ପତର ଦେଲୁ ବଢାଇ
ନାନା କିସମର ଖାଦ୍ୟ ପରଷିଲେ
ପତ୍ରରେ ଜାଗାତ ନାହିଁ ।

ଗୁଣ୍ଡେ ଦି'ଇ ଗୁଣ୍ଡା ଖାଇଛୁକି ନାହିଁ
କୋଳାହଳ ଠେଲାପେଲା
ଚାହୁଁ ଚାହୁଁ ଆମ ଉପରେ ସତେକି
ଟ୍ରକ ଟିଏ ମାଡ଼ିଗଲା ।

ଛିଟିକି ପଡ଼ିଲା ହାତୁ ଖାଦ୍ୟ ଥାଳି
ଭୟଭୀତ ଥରହର
ମଦୁଆ ମାତାଲ୍ ଅବା କିଏ ଚୋର
କରିଦେଲେ ଛାରଖାର ।

ସମୟ ସ୍ରୋତରେ ଯୁଗ ବଦଳିଛି
ପରମ୍ପରା ବାଟବଣା
ଆଧୁନିକ ସଭ୍ୟ ମାନବ ସମାଜେ
ସଭ୍ୟ ଅସଭ୍ୟରେ ଗଣା ।

ମନ ମାନିଗଲା ଆତ୍ମା ଶାନ୍ତି ହେଲା
ଲାଜରେ ଆସିଲୁ ଧାଇଁ
ଗୃହିଣୀ ମୋହର ମୁହଁ ମୋଡ଼ି କୁହେ
ଭୋଜି ଖାଇ ଯିବା ନାହିଁ ।


+କେଶରପୁର , ବକ୍ସି ବଜାର ,
କଟକ
ମୋ :- ୭୯୭୮୧୫୧୭୧୦


## କାର୍ତ୍ତିକ ମାସ

ପ୍ରଶାନ୍ତ କୁମାର ନାଥ

ବିନା ପିଆଜ ରସୁଣେ ମା ରାନ୍ଧିଦିଏ
ଦେଇକି ଫୁଟଣ ଛୁଙ୍କ
କେତେ ସୁଆଦିଆ ଲାଗୁଥାଏ ତାହା
ଲାଗେ ମୋତେ ବେଶି ଭୋକ ।

ଆନନ୍ଦ ମନରେ ମୁଁ ଭୋଜନ କରଇ
ଆସିଲେ କର୍ତ୍ତିକ ମାସ
ତେଲ ମସଲାରୁ ପାଟି ରୁହଇ ଦୂରଇ
ଲାଗଇ ଭାରି ଉସାସ ।

ହବିଷ ମାସ ବୋଲି କୁହନ୍ତି ସଭିଏଁ
ଆମିଷ ଛୁଅନ୍ତି ନାହିଁ
ପବିତ୍ର ମାସରେ ଗଣା ପରା ତାହା
ତାପରି କେହିତ ନାହିଁ ।

ଭକତି ଭବରେ ମନ୍ଦିର ଯାଇ ମୁଁ
କରଇ ଠାକୁର ପୂଜା
କର୍ତ୍ତିକ ମାସର ସକାଳ ଗାଧୁଆ
ଲାଗୁଥାଏ ଭାରି ମଜା ।


ସୁନ୍ଦରପୁର,ଉତ୍ତରକୂଳହାଟ୍,
ପ୍ରୀତିପୁର, ଯାଜପୁର
ମୋ-୮୮୯୨୩୦୧୧୪୩

# କବିତାମାଳା



## ଯୁଦ୍ଧ

### ରାଜେଶ ପୂଜାରୀ



ସଭ୍ୟତା ସଂସ୍କୃତିର ନିଅଁ ଦୁର୍ବଳ
ବୃଥା ଅହମିକାରେ
ବନ୍ୟା ବାତ୍ୟା ଭଳି
ଆତଙ୍କମାନଙ୍କ ସତର୍କତା
ବେଲୁନ୍ ପ୍ରାୟ ଏଠାରେ
ସହସ୍ର ହିଂସ୍ରାକ୍ଷି ଲାଖିଛି
ଅଗଣିତ ଦ୍ରୌପଦୀ ଉପରେ ।

ପୁରୁଷତ୍ୱ ଏକ ଜାଙ୍ଗଳିକ
ଯାତ୍ରା କେବଳ
ବାକିବେଳେ ସଭିଏଁ ପିନ୍ଧନ୍ତି ଚୁଡ଼ି
ଦେଖନ୍ତି ଦୁର୍ଦ୍ଦଶା ନଙ୍ଗଳାପଣର
ଶିଖନ୍ତି ସୁଖ ନାଁ'ରେ
ବିଭିନ୍ନ କୌଶଳ ଦୁଃଖ କିଣିବାର।

ଶକ୍ତରୁ ଶକ୍ତ ଇନ୍ଦ୍ରଜାଲ
ଅପୂରଣ ସ୍ୱପ୍ନସବୁ ମୋଡୁଛନ୍ତି ମୁହଁ

ସାପ ବେଙ୍ଗର ଦୂରତ୍ୱ
ସଭିଙ୍କ ଭିତରେ
ନିଜ ଛଡା ଜଣେ,
ଆଉ କାହାରି ବି ନୁହଁ ।

ଏବେ ଯୁଦ୍ଧ ଜରୁରୀ
ଅର୍ଥାତ ମୁଁ ଲଢିବାକୁ ଚାହେଁ
ପ୍ରଥମେ ମୋ'ରି ସାଥିରେ
ନିଜର ସବୁ ଅସୁରତ୍ୱ ନାଶି
ଭୁଲ୍ 'ମାନଙ୍କୁ ଠିକ୍'ର
କାଠଗଡାରେ ଛିଡା କରେଇ
ଅଯଥାରେ ବୁଦ୍ଧିମାନ ହେବାର ଭ୍ରମ
ପୋଛିବାକୁ ଚାହେଁ...।

ଆପେ ଭାଙ୍ଗି ଯୋଡ଼ିହେଲା ପରେ ତ
ଯେତେ ଉପଦ୍ରବର ଖମ୍ବ ଭାଙ୍ଗିହେବ
ଆପଦ ମସ୍ତକୁ ଛଦ୍ମମଳି ଧୋଇ
ଚେତନାର ଚନ୍ଦନ ବୋଳିହେବ
ନିଜେ ମଣିଷ ହେଲାପରେ ହିଁ
ମଣିଷ ଚିହ୍ନିହେବ।

ନାହିଁ କାହାକୁ ଶିଖେଇବା ବୁଝେଇବା
ସାମର୍ଥ୍ୟ କି କଳା
ଯେବେ ମୁଁ ଆଜନ୍ମ ଅବୁଝା ହୁଗୁଳା
ନିଜେ ନିଜର ପ୍ରଳୟ ଘେରି ଭିତରେ
ଏକଲା ଏକଦମ୍ ଏକଲା...।

ମୁଁ ହିଁ ମୋର ପ୍ରତିଦ୍ୱନ୍ଦୀ ଏଠି
ତୀର ତୁଣୀର, ପୁଣି ରଣାଙ୍ଗନ...
ମୁଁ ମୋର ବଳ
ଆତ୍ମସଂଯମ ଆପେ ଆପଣାର
ମୁଁ ମୃତ୍ୟୁ ବି, ମୁଁ ବି ଜୀବନ ।

+କୁଶମେଲ, ଝାରସୁଗୁଡ଼ା
(ମୋ) ୮୧୪୪୭୭୯୦୬୧

## କବିତାର ରଂଗ

### ବିଶ୍ୱନାଥ ନାୟକ



ଦେଖିବ ଦିନେ
କବିତାର ଶବ୍ଦମାନଂକୁ
ସେ ଗାଢ ଲାଲ୍ ଅଳତା ରଂଗର
ବିଦ୍ରୋହ ନେଇ ଠିଆହେବ
ସହର, ବଜାର, ଗାଁ, ମଫସଲ
ସୀମା ସରହଦର ଚୌହଦୀରେ।

ଆପଣା ଛାଏଁ ପୃଥିବୀର
ଧର୍ମ, ନ୍ୟାୟ, ନୀତି ନିୟମକୁ
ଆଂଗୁଳି ଦେଖେଇବା
ଆରଂଭ କରିବ,
ତା ଶବ୍ଦଭେଦୀ ସ୍ୱର
ଅନୁରଣିତ ହେବ
ଆମ ପ୍ରାର୍ଥନାର ସ୍ୱର ହୋଇ
ଆମ ରକ୍ତ ସେଇ ଶବ୍ଦକୁ
ବାରିନେବ ପ୍ରାଚୀନ
ସୂର୍ଯ୍ୟଂକ କଅଁଳ ଖରାରୁ ।

ଦେଖିବ ଦିନେ
ସେ ଆମଭିତରେ ଶୋଇ
ପଡୁଥିବା ମଣିଷ ପଣିଆକୁ
ଜଗୁଆଳି ହୋଇ ନିଦରୁ
ଉଠେଇବା ଆରମ୍ଭ କରିବ
ଆମ ଭିତରେ ଦ୍ରାକ୍ଷାଲତା ଭଳି
ଗୋଡେଇ ଯାଉଥିବା
ସ୍ୱାର୍ଥପରତାକୁ ଚିହ୍ନିଯିବ।

ଦେଖିବ ଦିନେ
ସେଇ ଶବ୍ଦମାନଂକୁ
ସୀମା ସରହଦକୁ ଜଗିବସିବ
ଶବ୍ଦର ବଂଧୁକ, ଗୋଳାବାରୁଦ,
ଅସ୍ତ୍ରଶସ୍ତ୍ର ନେଇ ଖୋଜିବ
ମଣିଷ ପଣିଆର ପରିଚୟ ପତ୍ର
ଦେଶର ମହତ୍ୱକାଂକ୍ଷିତାର
ରଂଗ ହୋଇ ଚିହ୍ନଟ କରିବ।

ଦେଖିବ ଦିନେ
ଆଉ ବେଶିଦିନ
ତୁମମାନଂକ ଅରାଜକତା, ଧର୍ମଦ୍ରୋହ,
ପୈଶାଚିକ ପ୍ରବୃତ୍ତି ଚାଲିବନି
ଶବ୍ଦର ପଟୁଆର ନେଇ
ବିପ୍ଳବର ମଂତ୍ର ହୋଇ
କବିତାର ଶବ୍ଦ ସବୁ
ଠିଆ ହୋଇଥିବେ
ରକ୍ତ କଣିକାରୁ
ଖୋଜିବାକୁ ସେଇ
ଜୀବନ୍ତ କଣିକା ସବୁକୁ।

+ ଗୋଳାପୋଖରୀ
ତିହିଡି,ଭଦ୍ରକ
(ମୋ)୮୦୮୮୫୫୭୮୦୦

## ଭଙ୍ଗା ହୃଦୟ

### ତପନ ସାହୁ



ତୁ ଦେଖିଲେ ସିନା ଜାଣିବୁ
ମୋ ହୃଦୟ ଯୋଡ଼ିଛି ନା ଭାଙ୍ଗିଛି
ହୃଦୟ ଉପରେ ତ ହଜାରେ ପରସ୍ତ
ହାଡ଼, ମାଂସ, ରକ୍ତ
ଇଚ୍ଛା ଥିଲେ ସୁଦ୍ଧା
ନା ଚିରି ପାରୁଛି ନା ଦେଖେଇ ପାରୁଛି ।

ତୋ ନିବିଡ଼ ଆଶ୍ଳେଷର ଆବରଣ
ମୋ ଦେହ ସାରା
କେବେ ମୋହରେ
କେବେ ଲୁହରେ ।

ହୃଦୟ ଭାଙ୍ଗି ଦୁଇ ଫାଳ ହେଲା ପରେ ସୁଦ୍ଧା
ତୁ ରହି ଥାଉ ଗୋଟେ ଫାଳେ ପୂର୍ଣ୍ଣିମା
ଆଉ ଫାଳେ ଅମାବାସ୍ୟା ହୋଇ
ଭଙ୍ଗା ହୃଦୟର ପ୍ରତିଟି ମୁହୂର୍ତ୍ତରେ
ରାତିର ମୋହ ହୋଇ ।

ତୋ ପୃଥିବୀରୁ ମୁଁ ଦୂରେଇ ଗଲାପରେ
ଏବେ ମୋ ହୃଦୟ ସାଥେ
ତୁ ବି ଖଣ୍ଡ ବିଖଣ୍ଡିତ
ତୋ ପୂର୍ଣ୍ଣତାରେ ଇ ସମାହିତ ମୋ ସୁଖ
ଯୋଡ଼ିଯାଉ ହୃଦୟ
ଶେଷ ହେଉ ଅପ୍ରାପ୍ତିର ମୋହ
ପୂର୍ଣ୍ଣଚ୍ଛେଦ ପଡୁ ଯନ୍ତ୍ରଣାରେ, ଭଙ୍ଗା ହୃଦୟର ।

+ ବେଲଗାଁ, କଳାହାଣ୍ଡି
(ମୋ) ୯୦୧୯୩୧୧୮୬୮

## ଚଉଦଟି ଇଞ୍ଜେକସନ୍

### ମୂଳ-ଦିନକର ସୋନବଲକର

### ଅନୁବାଦ- ବିନୟ କୁମାର ଦାସ



ମୁଁ ମୋ ଅଫିସରଙ୍କୁ ଭୟ କରେନାହିଁ
ଭୟ କରେ ତାଙ୍କର କୁକୁରମାନଙ୍କୁ ।
ସେମାନେ ଅଯଥାରେ ପ୍ରତ୍ୟେକ
ମୁହୂର୍ତ୍ତରେ ଭୁକୁଥାନ୍ତି
ଆଉ ନିଜ ପରିଚିତଙ୍କ
ପିଠିରେ ହିଁ ଛୁରୀ ଭୁଷିବାକୁ
ଭଲ ପାଆନ୍ତି ।
ଅଫିସରଙ୍କ କରୁଣାରୁ ଏତେ ଶକ୍ତିଶାଳୀ ଯେ
ଧରାକୁ ସରା ମଣନ୍ତି ସେମାନେ ।
ବେଳେବେଳେ ଏମିତି ବି ଭାବନ୍ତି
ସେଇମାନଙ୍କ ପାଇଁ ହିଁ ଚାଲିଛି ସବୁକିଛି ।
କାହା ପାଖରୁ ଟିକିଏ କିଛି ମିଳିଗଲେ
ଲାଙ୍ଗୁଡ ହଲାଇ କୃତଜ୍ଞତା ଜଣାନ୍ତି ।

ବାସ୍, ଏତିକି ହିଁ ସେମାନଙ୍କର ଔକାତ୍ ।

ରଥ ତଳେ ଥାଇ ବି ସେମାନେ କୁହନ୍ତି
ଆମରି ପାଇଁ ପରା ରଥ ଚାଲୁଛି ।

ଅନୁଶାସନର ଜିରୋ ପାୱାର ବଲବ୍
ଆମ୍ଭମାନଙ୍କ ପାଇଁ ତ ଏତେ ଉଜ୍ଜଳ
ହୋଇ ଜଳିପାରୁଛି ।

ସେମାନଙ୍କ ସ୍ୱାର୍ଥରେ କୋଉଠି ଟିକେ
ବାଧା ଆସିଗଲେ କି
ପାନରୁ ଚୂନ ଖସିଗଲେ
ସେମାନେ ଅବିଳମ୍ବେ କାମୁଡି ପକାନ୍ତି ।
ସେଇ ଭୟ ହିଁ ମୋତେ ନିରନ୍ତର ଘାରୁଛି
କାରଣ,
ଏମିତି ହେଲେ ମୋତେ ନିଶ୍ଚିତ ଭାବରେ
ଚଉଦଟି ଇଞ୍ଜେକସନ୍ ନେବାକୁ ହିଁ ହେବ ।

+ ଅନାମିକା ନୀଡ, ଅଂଗାରଗଡିଆ,
ବାଲେଶ୍ୱର-୧
(ମୋ) ୭୯୭୮୮୬୦୩୬୩

## ତଉଲୁ ଥାଏ

### ନୀହାରିକା ରାୟ ବରାଳ



ଯେତେବେଳେ ମୁଁ
ତୋ ଭଲପାଇବାର ଅଗଣାରେ ବୁଣି ହେଇଯାଏ
ତୁ ଖୁଣ୍ଟିନେଉ ଆପଣା ପଣରେ
ଯେବେ ଖଣ୍ଡ ଖଣ୍ଡ ହୋଇ ଭାଙ୍ଗିଯାଏ
ମୋ ଅଧାଗଢ଼ା ସ୍ୱପ୍ନର ଇମାରତ
ତୁ ଯୋଡ଼ିଚାଲୁ କେତେ ସହଜରେ
ଅତୀତରେ ସ୍ମୃତି ଚାରଣରେ
ପବନରେ ଉଡ଼ିଯାଉଥିବା ସାତସିଆଁ ଖୁସିକୁ
ତୋ ଆତ୍ମୀୟତାର ଲଟେଇରେ
ନେଇ ଆସୁ ହାତପାହାନ୍ତାକୁ ।

ଯଦି କେବେ ଯନ୍ତ୍ରଣାରେ
ଟିକ୍‌ଟିକ୍ କରୁଥିବା ହୃଦୟ
ଅଚାନକ ବନ୍ଦ ହୋଇଗଲା ପରି ଲାଗେ
କାହାର ବିଶ୍ୱାସଘାତକତା କି ବିରହ ପଣରେ
ତୁ ଫଗୁଣର ମଳୟ ପରି
ଛୁଇଁଯାଉ ମୋ କପାଳ, ଗ୍ରୀବା
ଛୁଇଁଯାଉ ଉଦ୍‌ବେଳିତ ସ୍ନାୟୁ ଅବୟବ
ମୁଁ ଫେରି ଆସେ ମୋ ଅଭାବିତ ବର୍ତ୍ତମାନରୁ
ସମୟକୁ ଚୁମା ଖାଇଲା ବେଳେ
ଭୁଲିଯାଏ କ୍ଷତର ଗଭୀରତା କି
ସଂଭାବିତ ଆର୍ତ୍ତନାଦର ଇତିକଥା ।

ମୁଁ ଅରାଣ୍ଟୁଥାଏ
କାହିଁ କେଉଁ କାଳୁ ବନ୍ଦଥିବା
ସଂପର୍କର ପେଡ଼ି ପୁଟୁଳା
ସାତତାଳ ପାଣି ତଳେ ଦିକ୍‌ଦିକ୍ ଜଳୁଥିବା
ପଗଦଣ୍ଡିର ଅଲିଭା ଦିପ
କେବେ ତୋ ଖିଆଲି ଭାବନା ସବୁ
ଫର୍ଚ୍ଚା ଜହ୍ନରାତି ପରି ଆବୋରି ଥାଆନ୍ତି
ମୋ ପଳାତକ ଇଚ୍ଛାମାନଙ୍କୁ ପ୍ରତିଟି ମୁହୂର୍ତ୍ତ ।
ଅନ୍ୟ ମନସ୍କତାର ତରାଜୁରେ ତଉଲୁଥାଏ
ତତେ, ତୋ ଭଲ ପାଇବାକୁ
କା'ମାନେ ଦିଶୁଥାନ୍ତି ନିହାତି କାକୁସ୍ଥ ।

+ ଅନୁରାଗ, ବି/୧୦, ପ୍ରତିଭା ଏନକ୍ଲେଭ
ବିଜେବି ନଗର
ଭୁବନେଶ୍ୱର-୧୪

## ମମିତା ମେହେର

### କବି ବିପ୍ଳବ



ସତ କହିବା ମହାପାପ
ଏଇ ଉପପାଦ୍ୟକୁ
ମୁଖସ୍ଥ କରିବାକୁ ହେବ
ନିରୀହ ପ୍ରଜାପତିମାନଙ୍କୁ
କା' ମହୁବୋଳା କଥାରେ
ଡଙ୍କେଇ ଯିବା
ମହଙ୍ଗା ପଡିପାରେ ଏବେ
ପାଦ ବଢ଼େଇବା ଆଗରୁ
ଶିଖିବାକୁ ହେବ
ହାତେ ମାପି ଚାଖଣ୍ଡକରେ ଚାଲିବାର କଳା
ଆତ୍ମ ରକ୍ଷାର କୌଶଳ
ସାବଧାନ ଥାଅ ମମିତାମାନେ
କା' ଚରିତ୍ର ସଫା ରଖିବାକୁ
ତମ ମୁହଁରେ ଢାଙ୍କି ଦିଆ ଯାଇପାରେ
ସଫେଦ ଚାଦର !

+ ମକୁନ୍ଦ ପୁର, ବାଙ୍କୀ
(ମୋ) ୯୪୩୭୪୬୮୦୧୬



## ମୁଁ ଗୃହିଣୀ

### ଶ୍ରୁତକିର୍ତ୍ତୀ ତ୍ରିପାଠୀ



ସକ୍ଷମ ମୁଁ ନ ହୋଇପାରେ
କିଛି ରୋଜଗାର ପାଇଁ
ହେଲେ ସଞ୍ଚୟ ଓ ଘର ଚଳେଇବାରେ
ମୁଁ ବେଶ ଧୁରନ୍ଧର
ମାସ ଶେଷରେ ଦରମା ଅଣ୍ଟୁ କି ନ ଅଣ୍ଟୁ
ସୁରୁଖୁରୁରେ ଚାଲିଥାଏ ମୋ ସଂସାର ।

କୁଣିଆ ମଇତ୍ର ଯାନିଯାତରା
ବାରମାସ ତେର ପୂଜା ପରବ
ଶ୍ରଦ୍ଧା ସମ୍ମାନ ଭକ୍ତିର ନୈବେଦ୍ୟ
ବାଢିଦିଏ ସମସ୍ତଙ୍କୁ କରି ଆପଣାର
ନ ଥାଏ ତିଳେ ହେଁ କ୍ଳାନ୍ତି ଅବଶୋଷ
ସଭିଙ୍କ ଖୁସିରେ ମୁଁ ହୁଏ ସନ୍ତୋଷ ।

ପିଲାଙ୍କ ପାଠପଢା ଖେଳକୁଦ ବୁଝେ
ଦିଏ ଉଚିତ ଶିକ୍ଷା ଓ ସଂସ୍କାର
ସବୁ ଗୁରୁ ଦାୟିତ୍ୱ ବହନରେ
ନ ଥାଏ କେବେହେଁ ହେଳା ମୋର
ଛୋଟ ବଡ଼ ସବୁ ସୁବିଧା ଅସୁବିଧା
ସ୍ୱାମୀଙ୍କ ପୂର୍ବରୁ ସମ୍ଭାଳି ନେବାକୁ ମୁଁ ତତ୍ପର ।

କେବେ ପ୍ରଣୟିନୀ କେବେ ପ୍ରେମିକା
ସ୍ୱାମୀ ପାଇଁ ସାଜେ ଅଭିସାରିକା
ମାତୃତୁଲ୍ୟ ହୋଇ ପୁଣି କେବେ
ସେବା ଓ ମମତାର ଝରାଏ ଗଙ୍ଗା
ବନ୍ଧୁ ସମ ଜାଣେ ମନର କଥା
ବାଣ୍ଟିନିଏ ସବୁ କଷ୍ଟ ଓ ବ୍ୟଥା ।

ତଥାପି ଯେବେ ଘରୁ ଗୋଡ଼ କାଢ଼େ
ସମାଜ ଶୁଣାଏ ଏହି ଅସହନୀୟ ଉକ୍ତି
ଓ ! ଆପଣ ତା ହେଲେ କିଛି କରନ୍ତିନି
ଭାଙ୍ଗିଯାଏ ମନ, ଆଘାତ ପାଏ ଆତ୍ମବିଶ୍ୱାସ
ଦୋହଲିଯାଏ ଧୈର୍ଯ୍ୟର ବନ୍ଧ
ସତରେ !
କାମ କରିବାର ସଂଜ୍ଞା କଣ ଏୟା
ରଖିଛି ମଣିଷ ?

ସେ ସବୁ ବି ସହିଯାଏ ଜଣେ ଗୃହିଣୀ
ଯିଏ ସବୁ ବାହାରେ କୁହନ୍ତି ସେ ତ ପର
କିନ୍ତୁ ବଢିଯାଏ ମୋ ହୃଦୟ ବେଦନା
ଯେବେ କ୍ଷତ ଦେଇଯାଏ କେହି ନିଜର
କହି ସେହି ବାକ୍ୟ ବାରମ୍ବାର
କଣ କରୁଥିଲ କି ଦିନସାରା ?
କିଛି ତ କାମ ନାହିଁ ତମର ।

+ ଭୁବନେଶ୍ୱର - ୨
(ମୋ)୬୩୭୦୫୧୬୪୭୮

## ଦୀର୍ଘଶ୍ୱାସ

### ଡକ୍ଟର ମନୋରଞ୍ଜନ ବିଷୋୟୀ



ବଞ୍ଚିବା ଏକ
ଅସୁମାରୀ ଯାତ୍ରାର
ଆରମ୍ଭ ଓ ଶେଷ ।
ତଥାପି ଦୁଃଖରେ ଦୁଃଖରେ
ଆପଣେଇବାକୁ ହୁଏ
ଅଭିଶାପ ଆଉ ଆଶୀର୍ବାଦ ।
ବଞ୍ଚିବା ଭିତରେ
ଅନେପ ପରାଜୟର
ଗ୍ଲାନିକୁ କାନ୍ଧେଇ
ନିର୍ଲ୍ଲଜ ଭାବରେ
ଅଭିନନ୍ଦନର ବୋଝ
ବୋହିବାକୁ ହୁଏ ।
ଆଉ ଅତି ଅନ୍ତରଙ୍ଗ
ମୁହୂର୍ତ୍ତର ଛବିମାନ
ବିବଶ କରନ୍ତି ବିବେକକୁ
କିନ୍ତୁ ମନବୋଧ କରି
ଦୀର୍ଘଶ୍ୱାସ ଛାଡ଼ିବାକୁ ହୁଏ ।

+ ସ୍ନାତକୋତ୍ତର ଓଡ଼ିଆ ବିଭାଗ,
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ଭଞ୍ଜବିହାର
(ମୋ) ୮୮୯୫୧୪୧୭୨୭

## ସଂଜ୍ଞା

### ଆଦ୍ୟାଶା ମହାପାତ୍ର



ହସ ଯେଉଁଠି ବିଛୁରିତ ହୋଇ
ଚତୁର୍ଦ୍ଦିଗ ମହକାଏ
ବିମୋହିତ କରେ ଅନ୍ତରାତ୍ମା
ଯେଉଁଠି ଫୁଟେ ଖୁସି ପାରିଜାତ
ଝୁମୁଥାଏ ମୃଦୁ ମୃଦୁ ପ୍ରତିଟି ଓଠରେ
ଡାକୁଥାଏ ସାଥେ ହସିବାକୁ
ଉଲ୍ଲାସ ପ୍ରାଣରେ,
ସେଇଟା ହିଁ ସ୍ୱର୍ଗ ....!!!

ଲେଖାଯାଏ ଯେଉଁଠି ସଂଘର୍ଷ କାହାଣୀ
ବିତୁଥାଏ ସମୟ ସ୍ୱପ୍ନର ସାହାରେ
ହସ ଫୁଟି ଉଠିବାର ସମ୍ଭାବନା...
ସୃଷ୍ଟି ହେଉଥାଏ ପ୍ରତିକ୍ଷଣ
ଯେଉଁଠି ସ୍ୱପ୍ନର ପାରିଜାତ କଢି
ଫୁଟିବାକୁ ଥାଏ କାଲି ସକାଳରେ,
ସେଇଟା ହିଁ ମର୍ତ୍ତ୍ୟ...!!!

ଷଡରିପୁର ଆସ୍ଥାନ ଯେଉଁଠି
ଭୁଲୁଣ୍ଠିତ ହେଉଥାଏ ସ୍ୱପ୍ନ ଅସୁମାରୀ
ଲୁଟିନିଏ ସର୍ବସ୍ୱ ଛଳନା, ଈର୍ଷାରେ
ଫୁଟିବା ଆଗରୁ ଯେଉଁଠି
ପାରିଜାତ କଢିଟି ଭୁଲୁଣ୍ଠିତ ହୁଏ
କା'ର ପାପ ନିଶାଣରେ,
ଖୁସି ସବୁ ପରାହତ ହୁଏ
କାହାର ଦୁର୍ବିନୀତ ଅହଂକାରରେ
ସେଇଟା ହିଁ ପାତାଳ !!!

+ ନୂଆପଡା, କଟକ

## ତାକ୍ ଧିନା ଧିକ୍

### ସାରଦା ପ୍ରସାଦ ଆଚାର୍ଯ୍ୟ



ହାରମୋନିୟମର ତାଳେ ତାଳେ,

ତବଲାରେ ହାତଚାଲେ,
ମୋ ଅଭିନୟରେ ମୁଁ ହଜେ,
ନାଟ ମାଷ୍ଟରର କଥା ମନେ।

କେବେ କେବେ ଖୁସି,
ପୁଣି ଦୁଃଖି ,
ମନେ ଅବସୋସ,
ରାଜା ଅଭିନୟରେ ଆଖି।

ହେ ନିର୍ଦ୍ଦେଶକ ମହୋଦୟ,
ଦବ ଯଦି ଦିଅ ରାଜା ପୋଷାକ,
ରଙ୍କ ପୋଷାକରେ ଅଧିକ ତାତି।

ଶୁଣ ନାଟ ମାଷ୍ଟର ଓହ୍ଲାଇନିଅ,
ରାଜା ପୋଷାକ,
ଅଣଆୟତ୍ତ ପବନରେ ଅଣନିଶ୍ୱାସୀ,
ରଙ୍କ ହେବା ପାଇଁ କରେ ମାଗୁଣି।

+ ଯୋଡ଼ା କେନ୍ଦୁଝର
(ମୋ)୯୪୩୭୬୧୧୮୯୧

## ଠିକ୍ ବୁଝି ହେଲାନି

### ଆନନ୍ଦ କୁମାର ମାଇତି



ଏଇ ଏଇ ମା ' ଚାଲିଗଲେ
ଚମତ୍କାର ଘଟଣାଟେ ନିଜ ଆଖିରେ ଦେଖିଦେଇ
ମା' ଭଳି ମା' ଟେ ବଳାତ୍କାର ହେବାର।

ୟେ ଘଟଣା ପାପର ନା ପୂଣ୍ୟର
ସେ କି ତମସା ବେଳେ ସ୍ପଷ୍ଟ ବୁଝି ପାରିଥିବ!

କିନ୍ତୁ
ଏ ଜାତୀୟ ବିଷୟ ଆମର ପ୍ରତ୍ୟେହ ମୁହୂର୍ତ୍ତ
ଅଭିଜ୍ଞତା ଆଉ ସୁସ୍ଥ ଅରାଜକତାର
ସୁନିର୍ବାଚିତ ଓ ଆଲୋଡନ ମୂଳକ ସମାଚାର।

ଏମତି ମହାପ୍ରଭୁ ରକ୍ତରେ ବୁଡ଼ି
ତା କିରଣ ପେଡ଼ି ଖୋଲିଲେ
ଅତ୍ୟାଚାର, କଳହ ମାନେ
ନୂଆ ନୂଆ ଫନ୍ଦୀ ଫିକର ତିଆରି କରେ
ଭଦ୍ରଙ୍କ ଗହ୍ୱର ଦୈର୍ଘ୍ୟ ପ୍ରସ୍ଥ କେତେ
କି ଧାରାରେ ଶାନ୍ତି ଶୃଙ୍ଖଳେ
ଗୋଧୂଳିକୁ କରିବ ନିଲାମ୍।

ଫର୍ଚ୍ଚା ପୃଥିବୀ ମହଲରେ ୟେ ନିଷ୍ଠୁର ସତ
ହେଲେ ଖୁବ୍ ସୁନ୍ଦର ତା ବ୍ୟବାହାର
ଅଥଚ ଖୁବ୍ ଅବାନ୍ତର
ପୁଣି ଶୀତ ଆଉ ଫାଲ୍ଗୁନୀ ବି
ଲାଗେ, ନିରପକ୍ଷାପତ ଗ୍ରସ୍ତ ମହାନ୍ ନାୟକ
ଅମିମାଂଶ ରୂପ ନାଟ୍ୟରେ ଲଢେଇ କରିବ
ମୀମାଂସାରେ ତୁନି କରେଇବ
ନଶ୍ୱର ଜାତିକୁ ସ୍ୱାଧୀନତା ଦେବାପାଇଁ।

ଏଇ ଆମ ଆକାଶ ତଳ ଦାରୁଣ ଦୁର୍ଗତି
ମା' ଅବଲୋକନ କଲେକି
ବିଜୟିନୀ ଦୃଷ୍ଟିରେ ?
ନା ଯୁଦ୍ଧ ସରିନି ଫେରିଗଲେ
ଠିକ୍ ବୁଝି ହେଲାନି।

+ ଏରସମା, ଜଗତସିଂହପୁର
୯୪୩୯୦୭୭୩୯୫

## କବିତା ଗୋ ତୁମେ

### ବେଣୁଧର ସୂତାର



ତୁମେ କଳ୍ପନାର ରସାଣିତ ଧାରା
ନିଃଶବ୍ଦର ଚାରୁକଳା
କବି ମାନସର ଭାବ ତନ୍ମୟର
ଲଳିତ ଶବ୍ଦର ମାଳା
ଆହାକି ମାଧୁର୍ଯ୍ୟ ବୋଳା
ତୁମେ ଅନ୍ତଃସ୍ୱର ପୁଲକ ପଙ୍କ୍ତିର
ସାରସ୍ୱତ ପଦ୍ମତୋଳା
ଲଳିତ ଶବ୍ଦର ମାଳା .........(୦)

ତୁମେ ହୃଦୟର ପ୍ରତି ସ୍ପନ୍ଦନରେ
ମହକିତ ମଧୁ ଆଶା
ଭାବମୟତାର ସୁରଭି ସମ୍ଭାର
ମଗ୍ନମୟ ପରିଭାଷା
ଭାବର ଲହରି ମାଳା
ଭାଷା ସୁଷମାର ଚାରୁ ରୂପକଳ୍ପ
ଲେଖନୀର ସୂକ୍ଷ୍ମ କଳା
ଲଳିତ ଶବ୍ଦର ମାଳା..........(୧)

ତୁମେ ଚେତନାର ବିମୁଗ୍ଧ ଆଲେଖ୍ୟ
ପୁଲକିତ ଅନୁଭବ
ମନ କଳ୍ପନାର ଅମୃତ ନିର୍ଝର
ଭାବାତୀତ ମହାଭାବ
ରସର ଲାବଣ୍ୟ ଲୀଳା
ଅମିତ ପ୍ରଜ୍ଞାର ସୁଧା ସମାହାର
ଜ୍ଞାନରତ୍ନ ରୂପଶାଳା
ଲଳିତ ଶବ୍ଦର ମାଳା...........(୨)

ଅମୃତ ବୀଣାର ତୁମେତ ଝଙ୍କାର
ରୋମାଞ୍ଚିତ ସୁର ଛନ୍ଦ
ମୁଗ୍ଧ ଆବେଗର ଲଳିତ ଲହର
ଭାବମୟ ଅନୁବନ୍ଧ
କବିର ମାନସୀ ବାଳା
କବିତା ଗୋ ତୁମେ ବାଣୀ ମହଲର
ପ୍ରଜ୍ଞାମୟୀ ଚାରୁଶୀଳା
ଲଳିତ ଶବ୍ଦର ମାଳା...........(୩)

+ କେଶଦୁରାପାଳ
କେନ୍ଦୁଝର
(ମୋ)୯୧୭୮୫୬୮୨୪୬

## ଶୀତୁଆ ପୁନେଇଁ ରାତି

### ଡିସମ୍ବର ମେହେର



ତୁମ ପାଦର ପାଉଁଜି ଶବ୍ଦ
ମୋ କବିତାର ପ୍ରଥମ ପଦ
ସେ ନିଛାଟିଆ ପୁନେଇଁ ରାତି
ମୋ ପ୍ରେମ ଗୀତର ପ୍ରଥମ ଛନ୍ଦ ।
ରଜନୀଗନ୍ଧାଠୁ ତୁମ ଆକର୍ଷଣ
ନେଉଥିବା ସତେ ମନକୁ ଟାଣି
ନିରୋଳା ମନରେ ମୋର
ଦେଉଥିଲା ପ୍ରୀତିର ଜୋଛନା ବୁଣି ।
ଶୀଶିର ଶୀତୁଆ ଆକାଶ
ଦେହ ହେଉଥିଲା ଥରଥର
ଓଠରୁ ତୁମ ଅସ୍ପଷ୍ଟ କଥା
ତା' ବି ଲାଗୁଥିଲା ଅତି ମଧୁର ।
ଅଭୁଲା ସ୍ମୃତି ଅଭୁଲା ରାତି
ଅଳପ ହସ ପହେଲି ପ୍ରୀତି
ନିଛାଟିଆ ପୁନେଇଁ ରାତି
ଶୀତୁଆ ରାତିର ତୁମେତ ସାଥି ।

+ ଗଣ୍ଡାବାହାଲି ନୂଆପଡା
(ମୋ) ୭୮୯୪୭୮୮୧୩୫

## ଶିକ୍ଷା ବିକାଶ ସମିତିର ପ୍ରବାସୀ କାର୍ଯ୍ୟକର୍ତ୍ତା ବୈଠକ ଉଦ୍‌ଯାପିତ

ଭୁବନେଶ୍ୱର,୨୫/୧୦ (ନି.ପ୍ର): ଶିକ୍ଷା ବିକାଶ ସମିତି, ଓଡ଼ିଶାର ୨ ଦିନିଆ ପ୍ରବାସୀ କାର୍ଯ୍ୟକର୍ତା ବୈଠକର ସମାରୋପ ଉତ୍ସବ ସମିତିର ସଭାପତି ଡ଼ଃ କିଶୋର ଚନ୍ଦ୍ର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଅଛି। ବିଦ୍ୟା ଭାରତୀଙ୍କ ଅଖିଳ ଭାରତୀୟ ସହସଂଗଠନ ମନ୍ତ୍ରୀ ଗୋବିନ୍ଦଚନ୍ଦ୍ର ମହାନ୍ତ ମୁଖ୍ୟ ବକ୍ତାଭାବେ ଯୋଗଦେଇ ତାଙ୍କ ବକ୍ତବ୍ୟରେ କହିଥିଲେ "ଭାରତବର୍ଷର ଶିକ୍ଷା ବ୍ୟବସ୍ଥାର ପରିବର୍ତନ ପାଇଁ ବିଦ୍ୟାଭାରତୀ ଦିର୍ଘ ୭୦ ବର୍ଷଧରି ପ୍ରୟାସ କରିଆସୁଥିଲେ ତାହା ଏବେ ସାକାର ହେବାକୁ ଯାଉଛି। ଏହି ଶିକ୍ଷା ବ୍ୟବସ୍ଥା ରାଷ୍ଟ୍ରର ପୁନରୁଥାନ କରିବାସହିତ ବିଶ୍ୱକୁ ସର୍ବେ ଭବନ୍ତୁ ସୁଖୀନଃର ବାର୍ତା ଦେବ। ଏହି ଦୁଇ ଦିବସୀୟ ବୈଠକରେ କାର୍ଯ୍ୟକର୍ତା ମାନଙ୍କଦ୍ୱାରା ପର୍ଯ୍ୟାବରଣ, ଶକ୍ତି ସଂରକ୍ଷଣ, ଜଳ ସଂରକ୍ଷଣ, ସ୍ୱଦେଶୀ, ବିଦ୍ୱତ ପରିଷଦ, ଶୋଧ, ପୂର୍ବଛାତ୍ର, ସଂସ୍କୃତିବୋଧ, ସାମାଜିକ ସମରସତା, କୁଟୁମ୍ବ ପ୍ରବୋଧନ, ଆର୍ଥିକ ବ୍ୟବସ୍ଥା, ଶିଶୁବାଟିକା, ସେବାକାର୍ଯ୍ୟ, ସଂସ୍କାରକେନ୍ଦ୍ର, ଭାରତ ସ୍ୱତନ୍ତ୍ରତାର ଅମୃତ ମହୋତ୍ସବ, ଭିଜନ ୨୦୨୫ ଆଦି ବିଷୟ ବିନ୍ଦୁ ଉପରେ ଆଲୋକପାତ କରାଯାଇଥିଲା। ବିଦ୍ୟା ଭାରତୀ ପୂର୍ବକ୍ଷେତ୍ରର ଅଧ୍ୟକ୍ଷ ଡ଼ଃ ଲକ୍ଷ୍ମୀକାନ୍ତ ମହାରଣା, ମନ୍ତ୍ରୀ ଡ଼ଃ ସରୋଜ କୁମାର ହାତୀ, ସଂଗଠନ ମନ୍ତ୍ରୀ ଦିବାକର ଜୀ ଘୋଷ, ଶିକ୍ଷା ବିକାଶ ସମିତିର ଉପସଭାପତି ଲିଙ୍ଗରାଜ ଗୌଡ଼, ଶ୍ରୀମତୀ ଗାୟତ୍ରୀ ବାହିନୀ ପତି, ସଂପାଦକ କମଳାକାନ୍ତ ମିଶ୍ର, ସହସଂପାଦକ ଉମେଶଚନ୍ଦ୍ର ଦାଶ, ସହସଂପାଦିକା ଡ଼ଃ ତରୁଲତା ଦେବୀ, କୋଷାଧ୍ୟକ୍ଷ ସତ୍ୟନାରାୟଣ ପଟ୍ଟନାୟକ ଆଦି ବରିଷ୍ଠ କାର୍ଯ୍ୟକର୍ତାଗଣ ଉପସ୍ଥିତ ରହି କାର୍ଯ୍ୟକ୍ରମର ସଂଚାଳନ କରିବା ସହିତ ପ୍ରବାସୀ କାର୍ଯ୍ୟକର୍ତା ମାନଙ୍କୁ ମାର୍ଗଦର୍ଶନ କରିଥିଲେ। ଅତିଥି ମାନଙ୍କ ଦ୍ୱାରା ଶିକ୍ଷା ବିକାଶ ସମିତି, ଓଡ଼ିଶା ପ୍ରାଦେଶିକ ମେଧା ପରୀକ୍ଷା ଫଳାଫଳ ପୁସ୍ତିକା ଉନ୍ମୋଚିତ ହୋଇଥିଲା। ଏହି ଅବସରରେ ସରସ୍ୱତୀ ବିଦ୍ୟା ମନ୍ଦିର ପରିସରରେ ଶିଶୁ ବାଟିକାର ୧୨ଟି ବ୍ୟବସ୍ଥା, ଅମୃତ ମହୋତ୍ସବ, ସେବାକାର୍ଯ୍ୟ ଏବଂ ୫ଟି ଆଧାରଭୂତ ବିଷୟର ପ୍ରଦର୍ଶନୀ ଆୟୋଜିତ ହୋଇଥିଲା।

## ଗୋବିନ୍ଦ ସାହୁ ଓ ମମିତା ମେହେରଙ୍କ ମଧ୍ୟରେ ବୁଝାମଣା କରିବାକୁ ଉଦ୍ୟମ କରିଥିଲେ ମନ୍ତ୍ରୀ : ବିଜୟ ମହାପାତ୍ର

ଭୁବନେଶ୍ୱର,୨୫/୧୦ (ନି.ପ୍ର): ମହାଲିଙ୍ଗ ସ୍କୁଲ୍ ସଭାପତି ଗୋବିନ୍ଦ ସାହୁ ଓ ଶିକ୍ଷୟିତ୍ରୀ ମମିତା ମେହେରଙ୍କ ମଧ୍ୟରେ ବୁଝାମଣା କରିବାକୁ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ପ୍ରୟାସ କରିଥିଲେ। ମନ୍ତ୍ରୀଙ୍କ ରାୟପୁର ସ୍ଥିତ ବାସଭବନରେ ଏହି ଉଦ୍ୟମ ହୋଇଥିଲା। ତେବେ ଏହା ବିଫଳ ହୋଇଥିଲା। ମହାଲିଙ୍ଗ ପବ୍ଲିକ ସ୍କୁଲର ଅଧ୍ୟକ୍ଷା ମମିତା ମେହେର ହତ୍ୟା ଘଟଣାରେ ବିଜେପିର ବରିଷ୍ଠ ନେତା ବିଜୟ ମହାପାତ୍ର ଏକ ସାମ୍ବାଦିକ ସମ୍ମିଳନୀରେ ଏହି ଅଭିଯୋଗ କରିଛନ୍ତି। ସେ କହିଛନ୍ତି, ଏହା ଏକ ଭୟଙ୍କର ଘଟଣା। ଏଭଳି ଭୟଙ୍କର ଘଟଣା ଆଗରୁ ଓଡ଼ିଶାର କେବେ ହୋଇନଥିଲା। ପୁଲିସ ଯେଉଁ ଭଳି ଭାବରେ ତଦନ୍ତ ନାଟକ କରୁଛି, ଗତ ୮ ଦିନ ହେବ ଏଥିରୁ ଲାଗୁଛି ଡିଆଇଜି ଓ ଏସପି ଅପରାଧର ତଦନ୍ତ କରୁନାହାନ୍ତି, ବରଂ ଫିଲ୍ମ ସୁଟିଂ କରୁଛନ୍ତି। ରେକର୍ଡ଼ କରି ତାକୁ ଚାରିଆଡ଼କୁ ପଠାଇବା ସନ୍ଦେହ ଘନୀଭୂତ ହେଉଛି। ଗୋବିନ୍ଦକୁ ଖସାଇ ଦେବାକୁ ପୁଣି ଉଦ୍ୟମ ହେଲାଣି। ପୁଲିସ ଆଗରେ ଯଦି ସେ ସତ ମାନିଲା, ତେବେ ଆଜି ପର୍ଯ୍ୟନ୍ତ ପୁଲିସ ଜୁଡିଆସିଆଲ କନଫେସନ କାହିଁକି କଲା ନାହିଁ। ବର୍ତମାନ ଏହି ଘଟଣାକୁ ଦୁର୍ବଳ କରିବା ପାଇଁ ପୁଲିସ ଲାଗି ପଡ଼ିଛି । ତାର ଟିଆଇ ପ୍ୟାରେଡ କାହିଁକି କରୁନି ପୁଲିସ । ଝିଅ ସହିତ କମ୍ପ୍ରୋମାଇଜ୍ କରିବା ଲାଗି ଚେଷ୍ଟା କରାଯାଉଥିଲା। ଏ କଥା ପୁଲିସ ଲୁଚାଉଥିବା ଲୋକମାନେ ବି ଜାଣିଛନ୍ତି। କେବଳ ମନ୍ତ୍ରୀ ସେଠାକୁ ଯାଇନାହାନ୍ତି, ବରଂ ଅନେକ ସରକାରୀ ଅଧିକାରୀ ବି ସେଠାକୁ ଯାଇଛନ୍ତି । ଏପରିକି କମ୍ପ୍ରୋମାଇଜ୍ କରିବା ପାଇଁ ମନ୍ତ୍ରୀ, ଗୋବିନ୍ଦ ଓ ମମିତାଙ୍କୁ ନେଇ ରାୟପୁରରେ ବୈଠକ କରିଛନ୍ତି। ତାହା ପୁଣି ମନ୍ତ୍ରୀଙ୍କ ନିଜ ବାସଭବନରେ। ମନ୍ତ୍ରୀ ରାୟପୁର ଯାଇଛନ୍ତି କି ନାହିଁ ତାହାର ତଦନ୍ତ କରନ୍ତୁ । ସତ୍ୟ ଘଟଣାଗୁଡ଼ିକୁ ସରକାର ଓ ଅଫିସର ସମସ୍ତେ ଘଂଟ ଘୋଡ଼ାଇବା ପାଇଁ ଲାଗିଛନ୍ତି। ମୁଁ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି କରୁଛି ଯେ ଯେଉଁ ତଦନ୍ତ ରିପୋର୍ଟ ଆସିଛି, ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ତାହାର ଅନୁଧ୍ୟାନ କରନ୍ତୁ। ଅନୁଧ୍ୟାନ କରି ଚୁପ ବସି ଯାଆନ୍ତୁ ନାହିଁ, କାର୍ଯ୍ୟାନୁଷ୍ଠାନ ନିଅନ୍ତୁ ବୋଲି ଦାବି କରୁଛି।

## ଗାନ୍ଧିଜୀଙ୍କ ସାବରମତୀ ଆଶ୍ରମର ପୁନଃନିର୍ମାଣକୁ ବିରୋଧ

ଭୁବନେଶ୍ୱର,୨୫/୧୦ (ନି.ପ୍ର): ଗାନ୍ଧିଜୀଙ୍କ ଦ୍ୱାରା ଗୁଜୁରାଟର ଅହମ୍ମଦାବାଦ ସହରଠାରୁ ଅନତି ଦୂରରେ ସାବରମତୀ ନଦୀ କୂଳରେ ୧୯୧୭ ମସିହାରେ ପ୍ରତିଷ୍ଠିତ ଐତିହାସିକ ସାବରମତୀ ଆଶ୍ରମକୁ ପୁନଃନିର୍ମାଣ କରିବା ପାଇଁ କେନ୍ଦ୍ର ଓ ଗୁଜୁରାଟ ସରକାରଙ୍କର ନିଷ୍ପତିକୁ ବିରୋଧ କରାଯାଇଛି। ଏହା ବିରୁଦ୍ଧରେ ସମାଜବାଦୀ ପାର୍ଟିର ରାଜ୍ୟ ସଭାପତି ରବି ବେହେରାଙ୍କ ଅଧ୍ୟକ୍ଷତାରେ ବୁଦ୍ଧିଜୀବୀ ଓ ରାଜନେତାମାନଙ୍କର ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହା ପୂର୍ବରୁ ଗାନ୍ଧିବାଦୀମାନେ ମହାତ୍ମା ଗାନ୍ଧୀ ପାର୍କରୁ ଲୋହିଆ ଏକାଡେମୀ ପର୍ଯ୍ୟନ୍ତ ପଦଯାତ୍ରା କରି 'ସେବାଗ୍ରାମ - ସାବରମତୀ ସନ୍ଦେଶ ଯାତ୍ରା'କୁ ସମର୍ଥନ ଜଣାଇଥିଲେ। ବୁଦ୍ଧିଜୀବୀ ଡଃ ଭଗବାନ ପ୍ରକାଶ କହିଥିଲେ ଯେ, ଗାନ୍ଧିଜୀଙ୍କର ସାବରମତୀ ଆଶ୍ରମ ସରଳ ଜୀବନ ଯାପନ ଓ ଉଚ୍ଚ ବୌଦ୍ଧିକ ଚିନ୍ତା ସହିତ ଦେଶ ପ୍ରତି ସମର୍ପଣ ମନୋଭାବର ତ୍ୟାଗ ଓ ବଳିଦାନର ଗୌରବଗାଥାକୁ ବହନ କରେ । ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଏହି ଆଶ୍ରମକୁ ଭାଙ୍ଗି ପୁନଃନିର୍ମାଣ କରିବା ପାଇଁ ଏବଂ ଏଠାରେ ଏକ ୭ ତାରକା ଆଶ୍ରୟସ୍ଥଳ, ସପିଂମଲ, ପାର୍କ ଓ ଫୁଡ୍ କୋଟ କରିବା ପାଇଁ ଯେଉଁ ଯୋଜନା କରୁଛନ୍ତି, ତାହା ଗାନ୍ଧିଜୀଙ୍କ ଚିନ୍ତାଧାରାର ପରିପନ୍ଥୀ । ସୁଧାଂଶୁ ଶେଖର ମହାପାତ୍ର, କରୁଣାକର ହୋତା, ଆନନ୍ଦ ଚନ୍ଦ୍ର ପଟ୍ଟନାୟକ, ସମାଜବାଦୀ ପାର୍ଟିର ସାଧାରଣ ସମ୍ପାଦକ ସୁଦର୍ଶନ ପ୍ରଧାନ, ଅଭୟ ବଡ଼ଜେନା ଓ ଯୁବନେତା ଦେବାଶିଷ ମହାପାତ୍ର ପ୍ରମୁଖ ଏହି ପ୍ରକଳ୍ପର ତୀବ୍ର ନିନ୍ଦା କରିବା ସହିତ ଏହାକୁ ବିରୋଧ କରିବା ପାଇଁ ଆଗେଇ ଆସିବାକୁ ଆହ୍ୱାନ ଦେଇଥିଲେ । ଆଗାମୀ ଦିନରେ ମୌଳବାଦୀ ଶକ୍ତିର ଷଡ଼ଯନ୍ତ୍ର ବିରୁଦ୍ଧରେ ସାବରମତୀ ଆଶ୍ରମ ଓ ଗାନ୍ଧୀବାଦକୁ ସୁରକ୍ଷା ଦେବାପାଇଁ ବିଭିନ୍ନ କଲେଜ ଓ ବିଶ୍ୱବିଦ୍ୟାଳୟର ଯୁବକ ଯୁବତୀମାନଙ୍କୁ ଏକତ୍ରିତ କରାଯାଇ ବିକ୍ଷୋଭ ପ୍ରତିବାଦ କରାଯିବା ସହିତ ମୁଖ୍ୟମନ୍ତ୍ରୀ ଓ ରାଜ୍ୟପାଳଙ୍କୁ ଦାବିପତ୍ର ପ୍ରଦାନ କରାଯିବ ବୋଲି ନିଷ୍ପତି ଗ୍ରହଣ କରାଯାଇଛି । ପ୍ରକଳ୍ପକୁ ବାତିଲ୍ କରିବା ପର୍ଯ୍ୟନ୍ତ ଆନ୍ଦୋଳନ ଚାଲୁ ରଖିବାକୁ ସର୍ବସମ୍ମତ ପ୍ରସ୍ତାବ ଗ୍ରହଣ କରାଯାଇ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯିବ ପାଇଁ ପଦକ୍ଷେପ ନିଆଯିବ ବୋଲି ସ୍ଥିର ହୋଇଛି ।

## ରୋଟାରୀ ପକ୍ଷରୁ ବିଶ୍ୱ ପୋଲିଓ ଦିବସ ପାଳିତ

ଭୁବନେଶ୍ୱର,୨୫/୧୦ (ନି.ପ୍ର): ବିଶ୍ୱ ପୋଲିଓ ଦିବସ ଅବସରରେ ଭୁବନେଶ୍ୱର ରୋଟାରୀ ଜିଲ୍ଲା ପକ୍ଷରୁ, ଭୁବନେଶ୍ୱର ରୋଟାରୀ ଭବନଠାରେ ଏକ ସଂକ୍ଷିପ୍ତ ସଭା ସହ ପୋଲିଓ ରୋଗରୁ ମୁକ୍ତି ପାଇଁ ଏକ ସଚେତନତା ପଦଯାତ୍ରାକୁ ଜିଲ୍ଲା ଗଭର୍ଣ୍ଣରର ଶିକ୍ଷାବିତ୍ ରୋଟାରିୟାନ ଶାନ୍ତନୁ କୁମାର ପାଣି ସବୁଜ ପତାକା ଦେଖାଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଇଂ. ଏସ୍.ଏସ୍ ହରିଚନ୍ଦନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ଶ୍ରୀ ପାଣି କହିଲେ ଯେ, ପୋଲିଓ ଭଳି ଏକ ମାରାତ୍ମକ ରୋଗକୁ ବିଶ୍ୱରୁ ମୁକ୍ତ କରିବା ପାଇଁ ଆନ୍ତର୍ଜାତିକ ରୋଟାରୀ ସଂସ୍ଥାର କାର୍ଯ୍ୟ ସମଗ୍ର ବିଶ୍ୱରେ ଏକ ଉଦାହରଣ ସୃଷ୍ଟି କରିଛି। ରୋଟାରୀ ସଚେତନତା ସୃଷ୍ଟି କରିବା ସହ ଜନସାଧାରଣଙ୍କ ବନ୍ଧୁ ଭାବରେ ସହଯୋଗର ହାତ ବଢାଇଥାଏ। ଆନ୍ତର୍ଜାତିକ ରୋଟାରୀ ସଂସ୍ଥା ସମଗ୍ର ବିଶ୍ୱରୁ ପୋଲିଓ ରୋଗର ସମ୍ପୂର୍ଣ୍ଣ ଲୋପ ପାଇଁ ୨୦୨୬କୁ ଧାର୍ଯ୍ୟ ବର୍ଷ ରଖିଛି। ୨୦୨୩ ମସିହାରୁ ସଚେତନତା ସୃଷ୍ଟି କରିବା ସହ ପୂର୍ବବର୍ଷ ମାନଙ୍କ ଭଳି ମାଗଣା ପୋଲିଓ ବୁନ୍ଦା ବଣ୍ଟନ କରିବ। ଆଜିର ଏହି କାର୍ଯ୍ୟକ୍ରମର ପ୍ରାରମ୍ଭରେ ଜିଲ୍ଲା ଅଧ୍ୟକ୍ଷ ସଚେତନତା କମିଟି ଯଜ୍ଞାଶିଶ ମହାପାତ୍ର ସ୍ୱାଗତ ଭାଷଣ ଓ ସମ୍ପାଦକ ଜ୍ଞାନ ରଞ୍ଜନ ରଥ ଧନ୍ୟବାଦ ଅର୍ପଣ କରିଥିଲେ।

## ମମିତା ମେହେର ହତ୍ୟାକାଣ୍ଡ ଘଟଣା ରାଜ୍ୟ ସରକାରଙ୍କ ପ୍ରାୟୋଜିତ : କଂଗ୍ରେସ

ଭୁବନେଶ୍ୱର,୨୫/୧୦ (ନି.ପ୍ର): ମହାଲିଙ୍ଗ ସନସାଇନ ପବ୍ଲିକ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ମମିତା ମେହେରଙ୍କ ହତ୍ୟା ଘଟଣା ନବୀନ ସରକାରଙ୍କ ପ୍ରାୟୋଜିତ ଅଟେ ବୋଲି ଅଭିଯୋଗ କରିଛି କଂଗ୍ରେସ। ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ପ୍ରଦେଶ କଂଗ୍ରେସ ଉପସଭାପତି ତଥା ମୁଖପାତ୍ର ଡ. ଦେବାଶିଷ ପଟ୍ଟନାୟକ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ ମନ୍ତ୍ରୀ ଦିବ୍ୟଶଙ୍କରଙ୍କର ପ୍ରାଇଭେଟ ସେକ୍ରେଟାରୀ ପିଏ ଏବଂ ନିକଟତମ ଲୋକଙ୍କର ମୋବାଇଲ ଫୋନ ଏବଂ ମନ୍ତ୍ରୀଙ୍କର ମୋବାଇଲ ଫୋନର କଲ ରେକର୍ଡକୁ ଯାଂଚ କଲେ ବହୁ ଲୁକାୟିତ ତଥ୍ୟ ପଦାକୁ ଆସିବ। ସାମ୍ବିଧାନିକ କ୍ଷମତା ଅନୁଯାୟୀ ଏହି ଘଟଣାରେ ଓଡ଼ିଶାର ରାଜ୍ୟପାଳ ହସ୍ତକ୍ଷେପ କରିବାଗି ମନ୍ତ୍ରୀଙ୍କୁ ତୁରନ୍ତ ବରଖାସ୍ତ କରିବାକୁ ନିର୍ଦ୍ଦେଶ ଦେବାକୁ ସେ ନିବେଦନ କରିଛନ୍ତି। ସୁପ୍ରିମକୋର୍ଟ ଯେପରି ଲକ୍ଷୀମପୁର ଖେରୀ ଘଟଣାରେ ନିଜ ଆଡୁ ହସ୍ତକ୍ଷେପ କରିଥିଲେ ସେହିପରି ହାଇକୋର୍ଟ ଘଟଣାର ବିଚାରକୁ ନିଜ ଆଡୁ ଆରମ୍ଭ କରି କୋର୍ଟ ପରିଚାଳିତ ତଦନ୍ତ ପାଇଁ ଶ୍ରୀ ପଟ୍ଟନାୟକ ନିବେଦନ କରିଛନ୍ତି। ସେ କହିଛନ୍ତି ଯେ ବର୍ଷ ବର୍ଷ ଧରି ଏଠାରେ ଅନୈତିକ କାର୍ଯ୍ୟ ଚାଲୁଥିବା ବେଳେ ପ୍ରଶାସନ ନୀରବ ଦ୍ରଷ୍ଟା ସାଜିଥିଲା କାରଣ ଏହି ଅନୈତିକ କାର୍ଯ୍ୟକରେ ନିଜେ ମନ୍ତ୍ରୀ ଦିବ୍ୟଶଙ୍କର ବିଶିଷ୍ଟ ଅତିଥି। ମନ୍ତ୍ରୀ ଯୁବକ ହେବାକୁ ଏହି ଶିକ୍ଷାନୁଷ୍ଠାନକୁ ଯାଆନ୍ତି ବୋଲି ଭାଷଣ ଦେବା ଅତି ଲଜ୍ୟାକର ବିଷୟ। କେବଳ ସେତିକି ନୁହେଁ ଗୋବିନ୍ଦ ସାହୁଙ୍କର ଚେର ନବୀନ ନିବାସ ପର୍ଯ୍ୟନ୍ତ ମାଡ଼ିଛି। ଗୋବିନ୍ଦ ସାହୁ ମନ୍ତ୍ରୀ ଦିବ୍ୟଶଙ୍କରଙ୍କ ସହ ନବୀନ ନିବାସ ଗସ୍ତର ଅନେକ ପ୍ରମାଣ ରହିଛି। କଳାହାଣ୍ଡି ଜିଲ୍ଲାରେ ଅନେକ ମହାବିଦ୍ୟାଳୟ ଥିଲେ ମଧ୍ୟ ସନ୍‌ସାଇନ୍ କଲେଜକୁ ମନ୍ତ୍ରୀମାନେ କାହିଁକି ବାରମ୍ବାର ଆସୁଥିଲେ ଓ ରାତ୍ରି ଯାଜପନ କରୁଥିଲେ ବୋଲି ଡ. ପଟ୍ଟନାୟକ ପ୍ରଶ୍ନ କରିଛନ୍ତି। ମମିତାଙ୍କ ଭି.ଡି.ଓରେ ମନ୍ତ୍ରୀ ଦିବ୍ୟଶଙ୍କର କଳା କାରନାମା ରହିଥିବାରୁ ଗୋବିନ୍ଦ ମମିତାଙ୍କୁ ହତ୍ୟା କଲା। ମମିତାଙ୍କୁ ହତ୍ୟାପରେ ଜଣେ ଶକ୍ତିଶାଳୀ ବ୍ୟକ୍ତିଙ୍କୁ ଗୋବିନ୍ଦ ଫୋନରେ ଦୁଇମିନିଟ୍‌ରୁ ଉର୍ଦ୍ଧ୍ୱ କଥା ହେଲା ସେ ବ୍ୟକ୍ତି କିଏ ? ଦିବ୍ୟ ଶଙ୍କରଙ୍କର ପିଏ, ପିଏସ ଏବଂ ପାଖଲୋକଙ୍କୁ ଜେରା କରାଯାଉ। ଅଶ୍ଳୀଳ ଭିଡିଓ ସଂପର୍କରେ ଗୋବିନ୍ଦ ସାହୁ ପୋଲିସ୍‌ଙ୍କ ପାଖରେ ସ୍ୱୀକାର କରିଛି ? ମମିତା ବ୍ୟତୀତ ଆଉ ଜଣେ ଛାତ୍ରୀ ରାଜେଶ୍ୱରୀଙ୍କୁ ଗୋବିନ୍ଦ ସାହୁ ଟ୍ରାକ୍ଟର ଚଢ଼ାଇ ହତ୍ୟା କରିଥିବା କଥା ସେହି ସ୍କୁଲର ପୂର୍ବତନ ଇଂରାଜୀ ଶିକ୍ଷକ ତଥା ସେହି ଝିଅର ପିତା ମୋତିଲାଲ ନାଏକ କହିଛନ୍ତି। ସ୍କୁଲର ଛାତ୍ରଛାତ୍ରୀ ଓ ଶିକ୍ଷୟତ୍ରୀଙ୍କୁ ନେତା, ମନ୍ତ୍ରୀଙ୍କ ପାଖକୁ ପଠାଇବା ସହ ସ୍କୁଲକୁ ଏକ ରଙ୍ଗଶାଳାରେ ପରିଣତ କରିବା କଥା ସ୍କୁଲର ଇଂରାଜୀ ଶିକ୍ଷକ ମୋତିଲାଲ କହୁଛନ୍ତି। ଏକ ବେସରକାରୀ ଶିକ୍ଷା ଅନୁଷ୍ଠାନକୁ ମନ୍ତ୍ରୀ ଲକ୍ଷ ଲକ୍ଷ ଟଙ୍କାର ସରକାରୀ ଅନୁଦାନ ଦେଉଥିଲେ କାହିଁକି ବୋଲି ସେ ପ୍ରଶ୍ନ କରିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ମୁଖପାତ୍ର ମନୋରଞ୍ଜନ ଦାଶ, ରଜତ ଚୌଧୁରୀ, ମନୋଜ ବିଶ୍ୱାଳ ଉପସ୍ଥିତ ଥିଲେ।

## ପୂର୍ବାଂଚଳ ଇଣ୍ଡିଆ ସ୍କିଲ୍ସ ପ୍ରତିଯୋଗିତାରେ ଶୀର୍ଷରେ ଓଡିଶା

ଭୁବନେଶ୍ୱର,୨୫/୧୦ (ନି.ପ୍ର): ଦକ୍ଷତା ବିକାଶ କ୍ଷେତ୍ରରେ ଓଡିଶା ଏକ ଅଗ୍ରଣୀ ରାଜ୍ୟ ହୋଇପାରିଛି। ପାଟନା ଠାରେ ଆୟୋଜିତ ପୂର୍ବାଂଚଳ ଇଣ୍ଡିଆ ସ୍କିଲ୍ସ ପ୍ରତିଯୋଗିତାରେ ସର୍ବାଧିକ ପଦକ ଜିତି ସ୍କିଲ୍ଡ-ଇନ୍-ଓଡିଶା ପ୍ରତିଯୋଗୀ ରାଜ୍ୟ ପାଇଁ ଗୌରବ ଆଣିଛନ୍ତି । ଏହି ପ୍ରତିଯୋଗିତାରେ ଓଡିଶା ସର୍ବମୋଟ ୨୩ଟି ସ୍ୱର୍ଣ୍ଣ ଏବଂ ୨୦ଟି ରୌପ୍ୟ ପଦକ ହାସଲ କରି ପୂର୍ବାଂଚଳ ଜୋନ୍ ରେ ଶୀର୍ଷରେ ରହିଛି ।

ଏହି ପ୍ରତିଯୋଗିତାରେ ଓଡିଶାରୁ ୮୫ ଜଣ ପ୍ରତିଯୋଗୀ ୩୯ଟି ସ୍କିଲ୍ ରେ ଅଂଶଗ୍ରହଣ କରିଥିଲେ । ଅକ୍ଟୋବର ୨୩ରେ ପାଟନାର ବାପୁ ସଭାଗାରଠାରେ ଆୟୋଜିତ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ବିହାରର ମାନ୍ୟବର ରାଜ୍ୟପାଳ ଫଗୁ ଚୌହାନ ୪୩ ଜଣ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ । ଏତଦ୍‌ବ୍ୟତୀତ ୬ ଟି ସ୍କିଲ୍ରେ ଓଡିଶାର ୧୨ ଜଣ ପ୍ରତିଯୋଗୀ ୱାକ୍ ଓଭର ରୂପେ ଚୟନ ହୋଇ ଜାତୀୟସ୍ତରକୁ ଉନ୍ନିତ ହୋଇଛନ୍ତି ।ମୋଟ ୫୯ ଜଣ ପ୍ରତିଯୋଗୀଙ୍କ ମଧ୍ୟରୁ ୧୩ ଜଣ ଯୁବତୀ ଅଛନ୍ତି । ଏହି ଯୁବତୀମାନେ ୱେଲ୍ଡିଂ, ଡେକୋରେଟିଙ୍ଗ୍ ଏବଂ ପେଂଟିଂ ଭଳି ପୁରୁଷ ପ୍ରାଧାନ୍ୟ ସ୍କିଲ୍ସରେ ନିଜର ପାରଦର୍ଶିତା ଦେଖାଇପାରିଛନ୍ତି । ସମସ୍ତ ପ୍ରତିଯୋଗୀ ଡିସେମ୍ବର ୨୦୨୧ରେ କର୍ଣ୍ଣାଟକର ବେଙ୍ଗାଲୁରୁଠାରେ ହେବାକୁ ଥିବା ଇଣ୍ଡିଆ ସ୍କିଲ୍ସରେଭାଗ ନେବେ । ଏଥିରେ କୃତିତ୍ୱ ଲାଭ କରିବା ବିଜେତା ୨୦୨୨ ଅକ୍ଟୋବରରେ ଚୀନ୍ର ସାଂଘାଇ ୱାର୍ଲ୍ଡ ସ୍କିଲ୍ସ ପ୍ରତିଯୋଗିତାରେ ଦେଶକୁ ପ୍ରତିନିଧିତ୍ୱ କରିବେ । ଏହି ପ୍ରତିଯୋଗିତାରେ ପୂର୍ବ ଭାରତର ମୋଟ ୨୪୫ ଜଣ ଯୁବକଯୁବତୀ ଭାଗ ନେଇଥିଲେ । ସୂଚନା ଥାଉ କି ୱାର୍ଲ୍ଡ ସ୍କିଲ୍ସ ପ୍ରତିଯୋଗିତା ନିମନ୍ତେ ଓଡିଶାର ମିଶନ ୨-୩-୪ ଅର୍ଥାତ୍ ଦୁଇଟି ସ୍ୱର୍ଣ୍ଣ, ତିନୋଟି ରୌପ୍ୟ ଏବଂ ଚାରିଟି ତାମ୍ର ପଦକ ହାସଲ ଲକ୍ଷ୍ୟ ରହିଛି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିଜର ଖୁସି ବ୍ୟକ୍ତ କରିଛନ୍ତି ଏବଂ ବିଜେତାମାନଙ୍କୁ ୱାର୍ଲ୍ଡ ସ୍କିଲ୍ସ ପ୍ରତିଯୋଗିତାରେ ସଫଳତା ହାସଲ କରିବା ପାଇଁ ସେମାନଙ୍କୁ କଠିନ ପରିଶ୍ରମ ଜାରି ରଖିବାକୁ କାମନା କରିଛନ୍ତି । ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣର ଅଧ୍ୟକ୍ଷ ସୁବ୍ରତ ବାଗଚୀ ଏବଂ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ପ୍ରେମାନନ୍ଦ ନାୟକ ମଧ୍ୟ ବିଜେତାମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି ଏବଂ ୱାର୍ଲ୍ଡ ସ୍କିଲ୍ସ ପ୍ରତିଯୋଗିତା ପାଇଁ ସେମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

ଅକ୍ଟୋବର ୨୦ରୁ ୨୩ ମଧ୍ୟରେ ପାଟଣାଠାରେ ଆୟୋଜିତ ଏହି ପୂର୍ବାଂଚଳ ଇଣ୍ଡିଆ ସ୍କିଲ୍ସ ପ୍ରତିଯୋଗିତା କୌଶଳ ବିକାଶ ଏବଂ ଉଦ୍ୟମିତା ମନ୍ତ୍ରାଳୟ ଅଧିନସ୍ଥ ରାଷ୍ଟ୍ରୀୟ କୌଶଳ ବିକାଶ ନିଗମ ଦ୍ୱାରା ଆୟୋଜନ ହୋଇଛି । ଏହି ଜୋନ୍ ରେ ପୂର୍ବାଂଚଳର ଆଣ୍ଡାମାନ୍ ଏବଂ ନିକୋବର କେନ୍ଦ୍ରଶାସିତ ଅଂଚଳ, ଆସାମ୍, ବିହାର, ଝାଡଖଣ୍ଡ, ମିଜୋରାମ, ଓଡିଶା, ତ୍ରିପୁରା ଓ ପଶ୍ଚିମ ବଙ୍ଗ ରାଜ୍ୟ ଏଥିରେ ଅଂଶଗ୍ରହଣ କରିଥିଲେ ।

## ଦିବଂଗତ ଶିକ୍ଷକ ନେତାଙ୍କ ସ୍ମୃତିରେ ଶ୍ରଦ୍ଧାଞ୍ଜଳି ସଭା

ଭୁବନେଶ୍ୱର,୨୫/୧୦ (ନି.ପ୍ର): ନିଖିଳ ଉତ୍କଳ ଶିକ୍ଷକ ମହାସଂଘର ନେତା ସର୍ବ ଅଧ୍ୟାପକ ଦୟାନିଧି ସାମନ୍ତରାୟ, ଡକ୍ଟର ଭୋଳାନାଥ ରାଉତ ଓ ମନୀନ୍ଦ୍ର ସାମଲଙ୍କ ସ୍ମୃତିରେ ଏକ ଶ୍ରଦ୍ଧାଞ୍ଜଳି ସଭା ନିଖିଳ ଉତ୍କଳ ଅବସରପ୍ରାପ୍ତ ବିଶ୍ୱବିଦ୍ୟାଳୟ ଓ କଲେଜ ଶିକ୍ଷକ ମହାସଂଘ ସଭାପତି ଅଧ୍ୟାପକ ବାଲ୍ମୀକୀ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆଜି ଅନୁଷ୍ଠିତ ହୋଇଯାଇଛି।ଏହି ସଭାରେ ଅବସରପ୍ରାପ୍ତ ବିଶ୍ୱବିଦ୍ୟାଳୟ ଓ କଲେଜ ଶିକ୍ଷକ ସଂଘର ରାଜ୍ୟ ସମ୍ପାଦକ ଡକ୍ଟର ନିରଞ୍ଜନ ପାଢ଼ୀ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏଲିମେଂଟାରୀ ଶିକ୍ଷକ ସଂଘର ପ୍ରାକ୍ତନ ସମ୍ପାଦକ ଯତୀନ୍ଦ୍ର କୁମାର ଜେନା, ଇସ୍‌କଫ୍‌ର ଜାତୀୟ ସମ୍ପାଦକ ବିଜୟ ପର୍ଡ଼ିହାରୀ, ବେସରକାରୀ କଲେଜ ଶିକ୍ଷକ ସଂଘର ପ୍ରାକ୍ତନ ସମ୍ପାଦକ ଅଜୟ ସାମଲ, ଅଖିଳ ଭାରତ ବିଶ୍ୱବିଦ୍ୟାଳୟ ଓ କଲେଜ ଶିକ୍ଷକ ମହାସଂଘର ଉପସଭାପତି ଅଧ୍ୟାପକ ଉମାକାନ୍ତ ପାତ୍ର, ଅଧ୍ୟାପକ ଦିଲ୍ଲୀପ ମିଶ୍ର, ନୀଳମଣି ସାହୁ, ଉତ୍କଳ ବିଶ୍ୱବିଦ୍ୟାଳୟ ଅବସରପ୍ରାପ୍ତ କର୍ମଚାରୀ ସଂଘର କର୍ମକର୍ତା କୈଳାସ ଆଚାର୍ଯ୍ୟ, ଅମୂଲ୍ୟ ଦାସ, ନିମ୍ନ ମାଧ୍ୟମିକ ଅବସରପ୍ରାପ୍ତ ଶିକ୍ଷକ ସଂଘର ପ୍ୟାରୀମୋହନ ଦାସ, ବେସରକାରୀ ଡେମୋନଷ୍ଟ୍ରେଟର ସଂଘର ରାଜ୍ୟ ସମ୍ପାଦକ ବିମ୍ବାଧର ପଟ୍ଟନାୟକ, ଅଖିଳ ଭାରତ ଶୈକ୍ଷିକ କର୍ମଚାରୀ ମହାସଂଘ ନେତା କମଳ ଲୋଚନ ବିଶ୍ୱାଳ ଓ ଅବସରପ୍ରାପ୍ତ କଲେଜ କର୍ମଚାରୀ ତ୍ରିଲୋଚନ ବିଶ୍ୱାଳ ଓ ଅବସରପ୍ରାପ୍ତ କଲେଜ କର୍ମଚାରୀ ତ୍ରିଲୋଚନ ବେଉରିଆ ଆଦି ସଭାରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ସର୍ବଭାରତୀୟ ସମବାୟ କର୍ମଚାରୀ ମହାସଂଘର ସାଧାରଣ ସଭା

ଭୁବନେଶ୍ୱର,୨୫/୧୦ (ନି.ପ୍ର): ଇନ୍‌ଷ୍ଟିଚ୍ୟୁଟ୍ ଅଫ ଇଞ୍ଜିନିୟର ସଭାକକ୍ଷରେ ସର୍ବଭାରତୀୟ ଲ୍ୟାମ୍ପସ୍ ଓ ପ୍ୟାକ୍ସ କର୍ମଚାରୀ ମହାସଂଘର ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। କୋଭିଡ଼୍ ନିୟମାବଳୀ ଅନୁସାରେ ଏହି ସାଧାରଣ ସଭା ଅନୁଷ୍ଠିତ କରାଯାଇଥିଲା। ପଶ୍ଚିମବଙ୍ଗର ସୁଶିଲ ମଣ୍ଡଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିବା ସଭାରେ ମହାସଂଘର ସାଧାରଣ ସମ୍ପାଦକ ଦିଗମ୍ବର ନାୟକ ସଭା ପରିଚାଳନା କରିଥିଲେ। ଏଥିରେ ସର୍ବଭାରତର ୧୪ଟି ରାଜ୍ୟରୁ ପ୍ରମୁଖ କର୍ମଚାରୀଙ୍କ ନେତୃତ୍ୱରେ ୨୦୦ କର୍ମଚାରୀ ପ୍ରତିନିଧିତ୍ୱ କରିଥିଲେ। ମୁଖ୍ୟବକ୍ତା ଭାବରେ ସୁବାସ ଚନ୍ଦ୍ର ଯୋଗ ଦେଇ ୨୦ ଦଫା ଦାବି ଉପରେ ଆଲୋକପାତ କରିଥିଲେ। ପ୍ରମୁଖ ଦାବିଗୁଡ଼ିକ ମଧ୍ୟରେ କେନ୍ଦ୍ର ସରକାରଙ୍କ ସବୁ ପ୍ୟାକ୍ସ ଓ ଲ୍ୟାମ୍ପ୍ସ କର୍ମଚାରୀମାନଙ୍କୁ ସରକାରୀ କର୍ମଚାରୀ ଭାବେ ଘୋଷଣା କରିବା, ଇପିଏଫ୍, ଗ୍ରାଚୁଇଟି ଓ ଲିଭ୍ ସାଲାରୀ ଦେବା ସହ କର୍ମଚାରୀ ପରିବାରଙ୍କୁ ୧୦ ଲକ୍ଷ ଟଙ୍କା ସ୍ୱାସ୍ଥ୍ୟବୀମା ଦେବାର ବ୍ୟବସ୍ଥା କରିବା, ଜିଲ୍ଲାମାନଙ୍କରେ କାମ କରୁଥିବା ଲ୍ୟାମ୍ପ୍ସ ଓ ପ୍ୟାକ୍ସ କର୍ମଚାରୀମାନଙ୍କୁ ଜିଲ୍ଲାସ୍ତରୀୟ କର୍ମଚାରୀର ମାନ୍ୟତା ଦେବା ଓ କର୍ମଚାରୀମାନଙ୍କୁ ଆୟକର ଛାଡ଼ କରିବା, ଅସ୍ଥାୟୀ କର୍ମଚାରୀମାନଙ୍କୁ ସ୍ଥାୟୀ ନିଯୁକ୍ତି ଦେବା ଏବଂ ସ୍ୱଳ୍ପ ସୁଧରେ ଗୃହ ନିର୍ମାଣ ଏବଂ ଅନ୍ୟାନ୍ୟ କାମ ପାଇଁ ଋଣ ଯୋଗାଇ ଦେବା ଦାବିଗୁଡ଼ିକ ସହ ଆସନ୍ତା ନଭେମ୍ବର ମାସ ୧୪ ତାରିଖରେ ନୂଆଦିଲ୍ଲୀଠାରେ ଅନୁଷ୍ଠିତ ହେବାକୁ ଯାଉଥିବା ସର୍ବଭାରତୀୟ ସମବାୟ ସପ୍ତାହ ପାଳନ ଅବସରରେ କେନ୍ଦ୍ର ସମବାୟ ମନ୍ତ୍ରୀ ଅମିତ ଶାହାଙ୍କୁ ଭେଟି ଦାବିଗୁଡ଼ିକ ସମ୍ପର୍କରେ ଆଲୋଚନା କରାଯିବ ବୋଲି ମହାସଂଘର ସାଧାରଣ ଦିଗମ୍ବର ନାୟକ ପ୍ରକାଶ କରିଛନ୍ତି।

## ଆବର୍ଜନାରୁ ସବୁଜିମା : ଆବର୍ଜନାରୁ ସଂଗ୍ରହ କରୁଛନ୍ତି ଅମୂଲ୍ୟ ଜୀବନ

ଭୁବନେଶ୍ୱର,୨୫/୧୦ (ନି.ପ୍ର): ପର୍ଯ୍ୟାବରଣକୁ ସୁସ୍ଥ, ସୁନ୍ଦର ଓ ସବୁଜିମା ରଖିବା ଲାଗି ରାଜଧାନୀ ଭୁବନେଶ୍ୱରର ରାସ୍ତାକଡ଼ରେ ଲାଗିଛି ଶହ ଶହ ପ୍ରଜାତିର ବୃକ୍ଷ। ପ୍ରତ୍ୟେହ ବୃକ୍ଷ ଗୁଡ଼ିକରୁ ଫୁଲ, ପତ୍ର, ବିହନ, ଝଡ଼ି ତଳେ ପଡ଼ିଥାଏ। ସକାଳ ପାହିଲେ ସଫେଇ କର୍ମଚାରୀ ଏହାକୁ ଓଳାଇ ଗଛ ମୂଳରେ ହେଉ ଅଥବା ରାସ୍ତା କଡ଼ରେ ଗଦାଇଥାନ୍ତି। ଆଉ କିଛି ରାସ୍ତା କଡ଼ରେ ବସି ଫଳ ବ୍ୟବସାୟ କରୁଥିବା ବ୍ୟବସାୟୀ ମଧ୍ୟ ନିଜର ପଚିସଢି ଯାଇଥିବା ଫଳଗୁଡ଼ିକୁ ରାସ୍ତା କଡ଼ରେ ମଧ୍ୟ ଗଦାଇ ଦେଇଥାନ୍ତି। ପରବର୍ତୀ ସମୟରେ ଆବର୍ଜନା ବୁହା ଗାଡ଼ିରେ ଏଗୁଡ଼ିକୁ ଡ଼ମ୍ପିଂୟାର୍ଡ଼କୁ ସ୍ଥାନାନ୍ତରିତ କରାଯାଇଥାଏ। ଯାହା ଆମେ ନିତିଦିନ ଦେଖିବାକୁ ପାଇଥାଉ। ସତେଯେପରି ଆମକୁ ଲାଗିଥାଏ ଏଗୁଡ଼ିକ ଅଦରକାରୀ ଓ ମୂଲ୍ୟହୀନ। କିନ୍ତୁ ଏହି ଅଦରକାରୀ ମୂଲ୍ୟହୀନ ଜିନିଷ ଭିତରେ ଥାଏ ଅନେକ ଅମୂଲ୍ୟ ଜୀବନ। ଏହି ଅମୂଲ୍ୟ ଜୀବନ ଗୁଡ଼ିକୁ ଖୋଜି ସଂଗ୍ରହ କରିବାରେ ଲାଗିଛନ୍ତି ଭୁବନେଶ୍ୱର ପୋଖରୀପୁଟ ଅ ଳରେ ରହୁଥିବା ସାମାଜିକ କର୍ମୀ ତଥା ପରିବେଶବିତ୍ ସୁଶାନ୍ତ ସାହୁ। ଏ ସମ୍ପର୍କରେ ସୁଶାନ୍ତ କୁହନ୍ତି, ଏ ଅମୂଲ୍ୟ ଜୀବନ ଗୁଡ଼ିକ ହେଉଛି ବିଭିନ୍ନ ଗଛରୁ ପଡ଼ିଥିବା ନାନା କିସମର ବିହନ ଓ ପଚିସଢି ଯାଇଥିବା ବିଭିନ୍ନ ଫଳର ବିହନ। ଏହି ବିହନ ଗୁଡ଼ିକରେ ଥାଏ ଯଥେଷ୍ଟ ଶକ୍ତି ଓ ଜୀବନ। ଏଗୁଡ଼ିକୁ ଜୀବନ୍ୟାସ ଦେବା ପାଇଁ ମାଟି, ଜୈବିକସାର ଓ ବିହନ ମିଶାଇ ବିହନ ପେଣ୍ଟୁ ପ୍ରସ୍ତୁତ କରାଯାଇଥାଏ। ତା'ପରେ ଏଗୁଡ଼ିକ ଖରାରେ ଶୁଖାଯାଇଥାଏ। ଶୁଖିଗଲା ପରେ ଏହି ଅମୂଲ୍ୟ ଜୀବନଗୁଡ଼ିକୁ ବର୍ଷା ସମୟରେ ଖାଲି ସ୍ଥାନରେ ନିକ୍ଷପ କରାଯାଇଥାଏ। ପରବର୍ତୀ ସମୟରେ ଏହା ଜୀବନରେ ରୂପାନ୍ତରିତ ହୋଇଥାଏ। ସଂଗୃହୀତ ବିହନଗୁଡ଼ିକୁ ବିହନ ପେଣ୍ଟୁ ପ୍ରସ୍ତୁତ କରାଯାଇ ପତିତ ଜମି ଓ ଜଙ୍ଗଲରେ ଥିବା ଖାଲି ସ୍ଥାନରେ ନିକ୍ଷେପ କରାଯିବ। ପରବର୍ତୀ ସମୟରେ ଏହା ଏକ ସୁନ୍ଦର ସବୁଜିମା ସୃଷ୍ଟିରେ ବେଶ୍ ସହାୟକ ହୋଇପାରିଥାଏ ବୋଲି ସୁଶାନ୍ତ କହିଛନ୍ତି। ସଂଗୃହୀତ ବିହନ ଭିତରେ ରହିଛି ପେସ୍ତା, ପଣସ, ଚମ୍ପା, ବେଲ ଇତ୍ୟାଦି। ପାଖାପାଖି ୫ ହଜାରରୁ ଉର୍ଦ୍ଧ୍ୱ ବିହନ ଏଯାବତ୍ ସଂଗ୍ରହ କରିସାରିଲେଣି ସେ। ପ୍ରତ୍ୟହ ଘରୁ ବାହାରୁଥିବା ବିଭିନ୍ନ ପନିପରିବା ହେଉ କି ଫଳ ହେଉ, ସେଥିରୁ ବାହାରୁଥିବା ବିହନଗୁଡ଼ିକୁ ଅଳିଆ ଡ଼ବାରେ ନ ପକାଇ ବିହନ ପେଣ୍ଟୁ ଜରିଆରେ ପତିତ ଜମିରେ ନିକ୍ଷେପ କରି ପରିବେଶ ସୁରକ୍ଷା ଦିଗରେ ସାମିଲ ହେବା ପାଇଁ ଶ୍ରୀ ସାହୁ ଜନସାଧାରଣଙ୍କୁ ନିବେଦନ କରିଛନ୍ତି। ପରିବେଶ ପାଇଁ ଏହା ବହୁ ମୂଲ୍ୟବାନ।

## ଭୂତଳ ଜଳ ବ୍ୟବହାରରେ ଲଗାମ ନାହିଁ: ୧୦ ହଜାର ସଂସ୍ଥାଙ୍କୁ ସିଜିଡବ୍ଲ୍ୟୁଏର ନୋଟିସ

ଭୁବନେଶ୍ୱର,୨୫/୧୦ (ନି.ପ୍ର): ଭୂତଳ ଜଳ ବ୍ୟବହାର କରିବାକୁ ହେଲେ କେନ୍ଦ୍ରୀୟ ଭୂଜଳ କର୍ତ୍ତୃପକ୍ଷ(ସିଜିଡବ୍ଲ୍ୟୁଏ)ଙ୍କଠାରୁ ସ୍ୱୀକୃତି ନେବାକୁ ହୁଏ। ହେଲେ ଏଭଳି ସ୍ୱୀକୃତି ନ ନେଇ ମନଇଚ୍ଛା ମାଟି ତଳୁ ପାଣି ଟାଣୁଛନ୍ତି ରାଜଧାନୀ ଓ ରାଜ୍ୟର ବିଭିନ୍ନ ସହରାଞ୍ଚଳରେ ଗଢ଼ି ଉଠିଥିବା ହୋଟେଲ ଓ ଆପାର୍ଟମେଣ୍ଟ। ଫଳରେ ଭୂତଳ ଜଳସ୍ତର କମିବା ସହ ଦୂଷିତ ହେବାରେ ଲାଗିଛି। ଏଭଳି ସ୍ଥିତି ପରିଲକ୍ଷିତ ହେବା ପରେ ସିଜିଡବ୍ଲ୍ୟୁଏ ପ୍ରାୟ ୧୦ ହଜାର ଶିଳ୍ପ ସଂସ୍ଥା, ହୋଟେଲ ଓ ଖଣିକୁ ନୋଟିସ୍ କରିଛି। ସେମାନଙ୍କୁ ମାସେ ସମୟ ଦିଆଯାଇଛି। ଉଚିତ ପରିମାଣର ଜରିମାନା ଦାଖଲ କରି ସ୍ୱୀକୃତି ନେବା ପାଇଁ କୁହାଯାଇଛି। ଯଥା ସମୟରେ ସ୍ୱୀକୃତି ନ ନେଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଚେତାଇ ଦେଇଛନ୍ତି ସିଜିଡବ୍ଲ୍ୟୁଏ ଆଞ୍ଚଳିକ ନିର୍ଦ୍ଦେଶକ ପ୍ରଦ୍ୟୁମ୍ନ ମହାପାତ୍ର। ପୁରୀରେ ଶହଶହ ହୋଟେଲ ରହିଛି। ହେଲେ ଏଠାରେ ମାତ୍ର ୩ଟି ହୋଟେଲ ଭୂତଳ ଜଳ ବ୍ୟବହାର କରିବା ପାଇଁ ସିଜିଡବ୍ଲ୍ୟୁଏ ଠାରୁ ସ୍ୱୀକୃତି ନେଇଛି। ସେହିଭଳି ଭୁବନେଶ୍ୱରରେ ମାଳମାଳ ହୋଟେଲ ଏଭଳି ବେଆଇନ ଭାବରେ ଭୂତଳ ଜଳ ବ୍ୟବହାର କରିଛନ୍ତି। ଏହା ଛଡ଼ା ଅନୁଗୁଳ, ଯାଜପୁର, କେନ୍ଦୁଝର, ଝାରସୁଗୁଡ଼ାର ଶିଳ୍ପ ସଂସ୍ଥା ଓ ଖଣି ରହିଥିବା ବେଳେ ପୁରୀ ସମେତ ରାଉରକେଲା, ବ୍ରହ୍ମପୁର, ବାଲେଶ୍ୱର, ସମ୍ବଲପୁର ପ୍ରଭୃତି ଜିଲ୍ଲାରେ ଶହଶହ ହୋଟେଲ ବିନା ସ୍ୱୀକୃତିରେ ଭୂତଳ ଜଳ ବ୍ୟବହାର କରୁଛନ୍ତି। କେତେକ ହୋଟେଲ ଓ ସଂସ୍ଥା ନୂଆ ତିଆରି ହୋଇଥିବା ବେଳେ କେତେକ ବର୍ଷବର୍ଷ ଧରି ଭୂତଳ ଜଳ ବେଆଇନ ଭାବରେ ଟାଣି ବ୍ୟବହାର କରି ଚାଲିଛନ୍ତି। ଉପରୋକ୍ତ ଜିଲ୍ଲା ବ୍ୟତୀତ ଅନ୍ୟ ଜିଲ୍ଲାରେ ମଧ୍ୟ ହୋଟେଲ ଓ ଶିଳ୍ପ ରହିଛି। ଏମାନଙ୍କୁ ପୂର୍ବରୁ ନୋଟିସ୍ କରାଯାଇଥିଲା। ଲକ୍ଷେ ଟଙ୍କା ଜରିମାନା ? ଦେବା ସହ ଏହି ବ୍ୟବସ୍ଥାକୁ ସ୍ୱୀକୃତିପ୍ରାପ୍ତ କରାଇବା ପାଇଁ କୁହାଯାଇଥିଲା। ହେଲେ ଏହି ନୋଟିସ୍‌କୁ କେହି ଖାତିର କରିନଥିଲେ। ଏବେ ସିଜିଡବ୍ଲ୍ୟୁଏ କଠୋର ହୋଇଛି। ପ୍ରାଥମିକ ପର୍ଯ୍ୟାୟରେ ଏହି ସବୁ ହୋଟେଲ ଓ ଶିଳ୍ପସଂସ୍ଥାର ତାଲିକା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଠାରୁ ସିଜିଡବ୍ଲ୍ୟୁଏ ସଂଗ୍ରହ କରିଛି। ଏଭଳି ବେଆଇନ ଭାବରେ ପାଣି ଟାଣୁଥିବା ସଂସ୍ଥା ଆହୁରି ଥାଇପାରନ୍ତି ବୋଲି ଆଶଙ୍କା କରି ଏବେ ସିଜିଡବ୍ଲ୍ୟୁବି ଖୋଳତାଡ଼ ଆରମ୍ଭ କରିଛି। କୋଠା ନିର୍ମାଣ ପାଇଁ ସ୍ୱୀକୃତି ଦେଉଥିବା କର୍ତ୍ତୃପକ୍ଷମାନଙ୍କ ଠାରୁ ତାଲିକା ସଂଗ୍ରହ କରିବା ସହ ସ୍ୱତନ୍ତ୍ର ଅଧିକାରୀଙ୍କ ଜରିଆରେ ତଥ୍ୟ ସଂଗ୍ରହ ଆରମ୍ଭ କରିଛି। ଏଭଳି ବେଆଇନ ଭାବରେ ପାଣି ବ୍ୟବହାର କରୁଥିଲେ ସେମାନଙ୍କୁ ମଧ୍ୟ ନୋଟିସ୍ କରାଯିବ ବୋଲି ଶ୍ରୀ ମହାପାତ୍ର କହିଛନ୍ତି। ଉଲ୍ଲେଖଯୋଗ୍ୟ ଯେ ବିଭିନ୍ନ ରାଜ୍ୟରେ ଭୂତଳଜଳ ଉଦ୍‌ବେଜନକ ଭାବରେ ହ୍ରାସ ପାଉଥିବାରୁ କେନ୍ଦ୍ର ସରକାର ଗେଜେଟ୍ ବିଜ୍ଞପ୍ତି ପ୍ରକାଶ କରିଥିଲେ। ଏହି ମର୍ମରେ ସେଣ୍ଟ୍ରାଲ ଗ୍ରାଉଣ୍ଡ ୱାଟର ଅଥରିଟି ବିଡିଏ, ବିଏମ୍‌ସି, ସିଏମ୍‌ସି, ପିକେଡିଏ ଓ ଜିଲ୍ଲାପାଳମାନଙ୍କୁ ଚିଠି ଲେଖିଥିଲେ। ଭୂତଳ ଜଳ ଉତ୍ତୋଳନ ପାଇଁ ଠିକାଦାର ବା ନିର୍ମାଣକାରୀ ସଂସ୍ଥା ସ୍ୱୀକୃତି ଦେବା ବେଳେ ସିଜିଡବ୍ଲ୍ୟୁଏର ଏନ୍‌ଓସି ବାଧ୍ୟତାମୂଳକ କରିବାକୁ କହିଥିଲେ।

# ଅଖିଳ ଭାରତୀୟ ସାନ୍ତାଳୀ ଲେଖକ ସଂଘର ବାର୍ଷିକ ସମ୍ମିଳନି ଅନୁଷ୍ଠିତ

ବାରିପଦା,୨୫/୧୦ (ନି.ପ୍ର): ଆଜି ବାରିପଦା ସହୀଦ ସ୍ମୃତି ଭବନ ଠାରେ ଅଖିଳ ଭାରତୀୟ ସାନ୍ତାଳୀ ଲେଖକ ସଂଘ ଓଡିଶା ଶାଖାର ଚତୁର୍ଥ ବାର୍ଷିକ ସମ୍ମିଳନି ଅନୁଷ୍ଠିତ ହୋଇଯାଇଛି । ସରୋଜ ସୋରେନଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମର ପ୍ରଥମ ପର୍ଯ୍ୟାୟରେ ମୁଖ୍ୟ ଅତିଥି ଭାବରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଶ୍ରୀଯୁକ୍ତ ସୁଦାମ ମାର୍ଣ୍ଡି, ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ଶ୍ରୀଯୁକ୍ତ ଜ୍ୟୋତି ପ୍ରକାଶ ପାଣିଗ୍ରାହି, ଶ୍ରୀରାମ ଚନ୍ଦ୍ର ଭଞ୍ଜ ଦେଓ ବିଶ୍ୱ ବିଦ୍ୟାଳୟ ବାରିପଦାର କୁଳପତି ପ୍ରଫେସର କିଶୋର କୁମାର ବସା, ରାଜ୍ୟସଭା ସାଂସଦ ଶ୍ରମତୀ ମମତା ମହାନ୍ତ, କେନ୍ଦ୍ର ସାହିତ୍ୟ ଏକାଡେମୀର (ସାନ୍ତାଳୀ) ଆବାହକ ମଦନ ମୋହନ ସୋରେନ, କେନ୍ଦ୍ରୀୟ କମିଟିର ସାଧାରଣ ସମ୍ପାଦକ ଶ୍ରୀଯୁକ୍ତ ରବିନ୍ଦ୍ରନାଥ ମୁର୍ମୁ ,ସର୍ବ ଭାରତୀୟ ଅସେକା ନୂଆଦିଲ୍ଲୀ ସାଧାରଣ




ସମ୍ପାଦକ ପୂର୍ଣ୍ଣ ଚନ୍ଦ୍ର ହେମ୍ବ୍ରମ, ଅସେକା ରାଇରଙ୍ଗପୁର ସାଧାରଣ ସମ୍ପାଦକ ଜିତେନ୍ଦ୍ର ହାଁସଦା ଯୋଗ ଦେଇଥିଲେ । ସଂଘର ସମ୍ପାଦକ ଅର୍ଜୁନ ମାର୍ଣ୍ଡି ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ, ଅତିଥି ମାନଙ୍କ ଦ୍ୱାରା ନିର୍ବାଚିତ ପୁସ୍ତକ ଗୁଡିକ ଉନ୍ମୋଚିତ ହୋଇଥିଲା । ଏହି ଅବସରରେ ଅତିଥି ମାନେ ମୟୂରଭଞ୍ଜ ଇତିହାସରେ ସାନ୍ତାଳ ମାନଙ୍କର କଳା ସଂସ୍କୃତି ପରମ୍ପରାର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ନିଜ ନିଜର ଉଦବୋଧନରେ କହିଥିଲେ । ଓଡିଶାରେ ସାନ୍ତାଳୀ ଭାଷାରେ ପ୍ରାଥମିକରୁ ଉଚ୍ଚ ମାଧ୍ୟମିକ ପର୍ଯ୍ୟନ୍ତ ସମସ୍ତ ବିଦ୍ୟାଳୟ ଏବଂ ମହା ବିଦ୍ୟାଳୟ ମାନଙ୍କରେ ଶିକ୍ଷାର ବ୍ୟବସ୍ଥା କରିବା ସହ, ୨୦୦୭ ମସିହା ଏବଂ ୨୦୧୪ରୁ ନିଯୁକ୍ତ ସାନ୍ତାଳୀ ଶିକ୍ଷକ ଏବଂ ସାନ୍ତାଳୀ ବହୁଭାଷୀ ଶିକ୍ଷା ସହାୟକ ମାନଙ୍କୁ ନିୟମିତ କରିବା ସହ , ଭାରତୀୟ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ସାମିଲ ହୋଇଥିବା ଅନ୍ୟାନ୍ୟ ଭାଷାଭଳି ସାନ୍ତାଳୀ ଭାଷାର ସାମଗ୍ରୀକ ବିକାଶ ପାଇଁ ସରକାରୀ ସ୍ତରରେ ବ୍ୟବସ୍ଥା କରିବା ପାଇଁ ଦାବୀ ଉପସ୍ଥାପନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଚଳିତ ବର୍ଷ ନିମନ୍ତେ ଯୁବ କବି ଦଶରଥ ହେମ୍ବ୍ରମଙ୍କୁ ଯୁବ ସାନ୍ତାଳୀ ଲେଖକ ସମ୍ମାନ, ରାମ୍ଭାୟ ହେମ୍ବ୍ରମଙ୍କୁ ଶ୍ୟାମ ସୁନ୍ଦର ସମ୍ମାନ, ନରେନ୍ଦ୍ର ହେମ୍ବ୍ରମଙ୍କୁ ତାଙ୍କ ସାନ୍ତାଳୀ ସାହିତ୍ୟ କ୍ଷେତ୍ରରେ ଆଜୀବନ ଅବଦାନ ପାଇଁ ଲାଇଫ ଟାଇମ ଆଚିଭମେନ୍ଟ ସମ୍ମାନରେ ସମ୍ମାନିତ କରାଯାଇଥିଲା । ଚଳିତ ବର୍ଷ ସାହିତ୍ୟ ଏକାଡେମୀ ବାଲ ପୁରସ୍କାର ଦ୍ୱାରା ସମ୍ମାନିତ ହେବାକୁଥିବା ବିଶିଷ୍ଟ ସାହିତ୍ୟିକ ଜୟରାମ ଟଡୁଙ୍କୁ ବିଶେଷ ଭାବରେ ସମ୍ବର୍ଦ୍ଧିତ କରାଯାଇଥିଲା । ଦ୍ୱିତିୟ ପର୍ଯ୍ୟାୟରେ କବିୟତ୍ରୀ ସୁମିତ୍ରା ସୋରେନଙ୍କ ଅଧ୍ୟକ୍ଷତାରେ କବିତା ଆସର ଅନୁଷ୍ଠିତ ହୋଇଥିଲା, ଏଥିରେ ବହୁ ସାନ୍ତାଳି କବି ନିଜର କବିତା ପାଠ କରିଥିଲେ । ତୃତୀୟ ପର୍ଯ୍ୟାୟରେ ବିଶିଷ୍ଟ ଲେଖକ ଗଙ୍ଗାଧର ହାଁସଦାଙ୍କ ଅଧ୍ୟକ୍ଷତାରେ ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ ପୁସ୍ତକ ମାନଙ୍କର ଜଟିଳ ବିଶ୍ଳେଷଣ ଶୀର୍ଷକ ବିଷୟ ବସ୍ତୁ ଉପରେ ଆଲୋଚୋନା କରାଯାଇଥିଲା । ଏଥିରେ ଅତିଥି ଭାବରେ ପୂର୍ଣ୍ଣ ଚନ୍ଦ୍ର ଆଇଟିଆଇ ର ଅଧ୍ୟକ୍ଷ କାନ୍ଦାନ ମାଝୀ, ସମ୍ବଲପୁର ବିଶ୍ୱ ବିଦ୍ୟାଳୟର ସାହାୟକ ଡ. ନାକୁ ହାଁସଦା, ଏମ ପି ସି ସ୍ୱୟଂ ଶାସିତ ମହାବିଦ୍ୟାଳୟର ଅଧ୍ୟାପକ ଲକ୍ଷ୍ମଣ ବାସ୍କେ ପ୍ରମୁଖ ଯୋଗ ଦେଇଥିଲେ । ଚତୁର୍ଥ ପର୍ଯ୍ୟାୟରେ ସଂଘର ସଭାପତି ସରୋଜ ସୋରେନଙ୍କ ଅଧ୍ୟକ୍ଷତାରେ ବାର୍ଷିକ ବିବରଣୀ ଉପସ୍ଥାପନ କରାଯିବା ସହ ଆଗାମୀ ବର୍ଷ ପାଇଁ କାର୍ଯ୍ୟପନ୍ଥା ସ୍ଥିର କରାଯାଇଥିଲା । କେନ୍ଦ୍ରୀୟ କମିଟିର ସଭାପତି ଲକ୍ଷ୍ମଣ କିସ୍କୁ , କେନ୍ଦ୍ରୀୟ କମିଟିର ଉପ ସଭାପତି ପିତାମ୍ବର ହାଁସଦା ଯୋଗ ଦେଇଥିଲେ । ସଂଘର ସହ-ସମ୍ପାଦକ ଗୋପାଲ ସୋରେନ ଧନ୍ୟବାଦ ଅର୍ପଣ କରିଥିଲେ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ବଢିଲା ଏନସିବି ଅଧିକାରୀ ସମୀର....

ଅଙ୍ଗରକ୍ଷୀ ପ୍ରଭାକର ଶୈଳ । ଏକ ସତ୍ୟପାଠ ଜରିଆରେ ଆରୟନ ଖାନଙ୍କୁ ଛାଡିବା ପାଇଁ ୱାଙ୍ଖଡେଙ୍କ ତରଫରୁ ଗୋସ୍ୱାମୀ ଏହି ଟଙ୍କା ଦାବି କରିଥିଲେ ବୋଲି ଅଭିଯୋଗ ଆଣିଛନ୍ତି ପ୍ରଭାକର ଶୈଳ । ଆଉ ଏହି ସମୟର ଏକ ଭିଡିଓକୁ ଟ୍ୱିଟରରେ ସେୟାର କରି ପ୍ରମାଣ ରଖିଛନ୍ତି ଶିବସେନା ନେତା ସଂଜୟ ରାଉତ । ସେପଟେ ସମୀର ୱାଙ୍ଖଡେଙ୍କୁ ଜେରା କରିବା ପାଇଁ ମଙ୍ଗଳବାର ଏନସିବିର ଏକ ଟିମ୍ ଦିଲ୍ଲୀରୁ ମୁମ୍ବାଇ ଆସିବ । ଆରୟନ ଖାନ୍ ଗିରଫଦାରିରେ ସେ ଲାଞ୍ଚ ନେଇଛନ୍ତି କି ନାହିଁ ତାଙ୍କୁ ପ୍ରଶ୍ନ କରାଯିବ । ପ୍ରଭାକର ଶୈଳ କହିଛନ୍ତି – ଆରୟନଙ୍କୁ ଛାଡ ପାଇଁ ୨୫ କୋଟି ଦାବି ହୋଇଥିଲା । ହେଲେ ୧୮ କୋଟିରେ ଛିଡିଥିଲା ଡିଲ୍ । ୮ କୋଟି ନେଇଥାନ୍ତେ ସମୀର ବାକି ୧୦ କୋଟି ଅନ୍ୟମାନଙ୍କ ମଧ୍ୟରେ ବଂଟା ଯାଇଥାନ୍ତା ବୋଲି ଅଭିଯୋଗ କରିଛନ୍ତି ପ୍ରଭାକର । ସମୀର ୱାଙ୍ଖଡେ ଲାଞ୍ଚ ନେଇଛନ୍ତି କି ନାହିଁ ଏନେଇ ସୋମବାର କୋର୍ଟରେ ଏନସିବି ପକ୍ଷରୁ ଏକ ଆଫିଡେଭିଟ୍ ଦାଖଲ କରାଯାଇଛି । ସେପଟେ କେପି ଗୋସ୍ୱାମୀ ଅକ୍ଟୋବର ୬ ତାରିଖରୁ ନିଖୋଜ ଅଛନ୍ତି । ଆରୟନ ଗିରଫ ଯେଉଁ ବ୍ୟକ୍ତିଙ୍କ ସହ ଆରୟନଙ୍କ ସେଲଫି ଭାଇରାଲ ହୋଇଥିଲା, ସେହି ବ୍ୟକ୍ତି ହେଉଛନ୍ତି କେପି ଗୋସ୍ୱାମୀ ।

## ମହାତ୍ମା ଗାନ୍ଧୀ ଜାତୀୟ ଛାତ୍ରବୃତ୍ତିର....

ବିକାଶରେ ସହଯୋଗୀ ହେବା । ଏଥିପାଇଁ ପୂର୍ବରୁ ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରଣାଳୟ ଓ ଇଣ୍ଡିଆନ ଇନଷ୍ଟିଚ୍ୟୁଟ୍ ମ୍ୟାନେଜମେଣ୍ଟ୍(ଆଇଆଇଏମ) ସହ ପାଇଲଟ ଭିତିରେ ଆରମ୍ଭ ହୋଇଥିଲା । ତୃଣମୂଳ ସ୍ତରରେ ଦକ୍ଷତା ବିକାଶକୁ ସହଯୋଗ କରିବା ପାଇଁ ବ୍ୟକ୍ତିବିଶେଷ ଓ ଯୁବବର୍ଗଙ୍କୁ ୨ ବର୍ଷ ପାଇଁ ଏହି ବୃତି ସୁଯୋଗ ପ୍ରଦାନ କରିବ । ପ୍ରଥମ ପର୍ଯ୍ୟାୟରେ ୬ଟି ରାଜ୍ୟର ୬୯ଟି ଜିଲ୍ଲାରେ ୬୯ଟି ବୃତିଧାରୀଙ୍କୁ ନିୟୋଜିତ କରାଯାଇଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟରେ ଦେଶର ସମସ୍ତ ଜିଲ୍ଲାରେ ଅଧିକ ୬୬୧ ବୃତିଧାରୀ ଅର୍ଥାତ୍ ମୋଟ ୭୩୦ ମହାତ୍ମା ଗାନ୍ଧୀ ଜାତୀୟ ବୃତିଧାରୀଙ୍କୁ ନିୟୋଜିତ କରାଯାଇଛି । ସେହିପରି ପ୍ରଥମ ପର୍ଯ୍ୟାୟରେ ଗୋଟିଏ ଆଇଆଇଏମ, ବାଙ୍ଗାଲୋର ସହଯୋଗରେ କାର୍ଯ୍ୟକ୍ରମରେ ଯୋଡାଯାଇଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟରେ ଅଧିକ ୮ଟି ଆଇଆଇଏମକୁ ଯୋଡ଼ାଯାଇଛି । ଜୀବନଜୀବିକା ପ୍ରୋତ୍ସାହନଭିତିକ କାର୍ଯାକ୍ରମ ସଙ୍କଳ୍ପ ଅଧୀନରେ ମହାତ୍ମା ଗାନ୍ଧୀ ଛାତ୍ରବୃତି କାର୍ଯ୍ୟକ୍ରମରେ ଜିଲ୍ଲା ସ୍ତରରେ ଶାସନ ବ୍ୟବସ୍ଥା ଏବଂ ନୀତି ସହ ଧନ୍ଦାମୂଳକ ଶିକ୍ଷା ବିଷୟରେ ଅବଗତ ଥିବା ବୃତିଧାରୀ ବ୍ୟକ୍ତିବିଶେଷଙ୍କୁ ଏକ ପ୍ଲାଟଫର୍ମ ପ୍ରଦାନ କରିବ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି ।

## ମମିତା ମେହେର ମୃତ୍ୟୁ ....

କରିଥିଲେ । କିନ୍ତୁ ବୁଝାମଣା ହୋଇପାରିନଥିଲା । ତେଣୁ ଏହି ଘରକୁ ମଧ ପୋଲିସ ତଦନ୍ତ ପରିସରଭୁକ୍ତ କରିବା ପାଇଁ ଦାବି କରିଛନ୍ତି ବିଜୟ । ପ୍ରତିବାଦ, ଧାରଣା, ବିକ୍ଷୋଭ । ମମିତା ମେହେର ହତ୍ୟାକାଣ୍ଡରେ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ଭୂମିକା ସନ୍ଦେହପୂର୍ଣ୍ଣ ଥିବାରୁ ତାଙ୍କୁ ବହିଷ୍କାର କରିବାକୁ ଜୋର ହେଉଛି ଦାବି । ବିଜେପି ମହିଳା ମୋର୍ଚ୍ଚା ମାଷ୍ଟରକ୍ୟାଣ୍ଟିନ ଛକରେ ମୁହଁରେ କଳା କପଡା ବାନ୍ଧି ନୀରବ ପ୍ରତିବାଦ କରିଛି । ମନ୍ତ୍ରୀଙ୍କ ବହିଷ୍କାର ଦାବିକୁ ଆହୁରି ଜୋରଦାର କରିବା ପାଇଁ ରଣନୀତି ପ୍ରସ୍ତୁତ କରୁଛନ୍ତି ଉଭୟ ବିରୋଧୀ ବିଜେପି ଓ କଂଗ୍ରେସ । ରାଜ୍ୟ ବିଜେପି ଯୁବ ମୋର୍ଚ୍ଚା ୨୬ ଓ ୨୭ ତାରିଖରେ ସମସ୍ତ ଏସପି ଅଫିସ ଘେରାଉ କରିବାକୁ ଚେତାବନୀ ଦେଇଛି । ସେହିପରି ଛାତ୍ର କଂଗ୍ରେସ ୨୬ରେ ନବୀନ ନିବାସ ଘେରାଉ କରିବାକୁ ଯାଉଛି । ବିରୋଧୀ ଓ ଶାସକ ଦଳର ବୟାନ ବାଜି ଭିତରେ, ପ୍ରକୃତ ପ୍ରସଙ୍ଗ ଲୁଚି ଯାଉଛି । ମନ୍ତ୍ରୀ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ରଙ୍କର ଗୋବିନ୍ଦ ସାହୁଙ୍କ ସହ କଣ ସମ୍ପର୍କ ଥିଲା ? ଆଉ ମମିତା ମୃତ୍ୟୁ ସମ୍ପର୍କରେ ତାଙ୍କର ପ୍ରତିକ୍ରିୟା କ'ଣ ? ତାହା ସାମ୍ନାକୁ ଆସି ପାରୁ ନାହିଁ ।

## ଧ୍ୱନି ପ୍ରତିଧ୍ୱନି ଓ ସାଗରିକାର....

ଭାବେ ଉଦ୍ଘାଟନ କରିଥିଲେ । ବିଶିଷ୍ଟ କବି ତଥା ନାଲ୍‌କୋର ଡେପୁଟୀ ଜେନେରାଲ୍ ମ୍ୟାନେଜର ଅରୁଣ ସାହୁ, ବିଶିଷ୍ଟ କବି ଓ କଥାକାର ଡ. ଅଜୟ ସ୍ୱାଇଁ, ବିଶିଷ୍ଟ କବି ତଥା ସଂଳାପ ଲେଖକ ଡ. ରଜନୀ ରଂଜନ, କଥା କଥା କବିତା କବିତାର ସଂପାଦକ କବି ଅକ୍ଷୟ ବେହେରା, ବିଶିଷ୍ଟ କବି ତଥା ପ୍ରବନ୍ଧିକ ଡ. ରାଧାରଂଜନ ପଟ୍ଟନାୟକ, ଗାଳ୍ପିକା ପୁଷ୍ପାଞ୍ଜଳି ନାୟକ, ସୁବର୍ଣ୍ଣଶ୍ରୀ ପ୍ରକାଶିନୀର ପ୍ରତିଷ୍ଠାତା ତଥା ସାହିତ୍ୟ ଏକାଡେମୀର ସଦସ୍ୟ କାଳୀପଦ ପଣ୍ଡା ପ୍ରମୁଖ ଅତିଥି ଭାବେ ଯୋଗଦେଇ ଗାଳ୍ପିକା ସୈରିନ୍ଧ୍ରୀ ସାହୁଙ୍କ ସାରସ୍ୱତ ଜୀବନର ବିଭିନ୍ନ ଦିଗକୁ ଆଲୋଚନା କରିବା ହିତ 'ରଫ୍‌ଖାତାର ଚିତ୍ର' ପୁସ୍ତକ ସମ୍ପର୍କରେ ମତବ୍ୟକ୍ତ କରିଥିଲେ । ଏହି ସଭାରେ ଶ୍ୱେତାଲିସା ଶୁଭଦର୍ଶିନୀ ପ୍ରାରମ୍ଭିକ ସଂଗୀତ ଗାନ କରିଥିବାବେଳେ ଗାଳ୍ପିକା ସୈରିନ୍ଧ୍ରୀ ସାହୁ ଲେଖକୀୟ ଅଭିବ୍ୟକ୍ତି ବାଢ଼ିଥିଲେ । ଶେଷରେ ରଂଗରାଗର ସଂପାଦକ କବି ପ୍ରଦୀପ୍ତ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ । ଏହି ସଭାରେ ବହୁ ସଂଖାରେ କବି, ସାହିତ୍ୟିକ, ଶିକ୍ଷାବିତ ଓ ବୁଦ୍ଧିଜୀବି ଯୋଗ ଦେଇଥିଲେ ।

## ଚୀନରେ ପୁଣି କରୋନା....

ସୋମବାର ଠାରୁ ୩୫,୭୦୦ ବାସିନ୍ଦାଙ୍କୁ ଘରେ ରହିବାକୁ କୁହାଯାଇଛି । ଲକଡାଉନ୍ କଟକଣାକୁ ବଳବତ୍ତର କରିବା ପାଇଁ ସୁରକ୍ଷାକର୍ମୀଙ୍କୁ ନିୟୋଜିତ କରାଯାଇଛି । ଉତ୍ତର-ପୂର୍ବ ଚୀନର ବିଭିନ୍ନ ସ୍ଥାନରେ କୋଭିଡ୍ ପରୀକ୍ଷଣ ବୁଥ ଖୋଲାଯାଇଛି । ସପିଂମଲ, ସିନେମା ଥିଏଟର, ମ୍ୟୁଜିଅମ୍, ବାର ଆଦିକୁ ବନ୍ଦ କରାଯାଇଛି । କିଣ୍ଡରଗାର୍ଡେନ ଏବଂ ମିଡିଲ ସ୍କୁଲକୁ ବନ୍ଦ କରାଯାଇଛି । ଯାତ୍ରାକାଳୀନ କଟକଣା ଲାଗୁ ହୋଇଛି ।

## ୬୭ତମ ଜାତୀୟ ଚଳଚ୍ଚିତ୍ର ସମ୍ମାନ....

ଚର୍ଚ୍ଚାରେ ରହନ୍ତି ରଜନୀକାନ୍ତ । ତେବେ ସମ୍ମାନ ଗ୍ରହଣ ଅବସରରେ ରଜନୀକାନ୍ତଙ୍କ ପତ୍ନୀ ଓ ଝିଅ ମଧ ଉପସ୍ଥିତ ଥିଲେ । ସେହିପରି ସୁଶାନ୍ତ ସିଂ ରାଜପୁତଙ୍କ ଅଭିନୀତ "ଛିଚୋରେ" ମୁଭିକୁ ବେଷ୍ଟ ହିନ୍ଦୀ ସିନେମା ଆୱାର୍ଡ ମିଳିଛି । କରୋନା କାରଣରୁ ଦୀର୍ଘ ୨ ବର୍ଷ ଧରି ଏହି ପୁରସ୍କାର ବିତରଣ ଉତ୍ସବ ଆୟୋଜନ କରାଯାଇନଥିଲା । ସମସ୍ତ ପୁରଷ୍କାର ବିଜେତାଙ୍କୁ ସୋସିଆଲ ମିଡିଆରେ ପ୍ରଶଂସକ ମାନେ ଏବଂ ଚଳଚିତ୍ରପ୍ରେମୀମାନେ ଅଭିନନ୍ଦନ ଜଣାଇଛନ୍ତି ।

## ବିଧାନସଭା ଆଗରେ ଘାସ ....

ଏ ପ୍ରସଙ୍ଗରେ ମନ୍ତ୍ରୀ ଓ ସଚିବଙ୍କୁ ସ୍ମରଣ କରାଇବା ପରେ ମଧ ଦାବି ପୂରଣ ଦିଗରେ ସେଭଳି କୌଣସି ଠୋସ୍ ପଦକ୍ଷେପ ନ ନେବାରୁ ବାଧହୋଇ ସଂଘ ପୁଣିଥରେ ଲୋୟର ପି.ଏମ୍.ଜି.ସ୍ଥିତ ଧାରଣାସ୍ଥଳରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଆନ୍ଦୋଳନ ଜାରି ରଖିବାର ନିଷ୍ପତି ନେଇଛି । ଏବେ ବିଧାନସଭା ଆଗ ଧାରଣାସ୍ଥଳରେ ଜିଲ୍ଲାୱାରୀ ଗଣଧାରଣା ଓ ବିକ୍ଷୋଭ ତଥା ଆନ୍ଦୋଳନ ଚାଲିବ ।

# ଆରବନ୍ଧ ପଞ୍ଚାୟତରୁ ବିଭିନ୍ନ ଦଳ ଛାଡ଼ି ବିଜେପିରେ ମିଶିଲେ

ନୀଳଗିରି,୨୫/୧୦ (ନି.ପ୍ର): ଆଗକୁ ପଞ୍ଚାୟତ ନିର୍ବାଚନ ଆସୁଥିଲା ବେଳେ ଏନେଇ ରାଜନୈତିକ ଉଷ୍ମତା ପ୍ରକାଶ ପାଉଥିବା ବେଳେ ଆଜି ଆରବନ୍ଧ ପଞ୍ଚାୟତର ବିଭିନ୍ନ ଦଳରେ ଥିବା କର୍ମୀମାନେ ଦଳ ଛାଡ଼ି ବିଜେପିରେ ସାମିଲ ହୋଇଛନ୍ତି । ନୀଳଗିରି ବିଧାୟକ ଇଂ. ସୁକାନ୍ତ କୁମାର ନାୟକଙ୍କ ଉପସ୍ଥିତିରେ ବିନୟ ନାଏକ, ହରିହର ନାଏକ, ଗୌରହରି ନାଏକ, ବିଶୁ ନାଏକ, ସଂଜୟ ନାଏକ, ଗଣେଶ୍ୱର ନାଏକ, ବାବୁଲି ନାଏକ, ପ୍ରମୁଖ ବିଜେପି ଦଳର ଆଦର୍ଶରେ ଅନୁପ୍ରାଣିତ ହୋଇ ବିଜେପି ରେ ସାମିଲ ହୋଇଛନ୍ତି । ଏହି ମିଶ୍ରଣ ପର୍ବରେ ଗଂଗାଧର ମିଶ୍ର, ଆରବନ୍ଧ ସମିତି ସଭ୍ୟ ଅର୍ଜୁନ ମାରାଣ୍ଡି, ଯୁବନେତା କୁଳମଣି ନାଏକ, ପ୍ରଭାକର ମହାକୁଡ଼, ବୈରାଗୀ ଚରଣ ବେହେରା ପ୍ରମୁଖ ସାମିଲ ଥିଲେ ।

# କୋଭିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ମାମଲାରେ ୨୯ ଗିରଫ

ଭୁବନେଶ୍ୱର,୨୫/୧୦ (ନି.ପ୍ର): ରାଜ୍ୟରେ କୋଭିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ଅଭିଯୋଗରେ ଓଡିଶା ପୋଲିସ ଗତ ୨୪ ଘଂଟାରେ ୨୯ ଜଣଙ୍କୁ ଗିରଫ ଜବତ କରା ଯାଇଛି । ୮୬୮ ବାହନକୁ ଜବତ କରା ଯାଇଛି । ଏହି ସମୟ ମଧ୍ୟରେ ୨୫,୫୫,୬୦୦ ଟଙ୍କା ଜୋରିମାନା ଆଦାୟ କରା ଯାଇଥିବା ରାଜ୍ୟ ପୋଲିସ ଦ୍ୱାରା ଟ୍ୱିଟ କରି ସୂଚନା ଦିଆ ଯାଇଛି ।

# 'ଆଜାଦୀ କି ଅମୃତ ମହୋତ୍ସବ' ସମ୍ପର୍କୀତ ସାମ୍ବାଦିକ ସମ୍ମିଳନୀ

ଭୁବନେଶ୍ୱର,୨୫/୧୦ (ନି.ପ୍ର): ଭାରତ ସରକାରଙ୍କ ସୂଚନା ପ୍ରସାରଣ ମନ୍ତ୍ରଣାଳୟ ଅଧୀନ ଭୁବନେଶ୍ୱରସ୍ଥିତ ପତ୍ରସୂଚନା କାର୍ଯ୍ୟାଳୟ (ପିଆଇବି) ଏବଂ ଓଡିଶା ସରକାରଙ୍କ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଆଜି କଟକଠାରେ ନେତାଜୀ ସୁଭାଷଚନ୍ଦ୍ର ବୋଷଙ୍କ ଦ୍ୱାରା ଗଠିତ ଆଜାଦ୍ ହିନ୍ଦ୍ ସରକାରର ପ୍ରତିଷ୍ଠା ଦିବସ ଅବସରରେ ଏକ ମିଳିତ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଗଣମାଧ୍ୟମର ପ୍ରତିନିଧିମାନଙ୍କୁ ଏହି ଅବସରରେ ଉଦ୍‌ବୋଧନ ଦେଇ ଓଡିଶା ପ୍ରାନ୍ତର ଅତିରିକ୍ତ ମହାନିର୍ଦ୍ଦେଶକ (ଏଡିଜି) ଶ୍ରୀ ରାଜୀନ୍ଦର ଚୌଧୁରୀ କହିଥିଲେ ଯେ ଦେଶ 'ଆଜାଦୀ କି ଅମୃତ ମହୋତ୍ସବ" ପାଳନ କରୁଛି ଯାହା ଆମର ସ୍ୱାଧୀନତା ସଂଗ୍ରାମୀଙ୍କର ତ୍ୟାଗ ଓ ବଳିଦାନକୁ ସ୍ମରଣ କରିବାକୁ ଉଦ୍ଦିଷ୍ଟ । ଭାରତର ସ୍ୱାଧୀନତା ସଂଗ୍ରାମରେ ନେତାଜୀଙ୍କ ଅବଦାନ ବିପୁଳ । ନେତାଜୀ ୧୯୪୩ ଅକ୍ଟୋବର ୨୧ରେ ଆଜାଦ୍‌ହିନ୍ଦ୍ ଫୌଜ ଗଠନ କରିଥିଲେ । ମୁକ୍ତି ସଂଗ୍ରାମ କାଳରେ



ଏହି ବାହିନୀ ଉଲ୍ଲେଖନୀୟ ଭୂମିକା ନିର୍ବାହ କରିଥିଲା । ଶ୍ରୀ ଚୌଧୁରୀ ଏହି ଅବସରରେ ପାଳିତ ହେଉଥିବା ଆଜାଦି କି ଅମୃତ ମହୋତ୍ସବ ସମ୍ପର୍କରେ ସକାରାତ୍ମକ ଖବର ପ୍ରସାରଣରେ ଗଣମାଧ୍ୟମର ଭୂମିକା ଉପରେ ଗୁରୁତ୍ୱ ଦେଇଥିଲେ । ସେ କହିଥିଲେ, " ଆମ ମୁକ୍ତି ସଂଗ୍ରାମୀମାନଙ୍କ ଅତୁଳନୀୟ ତ୍ୟାଗ ଓ ବଳିଦାନ ଯୋଗୁଁ ଆମକୁ ଏକ ସ୍ୱାଧୀନ ଭାରତ ମିଳିଛି । ଏ କ୍ଷେତ୍ରରେ ଗଣମାଧ୍ୟମର ଏକ ବଡ ଭୂମିକା ରହିଛି । ଏହା ଏହି ମୁକ୍ତି ସଂଗ୍ରାମୀମାନଙ୍କର ଅବଦାନ ସଂକ୍ରାନ୍ତ ଖବରକୁ ଅଧିକରୁ ଅଧିକ ପ୍ରଚାର ପ୍ରସାର କରିପାରିବ ଏବଂ ସେମାନଙ୍କୁ ଯଥାର୍ଥ ସ୍ୱୀକୃତି ପ୍ରଦାନ କରିବାରେ ସହାୟକ ହେବ ।" ଓଡିଶା ସରକାରଙ୍କ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସଚିବ ଡକ୍ଟର ସୁରେଶଚନ୍ଦ୍ର ଦଳାଇ କହିଥିଲେ ଯେ ନେତାଜୀଙ୍କ ଜନ୍ମସ୍ଥାନ କଟକରେ ଏଭଳି ଏକ କାର୍ଯ୍ୟକ୍ରମ ଆୟୋଜିତ କରିବା ବାସ୍ତବରେ ଏକ ଗର୍ବ ଓ ଗୌରବର ବିଷୟ । "ନେତାଜୀ ଦେଶର ଜଣେ ବିଖ୍ୟାତ ସ୍ୱାଧୀନତା ସଂଗ୍ରାମୀ ଥିଲେ । ତାଙ୍କ ଦ୍ୱାରା ଗଢାଯାଇଥିବା ଆଜାଦ ହିନ୍ଦ୍ ଫୌଜ ଆମ ମୁକ୍ତି ସଂଗ୍ରାମକୁ ପ୍ରଚୁର ଅବଦାନ ଯୋଗାଇଥିଲା । ସେ ଆହୁରି କହିଥିଲେ, "ନେତାଜୀ ମହିଳା ସଶକ୍ତିକରଣ ଉପରେ ସର୍ବଦା ଗୁରୁତ୍ୱ ଦେଉଥିଲେ । ତାଙ୍କ ଆଜାଦ୍ ହିନ୍ଦ୍ ଫୌଜରେ ମହିଳାଙ୍କ ପାଇଁ "ରାଣୀ ଝାନ୍ସୀ ରେଜିମେଂଟ"ନାମରେ ଏକ ସ୍ୱତନ୍ତ୍ର ରେଜିମେଂଟ ଥିଲା । ଏଥିରେ ଓଡିଶାରୁ ବହୁ ଯୁବତୀ ସାମିଲ ହୋଇଥିଲେ । ନେତାଜୀ ସମତା ଉପରେ ଗୁରୁତ୍ୱ ଦେଉଥିଲେ । ତେଣୁ ମହିଳାମାନଙ୍କୁ ପୁରୁଷଙ୍କ ସହିତ ସବୁ କ୍ଷେତ୍ରରେ ସମାନ ସୁଯୋଗ ଅଧିକାର ଓ ମର୍ଯ୍ୟାଦା ପ୍ରଦାନର ସମୟ ଉପନୀତ ବୋଲି ସେ କହିଥିଲେ । ଏହି ମିଳିତ ସାମ୍ବାଦିକ ସମ୍ମିଳନୀରେ ଭୁବନେଶ୍ୱର ପିଆଇବିର ଉପନିର୍ଦ୍ଦେଶକ ଡକ୍ଟର ଗିରୀଶ ଚନ୍ଦ୍ର ଦାଶ, ମିଡିଆ ଓ ଯୋଗାଯୋଗ ଅଧକାରୀ ଶ୍ରୀ ପ୍ରଦୀପ ଚୌଧୁରୀ, ସଂସ୍କୃତି ବିଭାଗର ଉପସଚିବ ଶ୍ରୀ ସଂଜୟ ମିଶ୍ର ତଥା କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅନ୍ୟାନ୍ୟ ଅଧିକାରୀମାନେ ଭାଗ ନେଇଥିଲେ ।

# ସ୍ୱଚ୍ଛସାଥୀଙ୍କ ପକ୍ଷରୁ ସଚେତନତା ଶୋଭାଯାତ୍ରା

ବାଲେଶ୍ୱର,୨୫/୧୦ (ନି.ପ୍ର): ବାଲେଶ୍ୱର ପୌରପାଳିକାର ସ୍ୱଚ୍ଛତା ଅଭିଯାନରେ ସାମିଲ ସ୍ୱଚ୍ଛ ସାଥୀମାନଙ୍କ ପକ୍ଷରୁ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଫକୀର ମୋହନ କଲେଜ ନିକଟରୁ ଏହି ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲା । ସ୍ୱଚ୍ଛତା ସମ୍ପର୍କିତ ବିଭିନ୍ନ ପ୍ରକାର ସ୍ଲୋଗାନ ସାଙ୍ଗକୁ ସ୍ୱଚ୍ଛସାଥୀମାନେ ପ୍ଲାକାର୍ଡ଼ ପ୍ରଦର୍ଶନ ପୂର୍ବକ ସହରବାସୀଙ୍କୁ ସଚେତନ କରାଇଥିଲେ । ସ୍ୱଚ୍ଛସାଥୀମାନେ ଘର ଘର ବୁଲି ପରିମଳ ବ୍ୟବସ୍ଥା ପରିଚାଳନା କରୁଥିବା ବେଳେ ଏହି କାର୍ଯ୍ୟରେ ଜନସାଧାରଣ ସେମାନଙ୍କୁ ସହଯୋଗ ପାଇଁ ସେମାନେ ସମସ୍ତଙ୍କୁ ନିବେଦନ କରିଥିଲେ । ଘରୁ ବାହାରୁଥିବା ଆବର୍ଜନାକୁ ପୃଥକ କରିବା ସହ ସ୍ୱଚ୍ଛ ସବାରୀ ପ୍ରଦାନ ପାଇଁ ସେମାନେ କହିଥିଲେ । ସମସ୍ତଙ୍କ ସହଯୋଗରେ ବାଲେଶ୍ୱର ସହର ସ୍ୱଚ୍ଛତା କ୍ଷେତ୍ରରେ ଏକ ନମ୍ବର ମାନ୍ୟତା ପାଇପାରିବ ବୋଲି ସେମାନେ ଆଶାପ୍ରକାଶ କରିଥିଲେ । ଅଶ୍ରୁବିନ୍ଧା ଦାଶ, ସନ୍ଧ୍ୟା ମହାରଣା, ରିତାଞ୍ଜଳୀ ସିଂହ, ରଞ୍ଜିତା ମାଝୀ ପ୍ରମୁଖ ସୁପରଭାଇଜରଙ୍କ ନେତୃତ୍ୱରେ ବାସନ୍ତୀ ବର୍ଦ୍ଧନ, ସସ୍ମିତା ଦାସ, ନିର୍ମଳା ଦାସ, ମଞ୍ଜୁଲତା ଦାସ, କମଳିନୀ ଦେ, ସୁମିତ୍ରା ପରିଡା, ସଞ୍ଜୁକ୍ତା ମାଝୀ, ଲକ୍ଷ୍ମୀପ୍ରିୟା ନାୟକ, ଦିପ୍ତିମୟୀ ଦାସ, ଯମୁନା ମଲ୍ଲିକ, ଦୀପିକା ମହାନ୍ତି, ସୁମିତ୍ରା ପାଢୀ, ଅସ୍ମାନା ବିବି, ଶକୁନ୍ତଳା ରଣା, ଅର୍ପିତା ମାଝୀ, ସରିତା ଦାସ, ନମିତା ମଣ୍ଡଳ, କାଜଳରାଣୀ ଦାସ ପ୍ରମୁଖ ସ୍ୱଚ୍ଛ ସାଥୀ ଏହି ସଚେତନତା ଶୋଭାଯାତ୍ରାରେ ଅଂଶଗ୍ରହଣ କରିଥିଲେ ।

# ନୀଳଗିରି ଅବକାରୀ ବିଭାଗର ଚଢ଼ାଉ, ୧୦ହଜାର ଲିଟର ପୋଚ, ୨୦୦ଲିଟର ଦେଶୀ ମଦ ଜବତ

ନୀଳଗିରି,୨୫/୧୦ (ନି.ପ୍ର): ନୀଳଗିରି ଅବକାରୀ ବିଭାଗ ସଜନାଗଡ଼ ଅଞ୍ଚଳର ବନ୍ଧସାହି ଗ୍ରାମର ଚଢ଼ାଉ କରି ଉକ୍ତ ଅଞ୍ଚଳରୁ ୧୦ହଜାର ଲିଟର ପୋଚ ନଷ୍ଟ କରିବା ସହ ୨୦୦ ଲିଟର ଦେଶୀ ମଦ ଜବତ କରିଛନ୍ତି । ଘଟଣାସ୍ଥଳରୁ ଖବର ପାଇ ୨ ଜେରା ମଦ ବେପାରୀ ଫେରାର ହୋଇଯାଇଥିଲେ । ଏହି ଚଢ଼ାଉରେ ନୀଳଗିରି ଅବକାରୀ ଓଆଇସି ଜୟନ୍ତୀ ଆଚାର୍ଯ୍ୟ, ଦେବାଶିଷ ମଲିକ, ପିଙ୍କି ମାରାଣ୍ଡି ସମେତ ନୀଳଗିରି ପୋଲିସ ଷ୍ଟାଫ ସାମିଲ ଥିଲେ ।

# ରାଜ୍ୟରେ କରୋନାରେ ଆଉ ୩ ଜଣଙ୍କର ମୃତ୍ୟୁ

ଭୁବନେଶ୍ୱର,୨୫/୧୦ (ନି.ପ୍ର): ରାଜ୍ୟରେ କରୋନାରେ ଆଉ ୩ ଜଣ ରୋଗୀଙ୍କର ମୃତ୍ୟୁ ଘଟିଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆ ଯାଇଛି । ଏହା ସହ ରାଜ୍ୟରେ କରୋନା କାରଣରୁ ମୃତ୍ୟୁ ସଂଖ୍ୟା ବଢି ୮୩୧୨ ହୋଇ ଯାଇଛି । ବିଭାଗ ଦ୍ୱାରା ଦିଆ ଯାଇଥିବା ସୂଚନା ଅନୁସାରେ ଭଦ୍ରକ, କେନ୍ଦୁଝର ଓ ମୟୁରଭଞ୍ଜ ୧-୧ ଜଣ ସଂକ୍ରମିତଙ୍କ ମୃତ୍ୟୁ ଘଟିଛି ।

# ରୋଟାରୀ କ୍ଲବ ଭଦ୍ରକ ଦ୍ୱାରା ଅଙ୍ଗଦାନ ସମ୍ବନ୍ଧୀୟ କର୍ମଶାଳା

ଭଦ୍ରକ,୨୫/୧୦ (ନି.ପ୍ର): ରୋଟାରୀ କ୍ଲବ ମିଡଟାଉନ ଭଦ୍ରକ ଓ ଭଦ୍ରକ ରୋଟାରୀ କ୍ଲବର ମିଳିତ ଆନୁକୂଲ୍ୟରେ ସାଲନ୍ଦୀ ହସ୍ପିଟାଲ ଓ ନର୍ସିଂ ସ୍କୁଲ ପରିସରରେ ଅଙ୍ଗଦାନ ସମ୍ବନ୍ଧୀୟ ଏକ କର୍ମଶାଳା ଅନୁଷ୍ଠିତ ହୋଇ ଯାଇଛି । ରୋଟାରୀ ମିଡ୍‌ଟାଉନର ସଭାପତି ପବିତ୍ର ମୋହନ ଖିଲାର ଓ ରୋଟରୀ କ୍ଲବ ଭଦ୍ରକର ସଭାପତି ବସନ୍ତ କୁମାର ପାଣିଗ୍ରାହୀ ଓ ସମ୍ପାଦକ ଇଂ ଅମ୍ବିକା ବଲ୍ଲଭ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କର୍ମଶାଳାରେ ରୋଟାରିଆନ ଡା. ପ୍ରଭାସ କୁମାର ମହାନ୍ତି ପୌରୋହିତ୍ୟ କରିଥିଲେ । ଡାକ୍ତର ମହାନ୍ତି ତାଙ୍କ ବକ୍ତବ୍ୟରେ ଅଙ୍ଗଦାନର ଆବଶ୍ୟକତା, ତାତ୍ପର୍ଯ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ମୁଖ୍ୟ



ଅତିଥି ଭାବେ ଯୋଗ ଦେଇ ଡା. ସୁଧିର କୁମାର ନାୟକ ଅଙ୍ଗଦାନ ଦ୍ୱାରା କିପରି ଅନ୍ୟମାନଙ୍କ ଜୀବନ ରକ୍ଷା କରାଯାଇ ପାରେ ସେ ସମ୍ବନ୍ଧରେ ଅବଗତ କରାଇଥିଲେ । ଅତିରିକ୍ତ ରୋଟାରୀ ଜିଲ୍ଲା ଗଭର୍ଣ୍ଣର ରୋଟାରିଆନ ଅତିସ କୁମାର ବେହେରା ଅଙ୍ଗଦାନ କରୁଥିବା ବ୍ୟକ୍ତିଙ୍କ ମହନୀୟତା ଓ ଗୁରୁତ୍ୱ ସମ୍ବନ୍ଧରେ ବକ୍ତବ୍ୟ ରଖିଥିଲେ । ଅଙ୍ଗଦାନ ଏକ ମହତ ଦାନ ଓ କର୍ତ୍ତବ୍ୟ । ମୃତ୍ୟୁ ପୂର୍ବରୁ ଜଣେ ନିଜର ଅଙ୍ଗଦାନ କରି ଅନ୍ୟର ଜୀବନ ରକ୍ଷା କରିବା ଠାରୁ ପୁଣ୍ୟ କାର୍ଯ୍ୟ ଆଉ କିଛି ନାହିଁ ବୋଲି କର୍ମଶାଳାରେ ଅନ୍ୟ ବକ୍ତାମାନେ ମତବ୍ୟକ୍ତ କରିଥିଲେ । ଏହି କାର୍ଯ୍ୟକ୍ରମରେ ରୋଟାରିଆନ ଶିଶିର ମିଶ୍ର, ଇନ୍ଦ୍ରଜିତ ସିଂ, ସନାନ ଜେନା, ମନୋଜ ସାହୁ, ପ୍ରମୋଦ ଜେନା, ଅଜିତ ଦାସ, ଶ୍ରୀକାନ୍ତ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ମୟୂରଭଞ୍ଜ କଲେଜ ଅଫ୍ ଏକାଉନଟେନସି ଏଣ୍ଡ ମେନେଜମେଣ୍ଟରେ ପୂଜାକାଳୀନ ଜାତୀୟ ସେବା ଯୋଜନାର ସ୍ୱତନ୍ତ୍ର ଶିବିର ଉଦ୍‌ଯାପିତ

ବାରିପଦା,୨୫/୧୦ (ନି.ପ୍ର): ସ୍ଥାନୀୟ ମହାରାଜପୁରସ୍ଥିତ ମୟୂରଭଞ୍ଜ କଲେଜ ଅଫ୍ ଏକାଉନଟେନସି ଏଣ୍ଡ ମେନେଜମେଣ୍ଟରେ ପୂଜାକାଳୀନ ଜାତୀୟ ସେବା ଯୋଜନାର ସ୍ୱତନ୍ତ୍ର ଶିବିର ଉଦ୍‌ଯାପିତ ହୋଇଯାଇଛି । ସପ୍ତାହ ବ୍ୟାପି ଅନୁଷ୍ଠିତ ହେବାକୁ ଥିବା ଏହି ଏନଏସଏସ ଶିବିରକୁ ଉକ୍ତ କଲେଜର ଅଧ୍ୟକ୍ଷ ପ୍ରଦୀପ କୁମାର ନାୟକ ଉଦ୍‌ଘାଟନ କରିଥିଲେ । ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ମୀରା ସେନାପତି ଓ ବିଜୟା ନାୟକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଶିବିରରେ ୫୦ ଜଣ ଛାତ୍ରଛାତ୍ରୀ ଯୋଗ ଦେଇ ପୋଷ୍ୟ ଗାଁ ମହାରାଜପୁରର ଜନସାଧାରଣଙ୍କୁ ସ୍ୱାସ୍ଥ୍ୟ, ପରିବେଶ ସୁରକ୍ଷା, ବୃକ୍ଷରୋପଣ, କରୋନା ଟୀକା ଓ ସରକାରଙ୍କ ଦ୍ୱାରା ମିଳିଥିବା ପ୍ରଧାନମନ୍ତ୍ରୀ ଆବାସ



ଯୋଜନା, ଉଜ୍ଜଳା ଯୋଜନା, ଶିକ୍ଷା ସମ୍ପର୍କରେ ଘରକୁ ଘର ବୁଲି ଗ୍ରାମବାସୀମାନଙ୍କୁ ସଚେତନ କରାଇଥିଲେ । ଏହି ଅବସରରେ ଶିବିରାର୍ଥୀ ଛାତ୍ରଛାତ୍ରୀ / ସ୍ୱେଚ୍ଛାସେବୀମାନେ କଲେଜ ପରିସର, ମନ୍ଦିର ପରିସର ଓ ରେଲୱେ ଷ୍ଟେସନ ଆଦି ସ୍ଥାନରେ ସଫେଇ କାର୍ଯ୍ୟ କରି ପରିବେଶକୁ ସ୍ୱଚ୍ଛ ରଖିବା ଲାଗି ସଚେତନ କରିଥିଲେ । ରେଲୱେ ଷ୍ଟେସନର ଏ.ଏସ.ଆଇ. ପ୍ରଦୀପ କୁମାର ବେହେରା ଓ ଗ୍ରାମବାସୀମାନେ ଶିବିରାର୍ଥୀମାନଙ୍କର କାର୍ଯ୍ୟକଳାପରେ ସନ୍ତୁଷ୍ଟ ହୋଇ ଉଚ୍ଚ ପ୍ରଶଂସା କରିଥିଲେ । ଷଷ୍ଠ ଦିବସରେ ଶିବିର ପରିଦର୍ଶନରେ ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ଡକ୍ଟର ସ୍ମୃତିରଂଜନ ଦାସ ଯୋଗ ଦେଇଥିଲେ ଓ ଶିବିରାର୍ଥୀମାନଙ୍କୁ କ୍ୟାମ୍ପର ମହତ୍ତ୍ୱ ବିଷୟରେ ଜଣାଇଥିଲେ । ଶିବିରର ଅନ୍ୟ ଦିବସରେ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ସ୍ୱେଚ୍ଛାସେବୀ ଦିବ୍ୟାନୀ ବେହେରା ଓ ଜନ୍ମେଜୟ ଗିରି ଯୋଗ ଦେଇ ଶିବିରାର୍ଥୀମାନଙ୍କୁ ବହୁ ଶିକ୍ଷଣୀୟ ଉପଦେଶ ଦେଇଥିଲେ । ଅନ୍ୟତମ ସ୍ୱେଚ୍ଛାସେବୀ ରାଜ୍ୟ ସରକାରଙ୍କ ପୁରସ୍କାର ପ୍ରାପ୍ତ ଆଶିଷ ବେହେରା ଯୋଗ ଦେଇ ସ୍ୱେଚ୍ଛାସେବୀ ମାନଙ୍କୁ କିପରି ପ୍ରତ୍ୟେକ ଦିନ ନିଜ ଜୀବନରେ ଯାହା ସବୁ କ୍ୟାମ୍ପରେ ଶିଖିଲେ ତାକୁ ପାଳନ କରିବାକୁ କହିଥିଲେ । ତତ୍ ସହିତ ଶ୍ରୀ କୃଷ୍ଣ ନାୟକ ଯୋଗ ଦେଇ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ । ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜ ଦେଓ ବିଶ୍ୱବିଦ୍ୟାଳୟର ତୃପ୍ତି ଦାସ ଓ ରିକା ପଣ୍ଡା ପ୍ରଭୃତି ଯୋଗ ଦେଇଥିଲେ ।

# ମମିତା ହତ୍ୟାକାଣ୍ଡରେ ମନ୍ତ୍ରୀଙ୍କ ଗିରଫ ଦାବି

ବସ୍ତା,୨୫/୧୦ (ନି.ପ୍ର): ଶିକ୍ଷୟିତ୍ରୀ ମମିତା ମେହେର ହତ୍ୟାକାଣ୍ଡ ରେ ସମ୍ପୃକ୍ତ ଗୃହମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ଙ୍କ ଇସ୍ତଫା ଓ ଗିରଫ ଦାବୀ ରେ ବାଲେଶ୍ୱର ସଦର ବ୍ଲକ ଅନ୍ତର୍ଗତ ରସୁଲପୁର ପଂଚାୟତ ବିଜେପି ପକ୍ଷରୁ ବାଇକ ଓ ମହମବତୀ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏହି ଶୋଭାଯାତ୍ରା ମନୁଡିହା ଛକ ରୁ ବାହାରି ପଂଚାୟତ ପରିକ୍ରମା କରି ବଡଧନକ୍ଷଡ଼ି ଛକରେ ପହଞ୍ଚିଥିଲା କ୍ଷ ଆୟୋଜିତ ପ୍ରତିବାଦ ସଭାରେ ସରପଞ୍ଚ ଶୁଭେଶ ନାୟକ ଯୋଗ ଦେଇ ରାଜ୍ୟ ସରକାରଙ୍କ ବିରୁଦ୍ଧରେ ଖୁବ ବର୍ଷିଥିଲେ । ସମ୍ପୃକ୍ତ ମନ୍ତ୍ରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ଆନ୍ଦୋଳନ ଜୋରଦାର ହେବ ବୋଲି ଚେତାବନୀ ଦେଇଥିଲେ । ଯୁବନେତା ମାନସ ମହାପାତ୍ର, ଧନଞ୍ଜୟ ମହାନ୍ତି,ବାଇଧର ବେହେରା, ସତ୍ୟାନନ୍ଦ ମହାନ୍ତି, ଲମ୍ବୋଧର ଯେନକ୍ଷ, ଶ୍ରୀକାନ୍ତ ପାଣି ଓ ଅଜୟ ଗାଁ ଣ ସମେତ ଶତାଧିକ କର୍ମୀ ଓ ସମର୍ଥକ ଶିକ୍ଷୟିତ୍ରୀ ମମିତାଙ୍କୁ ନ୍ୟାୟପ୍ରଦାନ ଦାବୀକରିଥିଲେ । ହତ୍ୟାଘଟଣା ର ପ୍ରକୃତ ଦୋଷୀ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବାରେ ରାଜ୍ୟ ସରକାରଙ୍କ ବିଳମ୍ବ ନୀତି କୁ ବିରୋଧ କରି ନାରାବାଜି ପ୍ରଦର୍ଶନ କରିଥିଲେ ।

# ମମିତା ମେହେର ହତ୍ୟାକାଣ୍ଡ ପ୍ରସଙ୍ଗରେ ମହିଳାମୋର୍ଚ୍ଚାର ମୌନଧାରଣା

ଭୁବନେଶ୍ୱର,୨୫/୧୦(ନି.ପ୍ର): ବହୁଚର୍ଚ୍ଚିତ ମମିତା ମେହେର ହତ୍ୟାକାଣ୍ଡରେ ରାଜ୍ୟର ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଂକର ମିଶ୍ରଙ୍କ ସଂପୃକ୍ତି ସ୍ପଷ୍ଟ ହେବାରେ ଲାଗିଛି କିନ୍ତୁ ମୁଖ୍ୟମନ୍ତ୍ରୀ ସବୁ ଜାଣି ମ୍ଭ ନିରବ ଅଛନ୍ତି। ଅଭିଯୁକ୍ତ ଗୋବିନ୍ଦ ସାହୁଙ୍କ ସହ ମନ୍ତ୍ରୀଙ୍କ ଘନିଷ୍ଠ ସଂପର୍କ ଏବଂ ପ୍ରାୟଦିନ ମହାଲିଙ୍ଗସ୍ଥିତ ସନସାଇନ ସ୍କୁଲକୁ ଆସି ରାତ୍ରଯାପନ କରିବା, ବେସରକାରୀ ଶିକ୍ଷାନୁଷ୍ଠାନ ହୋଇଥିବା ସତ୍ୱେ ସନସାଇନ ସ୍କୁଲକୁ ପଶ୍ଚିମ ଓଡିଶା ବିକାଶ ପରିଷଦ ପାଂଠିରୁ ଅଜସ୍ର ପରିମାଣର ଆର୍ଥୀକ ଅନୁଦାନ ପ୍ରଦାନ କରିବା, 'ସନସାଇନ ସ୍କୁଲକୁ ଆସିଲେ, ମୁଁ ଯୁବକ ହୋଇଯାଏ' ଭଳି ମନ୍ତ୍ରୀଙ୍କ ବିବୃତି, ପରିବାରବର୍ଗ ଓ ସ୍ଥାନୀୟବାସିନ୍ଦାଙ୍କ ମନ୍ତ୍ରୀଙ୍କ ବିରୁଦ୍ଧରେ ଅଭିଯୋଗ ଆଦି ଶ୍ରୀ ମିଶ୍ରଙ୍କ ସଂପୃକ୍ତିକୁ ସ୍ପଷ୍ଟ ପ୍ରମାଣିତ କରୁଛି । କ୍ଷମତାର ଅପବ୍ୟବହାର କରି ମନ୍ତ୍ରୀ ଶ୍ରୀ ମିଶ୍ର ଅଭିଯୁକ୍ତ ଗୋବିନ୍ଦ ସାହୁକୁ ସୁରକ୍ଷା ଯୋଗାଇ ଦେବା ସହ ହତ୍ୟାକାଣ୍ଡ ସଂପର୍କରେ ସମସ୍ତ ତଥ୍ୟ ଓ ପ୍ରମାଣକୁ ନଷ୍ଟ କରିବାର ଷଡଯନ୍ତ୍ର କରିଛନ୍ତି । ଗୃହ ବିଭାଗର ମୁଖିଆ ତଥା ମୁଖ୍ୟମନ୍ତ୍ରୀ ସବୁ ଜାଣିଶୁଣି ମ୍ଭ ନୀରବତା ଅବଲମ୍ବନ କରିବା କାରଣରୁ ବିଜେପ ମହିଳା ମୋର୍ଚ୍ଚା କାର୍ଯ୍ୟକର୍ତାମାନେ ଆଜି ଭୁବନେଶ୍ୱର ମାଷ୍ଟର କ୍ୟାଂଟିନ ଛକଠାରେ ମୌନ ଧାରଣାରେ ବସିଥିଲେ । ମମିତା ହତ୍ୟାକାଣ୍ଡ ଘଟିଯିବାର ଦୀର୍ଘ ୧୭ ଦିନ ବିତିଯାଇଥିଲେ ସୁଦ୍ଧା ମୁଖ୍ୟମନ୍ତ୍ରୀ ନୀରବ ରହିଛନ୍ତି । 'ଆଇନ ତା ବାଟରେ ଯିବ' ବୋଲି ବାରମ୍ବାର କହୁଥିବା ମୁଖ୍ୟମନ୍ତ୍ରୀ ପୁଣି ଥରେ ଆଇନ ବାଟରେ ଛିଡା ହୋଇ ତଦନ୍ତ ପ୍ରକ୍ରିୟାରେ ବାଧା ସୃଷ୍ଟି କରୁଛନ୍ତି। ତେଣୁ ଗୃହ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ମିଶ୍ରଙ୍କୁ ମୁଖ୍ୟମନ୍ତ୍ରୀ ତୁରନ୍ତ ନିଜ ମନ୍ତ୍ରୀମଣ୍ଡଳରୁ ବହିଷ୍କାର କରି ଗିରଫ ପାଇଁ ନିର୍ଦ୍ଦେଶ ଦିଅନ୍ତୁ ବୋଲି ମହିଳା ମୋର୍ଚ୍ଚା ରାଜ୍ୟ ସଭାନେତ୍ରୀ ଶ୍ରମତୀ ସ୍ମୃତି ପଟ୍ଟନାୟକ ପୁଣି ଥରେ ଦାବୀ କରିଛନ୍ତି । ଏହି ମୌନ ଧାରଣରେ ଶ୍ରୀମତୀ ପଟ୍ଟନାୟକଙ୍କ ସମେତ ରାଜ୍ୟ ମୁଖପାତ୍ର ଉର୍ମିଳା ମହାପାତ୍ର, ମହିଳା ମୋର୍ଚ୍ଚା ରାଜ୍ୟ ଉପ ସଭାନେତ୍ରୀ କସ୍ତୁରୀ ମିଶ୍ର, ରାଜ୍ୟ ସଂପାଦିକା ରଶ୍ମୀରେଖା ଦାଶ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅପର୍ଣ୍ଣା ଧିରସିଂହ, ଭୁବନେଶ୍ୱର ଜିଲ୍ଲା ସଭାନେତ୍ରୀ ମନ୍ଦାକିନୀ ପାତ୍ରଙ୍କ ସମେତ ବହୁ ସଂଖ୍ୟାରେ ମହିଳା କାର୍ଯ୍ୟକର୍ତା ଯୋଗ ଦେଇଥିଲେ ।

# ଦେଢ଼ବର୍ଷ ପରେ ବିଦ୍ୟାଳୟ ଆସିଲେ ଅଷ୍ଟମ ଶ୍ରେଣୀ ଛାତ୍ରଛାତ୍ରୀ



ବାଲେଶ୍ୱର,୨୫/୧୦ (ନି.ପ୍ର): କରୋନା ଯୋଗୁଁ ଦୀର୍ଘ ଦେଢ଼ବର୍ଷ ଧରି ବନ୍ଦ ରହିଥିବା ସମସ୍ତ ସରକାରୀ ଓ ବେସରକାରୀ ବିଦ୍ୟାଳୟର ଅଷ୍ଟମ ଶ୍ରେଣୀ ସୋମବାର ଖୋଲିଛି। ସରକାରଙ୍କ କୋଭିଡ କଟକଣା ପାଳନ ପୂର୍ବକ ବାଲେଶ୍ୱର ଜିଲାରେ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ବେଶ ଉତ୍ସାହର ଉଦ୍ଦୀପନା ସହ ଶ୍ରେଣୀକୁ ଆସିଥିବା ଲକ୍ଷ୍ୟ କରାଯାଇଛି। ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀମାନେ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ କରିବା ସହିତ ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କୁ ଥର୍ମାଲ ସ୍କ୍ରିନିଂ ଓ ସାନିଟାଜରରେ ହାତ ଧୁଆ କରାଇଥିବା ଦେଖିବାକୁ ମିଳିଛି। ସମସ୍ତଙ୍କ ମୁହଁରେ ତୃପ୍ତି ଥିବାବେଳେ ସମସ୍ତେ ସାମାଜିକ ଦୂରତା ରକ୍ଷା କରୁଛନ୍ତି। ଦୀର୍ଘ ଦେଢ଼ବର୍ଷ ବିଦ୍ୟାଳୟକୁ ନ ଆସି ସେମାନେ ଅନଲାଇନରେ ପାଠ ପଢୁଥିଲେ ବୋଲି ଛାତ୍ରଛାତ୍ରୀମାନେ କହିଛନ୍ତି। ସରକାରୀ ନିର୍ଦ୍ଦେଶାନୁସାରେ ଅଭିଭାବକଙ୍କଠାରୁ ଅନୁମତିପତ୍ର ସହ ସେମାନେ ବିଦ୍ୟାଳୟକୁ ଆସିଥିବା ଛାତ୍ରଛାତ୍ରୀମାନେ ପ୍ରକାଶ କରିଛନ୍ତି। ଛାତ୍ରଛାତ୍ରୀଙ୍କ ବିଦ୍ୟାଳୟକୁ ଛାଡ଼ିବାକୁ ଆସିଥିବା ଅଭିଭାବକଙ୍କଠାରେ ମଧ୍ୟ ଅନୁରୂପ ଉତ୍ସାହ ଦେଖିବାକୁ ମିଳିଥିଲା। ଅନ୍ୟପକ୍ଷରେ ସରକାରଙ୍କ କୋଭିଡ ନିୟମ ପାଳନ ସହ ସମସ୍ତ ପ୍ରକାର ସତର୍କତା ଅବଲମ୍ବନ କରାଯାଉଥିବା ପ୍ରଧାନ ଶିକ୍ଷକମାନେ ସୂଚନା ଦେଇଛନ୍ତି। ସରକାରୀ ନିୟମ ଅନୁସାରେ ଦୀର୍ଘଦିନ ଧରି ବିଦ୍ୟାଳୟକୁ ଆସିନଥିବା ବେଳେ ଛାତ୍ରଛାତ୍ରୀଙ୍କୁ ପ୍ରଥମ ଦୁଇଦିନ ଶ୍ରେଣୀ ପାଠ ନ ପଢ଼ାଇ କେବଳ ଆଲୋଚନା, ତର୍କ ପ୍ରିଯୋଗିତା, ସଙ୍ଗୀତ ଓ ଚିତ୍ରାଙ୍କନ ଆଦି ପ୍ରତିଯୋଗିତା କରାଯିବ। କରୋନା ଯୋଗୁଁ ବିଦ୍ୟାଳୟ ବନ୍ଦ ରହିବା ଫଳରେ ବିନା ପାଠପଢ଼ାରେ ଛାତ୍ରଛାତ୍ରୀମାନେ ସପ୍ତମରୁ ଅଷ୍ଟମ ଶ୍ରେଣୀକୁ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେମାନଙ୍କ ସପ୍ତମ ପାଠକୁ ନେଇ ଶିକ୍ଷଣସ୍ତର ମପାଯିବ। ଏଥିପାଇଁ ୨୭ ତାରିଖରେ ଓଡ଼ିଆ, ୨୮ରେ ଗଣିତ ଓ ୨୯ରେ ଇଂରାଜୀ ବିଷୟରେ ପରୀକ୍ଷା କରାଯିବ। ସବୁ ଛାତ୍ରଛାତ୍ରୀ ଏଥିରେ ଭାଗ ନେଇ ପରୀକ୍ଷା ଦେବେ। ଯେଉଁ ଛାତ୍ରଛାତ୍ରୀମାନେ ସ୍କୁଲକୁ ଆସିବେନି ପ୍ରଧାନଶିକ୍ଷକ ସେମାନଙ୍କ ଘରକୁ ପ୍ରଶ୍ନପତ୍ର ପଠାଇ ଆକଳନ କରିବେ। ପିଲାଙ୍କ ଫଳକୁ ଗୁରୁତ୍ୱ ଦେଇ କେଉଁ ପିଲାଙ୍କୁ କେମିତି ପାଠପଢ଼ା ଯିବ ସେ ସମ୍ପର୍କରେ ଶିକ୍ଷକମାନେ ପଦକ୍ଷେପ ନେବେ। ଉଭୟ ସପ୍ତମ ଓ ଅଷ୍ଟମ ଶ୍ରେଣୀରେ ଥିବା ବିଷୟକୁ ଶିକ୍ଷକମାନେ ପ୍ରଥମେ ପଢ଼ାଇବେ। ଏହାଦ୍ୱାରା ଛାତ୍ରଛାତ୍ରୀମାନେ ପାଠକୁ ସହଜରେ ଗ୍ରହଣ କରିପାରିବେ ବୋଲି ପ୍ରଧାନ ଶିକ୍ଷକ ସୂଚନା ଦେଇଛନ୍ତି। ପ୍ରଥମ ଦିନରେ ଜିଲା ସମଗ୍ର ଶିକ୍ଷା ଅଭିଯାନ ପ୍ରକଳ୍ପ ସଂଯୋଜକ(ଡିପିସି)ଙ୍କ ସମେତ ଅନ୍ୟାନ୍ୟ ଅଧିକାରୀମାନେ ବିଭିନ୍ନ ବିଦ୍ୟାଳୟକୁ ଯାଇ କୋଭିଡ ନିୟମ ପାଳନର ସ୍ଥିତି ଅନୁଧ୍ୟାନ କରିଛନ୍ତି। ସରକାରଙ୍କ ନିର୍ଦ୍ଦେଶାନୁସାରେ ବାଲେଶ୍ୱରରେ ସବୁକିଛି ଠିକ୍‌ଠାକ ଚାଲିଥିବା ଡିପିସି ବିଷ୍ଣୁ ମୋହନ ସୂତାର ପ୍ରକାଶ କରିଛନ୍ତି। ପ୍ରଥମ ଦିନରେ ଜିଲାର ୧୬୭୭ ବିଦ୍ୟାଳୟର ୧୯,୪୯୪ ଜଣ ଛାତ୍ରଛାତ୍ରୀ ଶ୍ରେଣୀରେ ଉପସ୍ଥିତ ହୋଇଥିବା ସେ ସୂଚିତ କରିଛନ୍ତି। ବାଲେଶ୍ୱର ଜିଲାର ମୋଟ ୩୩,୯୩୪ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ଆଜି ୫୭.୪୫ ପ୍ରତିଶତ ବିଦ୍ୟାଳୟକୁ ଆସିଥିଲେ। ତେବେ ପ୍ରତ୍ୟେକ ବିଦ୍ୟାଳୟ ବିଶୋଧନ ସହ ସାମାଜିକ ଦୂରତା ରକ୍ଷା ଓ ତୃପ୍ତି ବ୍ୟବହାର ଆଦି ସମସ୍ତ ପ୍ରକାର କରୋନା ସତର୍କତା ଅବଲମ୍ବନ କରାଯାଇଥିବା ଡିପିସି ଶ୍ରୀ ସୂତାର କହିଛନ୍ତି।

## ଭୁବନେଶ୍ୱରରୁ ୧୬୮ ପଜିଟିଭ୍ ଭୁବନେଶ୍ୱର, ୨୫ ଅକ୍ଟୋବର

ଭୁବନେଶ୍ୱର,୨୫/୧୦(ନି.ପ୍ର): ଭୁବନେଶ୍ୱର ମହାନଗର ନିଗମ (ବିଏମସି) ଅଂଚଳରୁ ସୋମବାର ଦିନ ଆଉ ୧୬୮ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୪୩ ଜଣ କ୍ୱାରେଂଟାଇନ୍ ରୁ ଚିହ୍ନଟ ହୋଇଥିବା ବେଳେ ୧୨୫ ଜଣ ଲୋକାଲ ମାମଲା ରହିଛନ୍ତି। ସେହିପରି ଗତ ୨୪ ଘଂଟାରେ ଆଉ ୨୫୪ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ବିଏମସି ପକ୍ଷରୁ ଟୁଇଟ୍ କରି ଏହି ସୂଚନା ଦିଆଯାଇଛି। ଏଥିସହ ଭୁବନେଶ୍ୱରରେ ମୋଟ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୧୧୭୪୪୨ରେ ପହଂଚିଛି। ସେମାନଙ୍କ ମଧ୍ୟରୁ ୧୧୨୯୬୪ ଜଣ ସୁସ୍ଥ ହୋଇଥିବା ବେଳେ ୩୪୦୯ ସକ୍ରିୟ ମାମଲା ରହିଛି। ସେହିପରି ମୃତକଙ୍କ ସଂଖ୍ୟା ୧୦୪୮ ରହିଛି।

# ମୟୂରଭଞ୍ଜ ହେରିଟେଜ ୱାକ୍‌ର ଦ୍ୱିତୀୟ ସଂସ୍କରଣ ଆୟୋଜିତ




ବାରିପଦା,୨୫/୧୦ (ନି.ପ୍ର): ମୟୂରଭଞ୍ଜର କଳା, ଐତିହ୍ୟ, ଇତିହାସ ଓ ପର୍ଯ୍ୟଟନର ପ୍ରଚାର ପ୍ରସାର ନିମନ୍ତେ ମୟୂରଭଞ୍ଜ ମିରର ଓ ମୟୂରଭଞ୍ଜ ଲଭର୍ସ ଦ୍ୱାରା ଆୟୋଜିତ ହୋଇଆସୁଥିବା ମୟୂରଭଞ୍ଜ ହେରିଟେଜ ୱାକ୍‌ର ଦ୍ୱିତୀୟ ସଂସ୍କରଣ ବାରିପଦା ଠାରେ ଅନୁଷ୍ଠିତ ହୋଇଛି ।ଦ୍ୱିତୀୟ ସଂସ୍କରଣର କାର୍ଯ୍ୟକ୍ରମରେ ବାରିପଦା ସ୍ଥିତ ମହାରାଜା ପୂର୍ଣ୍ଣଚନ୍ଦ୍ର ଭଞ୍ଜଦେଓ ସ୍ମୃତି ମନ୍ଦିର ଓ ବାରିପଦାର ଐତିହ୍ୟସମ୍ପର୍ଣ୍ଣ ବାରିପଦା କ୍ଲବକୁ ସାମିଲ କରାଯାଇଥିଲା । କାର୍ଯ୍ୟକ୍ରମ ପ୍ରାରମ୍ଭରେ ମୟୂରଭଞ୍ଜ ଲଭର୍ସର ସଦସ୍ୟ କୁମାରେଶ ନାୟକ କାର୍ଯ୍ୟକ୍ରମ ଆୟୋଜନର ଉଦ୍ଦେଶ୍ୟ ତଥା ମହାରାଜା ପୂର୍ଣ୍ଣଚନ୍ଦ୍ର ଭଞ୍ଜଦେଓଙ୍କ ଜୀବନୀ ଓ କୃତିତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ, ଏହା ପରେ ଅନ୍ୟତମ ସଦସ୍ୟ ଋଷିରାଜ ପଟ୍ଟନାୟକ ସ୍ମୃତି ମନ୍ଦିରର ଇତିହାସ, ପ୍ରଥମ ବିଶ୍ୱଯୁଦ୍ଧ କାଳରେ ଭୂମିକା,ଓଡିଆ ଭାଷା ଓ ପ୍ରତ୍ନତତ୍ତ୍ୱର ସୁରକ୍ଷା ନିମନ୍ତେ ଭୂମିକା ସମ୍ପର୍କରେ ବର୍ଣ୍ଣନା କରିଥିଲେ । ଏହାପରେ ନିକଟସ୍ଥ ଐତିହ୍ୟ ସମ୍ପର୍ଣ୍ଣ ବାରିପଦା କ୍ଲବକୁ ଯିବା ସହ ତତ୍କାଳୀନ ଓଡିଶାର କ୍ଲବ ଇତିହାସ ସହ ଜଡିତ ଏହି କ୍ଲବର ବିଶେଷତ୍ୱ ,ଏଠାରେ ରହିଥିବା ବିଲିୟାର୍ଡ ବୋର୍ଡ,ହାତୀଦାନ୍ତର ନିର୍ମିତ ଚେସ ବୋର୍ଡ ଇତ୍ୟାଦି ପ୍ରଦର୍ଶନ କରାଯିବା ସହ ମୟୂରଭଞ୍ଜ ଇତିହାସ ସମ୍ପର୍କୀତ ପୁରାତନ ଫଟୋଚିତ୍ର ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା ।୬୦ରୁ ଉର୍ଦ୍ଧ୍ୱ ଯୁବକ ଯୁବତୀ,ଛାତ୍ରଛାତ୍ରୀ ତଥା ବୟୋଜ୍ୟେଷ୍ଠ ବ୍ୟକ୍ତି ଅଂଶଗ୍ରହଣ କରିଥିବା ଏହି କାର୍ଯ୍ୟକ୍ରମ କୁ ସଂଯୋଜିକା ଭାବରେ ସୁଶ୍ରୀ ନାୟକ ଓ ଶ୍ରୁତି ସ୍ୱପ୍ନା କାର୍ଯ୍ୟକ୍ରମ କୁ ପରିଚାଳନା କରିଥିବା ବେଳେ ସଦସ୍ୟ ଜୟ ପ୍ରକାଶ ସିଂହ, ଆକାଶ ମହାନ୍ତି, କିଶୋର କୁମାର ମହାନ୍ତି,ଅପର୍ଣା ସିଂ,ସପନ କୁମାର ମହାନ୍ତ,ଗିରିଜା ଶଙ୍କର ଦାସ, ଦେବଜିତ ପଟ୍ଟନାୟକ ପ୍ରମୁଖ ସହଯୋଗ କରିଥିଲେ ।

# ଯୁବତୀକୁ ଅସଦାଚରଣ ଅଭିଯୋଗରେ ପ୍ରଜାକୋର୍ଟ

## ୨୫ହଜାର ଟଙ୍କା ଜୋରିମାନା ସହ ଗ୍ରାମରୁ ବିଦା ହେଲେ କର୍ମଚାରୀ

ନୀଳଗିରି,୨୫/୧୦ (ନି.ପ୍ର): ବାଲେଶ୍ୱର ଜିଲ୍ଲା ନୀଳଗିରି ଥାନା ଅର୍ନ୍ତଗତ ସଜନାଗଡ଼ ପଞ୍ଚାୟତର ପାଣବନ୍ଧ ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଯାଇଛି । ଏପରିକି ଯୁବତୀକୁ ଅସଦାଚରଣ କରିଥିବା ଯୁବକ କୁ ୨୫ହଜାର ଟଙ୍କା ଜୋରିମାନା ଆଦାୟ କରାଯିବା ସହ ଗ୍ରାମରୁ ବିଦା କରାଯାଇଛି । ଅନ୍ୟ ରାଜ୍ୟରୁ ଆସି ପାଣବନ୍ଧ ଗ୍ରାମରେ ଜନୈକ ବ୍ୟକ୍ତି ଘରେ ଘରଭଡ଼ା ନେଇ ରହୁଥିବା ପାଇପ ସଂଯୋଗୀକରଣ ଶ୍ରମିକ ଜଣକ ରହି ଆସୁଥିଲେ । ଶନିବାର ସନ୍ଧ୍ୟାରେ ଉକ୍ତ ଗ୍ରାମରେ ଜନୈକ ଠିକାଦାର କର୍ମଚାରୀ ସେହି ଅଞ୍ଚଳରେ କିଛି ନାବାଳିକା ଯୁବତୀକୁ ଅସଦାଚରଣ କରିଥିବା ଅଭିଯୋଗ ହୋଇଥିଲା । ଯୁବକଙ୍କ ଏହି କାର୍ଯ୍ୟକଳାପକୁ ନେଇ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଥିଲା । ଗ୍ରାମ ଲୋକେ ଏକ ହୋଇ ରବିବାର ଦିନ ପ୍ରଜାକୋର୍ଟରେ ମେଗା ପାଇପ ପ୍ରକଳ୍ପ ସଂଯୋଗୀକରଣ ଠିକା ସଂସ୍ଥା ଜୁବେର କମ୍ପାନୀ ପାଖରେ କାର୍ଯ୍ୟକରୁଥିବା ସବ୍ ଠିକାଦାର ପାରମର ନାମକ ଠିକାଦାର ଅଧିନରେ ରାଜସ୍ଥାନରୁ ଆସିଥିବା ଗୋପୀ ନାମକ ଯୁବକ କୁ ବାନ୍ଧି ଆକ୍ରମଣ କରିବା ସହ ୨୫ହଜାର ଟଙ୍କା ଜୋରିମାନା ଓ ଗ୍ରାମରୁ ଛାଡ଼ିବାକୁ ସଜା ଶୁଣାଇଲା ପ୍ରଜାକୋର୍ଟ । ପରେ ଘଟଣାକୁ ଚପାଇଦେବାକୁ ଆରମ୍ଭ ହୋଇଥିଲା ସୁଚିନ୍ତିତ ଷଡ଼ଯନ୍ତ୍ର । ଥାନାରେ ଅଭିଯୋଗ ହେବା ପରିବର୍ତ୍ତେ ଅର୍ଥ ଲାଳସାରେ ଘଟଣାର ସମାଧାନ ହୋଇଥିବା ଅଭିଯୋଗ ଉଠିଛି । ପ୍ରଶ୍ନ ଉଠୁଛି ଯୁବତୀକୁ ର୍ଦୁବ୍ୟବହାର କରିବା ଏକ ନିନ୍ଦନୀୟ ଘଟଣା । କିନ୍ତୁ ଥାନାରେ ଅଭିଯୋଗ ନ କରି ଜଣେ ଯୁବକକୁ ଆକ୍ରମଣ କରିବା ଘଟଣା ସାଧାରଣରେ ଆଲୋଚନା ହୋଇଛି । ନୀଳଗିରି ପୋଲିସ ଖବର ପାଇ ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛି ।

## ବିଲ୍ଡରଙ୍କୁ ଆକ୍ରମଣ ଅଭିଯୋଗରେ ଯୁବତୀ ଗିରଫ

କଟକ,୨୫/୧୦ (ନି.ପ୍ର): ବିଲ୍ଡରଙ୍କୁ ଆକ୍ରମଣ ଅଭିଯୋଗରେ ଜଣେ ଯୁବତୀଙ୍କୁ ଗିରଫ କରିଛି କଟକ ଲାଲବାଗ ଥାନା ପୋଲିସ। ଅଭିଯୁକ୍ତ ଯୁବତୀଙ୍କ ନାମ ମାନସୀ ନାୟକ । ମାନସୀ ଜେଲ୍ ରେ ଥିବା ଦୁର୍ଦ୍ଦାନ୍ତ ଗ୍ୟାଙ୍ଗଷ୍ଟର ସକିଲର ଗାର୍ଲଫ୍ରେଣ୍ଡ ବୋଲି ସୂଚନା ମିଳିଛି । ପୋଲିସର ସୂଚନା ଅନୁଯାୟୀ, ୨୦୧୪ ରେ ମଧ ମାନସୀ ଏକ ହତ୍ୟା ମାମଲାରେ ଗିରଫ ହୋଇଥିଲେ ।

# ଏନସିସି କ୍ୟାଡେଟଙ୍କ ପକ୍ଷରୁ ସ୍ୱଚ୍ଛ ଭାରତ ଅଭିଯାନ




ବାଲେଶ୍ୱର,୨୫/୧୦ (ନି.ପ୍ର): ସ୍ୱାଧୀନତାର ୭୫ବର୍ଷ ପୂର୍ତ୍ତି ଅବସରରେ ଦେଶବ୍ୟାପୀ ପାଳିତ ହେଉଥିବା ଆଜାଦି କା ଅମୃତ ମହୋତ୍ସବରେ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ (ଏନସିସି) ପକ୍ଷରୁ ଆରମ୍ଭ ହୋଇଛି ସ୍ୱଚ୍ଛ ଭାରତ ଅଭିଯାନ। ଏହି ପରିପ୍ରେକ୍ଷୀରେ ଓଡ଼ିଶାର ୭ମ ବାଟାଲିଅନ ଏନସିସି ଅଧୀନରେ ବାଲେଶ୍ୱର ଜିଲା ସ୍କୁଲର ଏନସିସି କ୍ୟାଡେଟମାନେ ସ୍ୱଚ୍ଛ ଭାରତ ଅଭିଯାନ ସମ୍ପର୍କିତ ସଚେତନତା ଆୟୋଜନ କରିଥିଲେ । ଜିଲା ସ୍କୁଲର ପ୍ରଧାନ ଶିକ୍ଷକ ଡକ୍ଟର ପ୍ରଫୁଲ କୁମାର ସାହୁ ଏହି ଅଭିଯାନକୁ ଶୁଭାରମ୍ଭ କରିବା ସହ ସ୍ୱଚ୍ଛତା ରକ୍ଷା କ୍ଷେତ୍ରରେ ଏନସିସିର ନିଷ୍ପତ୍ତି ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି କହିଥିଲେ । ବିଶେଷ କରି ଛାତ୍ରଛାତ୍ରୀମାନେ ଏହି ଅଭିଯାନରେ ସାମିଲ ହେବା ଦ୍ୱାରା ସେମାନେ ସ୍ୱଚ୍ଛତା ପ୍ରତି ଆଗ୍ରହୀ ହେବା ସହ ନିଜ ବିଦ୍ୟାଳୟ ତଥା ପାରିବାରିକ ସ୍ତରରେ ମଧ ଏହା ପ୍ରତି ଯତ୍ନବାନ ରହିବେ ବୋଲି ଡ. ସାହୁ କହିଥିଲେ। ଜିଲା ସ୍କୁଲ ଏନସିସି ପ୍ରଶିକ୍ଷକ ମନସୁଖ ଅଲ୍ଲୀ ଖାନ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିବା ସହ ସ୍ୱଚ୍ଛତା ଅଭିଯାନର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ । ଏନସିସି ନିର୍ଦ୍ଦେଶାଳୟ ପକ୍ଷରୁ ଦେଶବ୍ୟାପୀ ଏନସିସି କ୍ୟାଡେଟମାନଙ୍କ ମଧ୍ୟରେ ଜାଗରଣ ସୃଷ୍ଟି ଉଦ୍ଦେଶ୍ୟରେ ଏହି ସ୍ୱଚ୍ଛତା ଅଭିଯାନ ଆରମ୍ଭ ହୋଇଥିବା ସେ କହିଥିଲେ। କରୋନା କାଳରେ ସ୍ୱଚ୍ଛତାକୁ ଗୁରୁତ୍ୱ ଦିଆଯାଉଥିବା ବେଳେ ସ୍ୱଚ୍ଛ ଭାରତ ଅଭିଯାନ ମାଧ୍ୟମରେ ସେମାନେ ସ୍କୁଲ ଓ ନିଜ ଅଞ୍ଚଳରେ ସ୍ୱଚ୍ଛତା ରକ୍ଷା ଦିଗରେ ସ୍ଥାନୀୟ ବାସିନ୍ଦାଙ୍କୁ ସଚେତନ କରିବେ ବୋଲି ଛାତ୍ରଛାତ୍ରୀମାନେ କହିଥିଲେ। ବହୁ କ୍ୟାଡେଟ ଏଥିରେ ଅଂଶଗ୍ରହଣ ସହ ପ୍ରଥମେ ଜିଲା ସ୍କୁଲ ପରିସରକୁ ପରିଷ୍କାର କରିଥିଲେ ।

# ବେଣାପୁରାରେ ବସ୍ତ୍ର, ଅନ୍ନ ବଣ୍ଟନ କର୍ମଶାଳା



ବସ୍ତା,୨୫/୧୦ (ନିପ୍ର) ବସ୍ତା ବ୍ଲକ ସନ୍ତୋଷପୁର ପଂଚାୟତ ଅନ୍ତର୍ଗତ ବେଣାପୁରା ଜୀବନସାଥୀ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ବସ୍ତ୍ର ଓ ଅନ୍ନ ବଣ୍ଟନ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ସଂଗଠନ ର ସଭାପତି ସମାଜସେବୀ ଦୀପ୍ତିମାନ ପତି ଏହି ଉତ୍ସବ ରେ ଅଧ୍ୟକ୍ଷତା କରିଥିଲେ । ମୁଖ୍ୟଅତିଥି ଅତିରିକ୍ତ ଜିଲାପାଳ ନିଲୁ ମହାପାତ୍ର ଯୋଗଦେଇ ଉତ୍ସବକୁ ଉଦଘାଟନ କରିଥିଲେ । ମୁଖ୍ୟବକ୍ତା ଅଧ୍ୟାପକ ଡ଼ଃ ପଙ୍କଜ କୁ ଜେନା, ସମ୍ମାନିତ ଅତିଥି ସାହିତ୍ୟିକ ସର୍ବେଶ୍ୱର ପତି, ସମାଜସେବୀ ସନ୍ୟାସୀ ପ୍ରଧାନ, ଅକ୍ଷୟ ମହାପାତ୍ର, ପଦ୍ମଲୋଚନ ଜେନା, ଅଜୟ ମହାପାତ୍ର,ଭୀମ ବେହେରା ପ୍ରମୁଖ ମଂଚାସୀନ ହୋଇ ସେବା ଦ୍ୱାରା ଧର୍ମ ଅର୍ଜନ ସମ୍ଭବ ବୋଲି ବକ୍ତବ୍ୟ ରେ କହିଥିଲେ । ସ୍ଥାନୀୟ ଅଂଚଳ ର ଗରିବ,ଦିବ୍ୟାଙ୍ଗ, ଅସହାୟ ଓ ଦରିଦ୍ର ବୃଦ୍ଧକ୍ଷ ବୃଦ୍ଧ ଙ୍କୁ ଅନ୍ନ ବସ୍ତ୍ର ପ୍ରଦାନ କରାଯାଇଥିଲା । ଶେଷରେ କର୍ମକର୍ତ୍ତା ଭବାନୀ ଶଙ୍କର ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ସଂଗଠନ ର ସମସ୍ତ ସଦସ୍ୟ ଉତ୍ସବ ପରିଚାଳନା ରେ ସହଯୋଗ କରିଥିଲେ ।

# ରାଜନୀତି ପାଇଁ ଅତି ନିମ୍ନ ସ୍ତରକୁ ଯାଉଛି ବିଜେପି : ବିଜେଡି

ଭୁବନେଶ୍ୱର,୨୫/୧୦ (ନି.ପ୍ର): ବିଜେପି ନେତାମାନେ ରାଜନୀତିରେ ତିଷ୍ଠି ରହିବା ପାଇଁ କିଭଳି ଟିଭିରେ ମୁହଁ ଦେଖାଇବାକୁ ପରସ୍ପର ସହ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି । ଏମାନଙ୍କର ପ୍ରକୃତ ଉଦ୍ଦେଶ୍ୟ ପୀଡିତାଙ୍କୁ ନ୍ୟାୟ ଦେବା ନୁହେଁ ବରଂ ନିଜର ସ୍ୱାର୍ଥ ଜଡିତ ରାଜନୈତିକ ଲାଭ ପାଇଁ ଏହି ସମ୍ବେଦନଶୀଳ ପ୍ରସଙ୍ଗର ରାଜନୀତିକରଣ କରିବା । ବିଜେପିର ଆଜିର ସାମ୍ବାଦିକ ସମ୍ମିଳନୀ ଏହା ପୁଣିଥରେ ପ୍ରମାଣ କରିଛି ବୋଲି କହିଛନ୍ତି ବିଜେଡି ମୁଖପାତ୍ର ଚିନ୍ମୟ ସାହୁ । ବିଜେପି ସାମ୍ବାଦିକ ସମ୍ମିଳନୀର ଜବାବ ଦେଇ ବିଜେଡି ମୁଖପାତ୍ର ଶ୍ରୀ ସାହୁ କହିଛନ୍ତି ଯେ ଆଜି ଓଡ଼ିଶା ବିଜେପି ସାମ୍ବାଦିକ ସମ୍ମିଳନୀ କରିବା ପାଇଁ କୌଣସି ନେତାଙ୍କୁ ଖୋଜି ପାଇଲା ନାହିଁ ଏବଂ ଶେଷରେ ଇରାସିସ୍ ଆଚାର୍ଯ୍ୟ ନାମକ ଜଣେ ହତ୍ୟା ମାମଲାରେ ଜଡିତ ଅପରାଧୀ ଏଥିପାଇଁ ମିଳିଲେ, ଯିଏ କି ସଂଯୋଗ ବଶତଃ ବିଜେପିରେ ଅଛନ୍ତି । ଏହା ଅତ୍ୟନ୍ତ ପରିତାପର ବିଷୟ ଯେ ପୀଡିତାଙ୍କୁ ନ୍ୟାୟ ଦାବିରେ ସାମ୍ବାଦିକ ସମ୍ମିଳନୀ କରିବା ପାଇଁ ଗିରଫ ହୋଇ ଜେଲରେ ଥିବା ଜଣେ ଅପରାଧୀଙ୍କୁ ପାଇବା ପାଇଁ ଓଡିଶା ବିଜେପି ନିମ୍ନ ସ୍ତରକୁ ଖସିଯାଇଛି । ଏହି ସମ୍ବେଦନଶୀଳ ପ୍ରସଙ୍ଗରେ ରାଜନୀତି କରିବା ପଛରେ ବିଜେପିର ପ୍ରକୃତ ଉଦ୍ଦେଶ୍ୟ ହେଉଛି ଖାଉଟି ସାମଗ୍ରୀର ମୂଲ୍ୟ ବୃଦ୍ଧି, ଇନ୍ଧନ ମୂଲ୍ୟ ବୃଦ୍ଧି, ଚାଷୀଙ୍କ କ୍ରୋଧ, ଜାତୀୟ ବେକାରୀ ଭଳି ବାସ୍ତବ ଜନ ପ୍ରସଙ୍ଗରୁ ଲୋକଙ୍କ ଦୃଷ୍ଟି ଅନ୍ୟ ଆଡେ ହଟାଇବା ବୋଲି ଶ୍ରୀ ସାହୁ କହିଛନ୍ତି ।

## ଅଲ୍ ଓଡ଼ିଶା ବିଚ୍ ରେସଲିଙ୍ଗ ଚାମ୍ପିଆନ୍‌ସିପ୍ ଉଦ୍‌ଘାଟିତ

ପୁରୀ,୨୫/୧୦ (ନି.ପ୍ର): ନିଳାଦ୍ରୀ ବେଳାଭୂମୀଠାରେ ଅଲ୍ ଓଡ଼ିଶା ବିଚ୍ ରେସଲିଙ୍ଗ ଚାମ୍ପିଆନ୍‌ସିପ୍ ଉଦ୍‌ଘାଟିତ ହୋଇଛି। ଆଜିର ଉଦ୍‌ଘାଟନ କାର୍ଯ୍ୟକ୍ରମ ଅବସରରେ ଜିଲ୍ଲାର ବରିଷ୍ଠ କୁସ୍ତିବିତ୍ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ସମର୍ଥ ବର୍ମା, ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ, ରାଜ୍ୟକୁସ୍ତିସଂଘ କାର୍ଯ୍ୟକାରୀ ସଭାପତି ହରିହର ପଟ୍ଟନାୟକ, ରାମଚନ୍ଦ୍ର ପାଢୀ, କିଶୋର ଚନ୍ଦ୍ର ବେହେରା, ଜିଲ୍ଲାକ୍ରୀଡ଼ା ସଂସଦ ସମ୍ପାଦକ ରବିଶଙ୍କର ପ୍ରତିହାରୀ ପ୍ରମୁଖ ଉପସ୍ଥିଥିଲେ। ଜିଲ୍ଲାପ୍ରଶାସନ, ଜିଲ୍ଲାକ୍ରୀଡ଼ା ସଂସଦ, ଓଡ଼ିଶା କୁସ୍ତିସଂଘ ଏବଂ ଜିଲ୍ଲାର ସମସ୍ତ ଜାଗାଅଖାଡ଼ାର ମିଳିତ ଆନୁକୂଲ୍ୟରେ ଦୁଇ ଦିନଧରି ଏହି ପ୍ରତିଯୋଗିତା ଅନୁଷ୍ଠିତହେବ । ୧୨ରୁ୧୫ ବର୍ଷ ମଧ୍ୟରେ ସବ୍‌ଜୁନିୟର, ୧୬ରୁ୧୮ବର୍ଷ ମଧ୍ୟରେ ଜୁନିୟର, ୧୯ରୁ ଉର୍ଦ୍ଧ୍ୱ ଅର୍ଥାତ ସିନିୟର ବର୍ଗର ୨୦୦ ପୁରୁଷ ଓ ମହିଳା ପ୍ରତିଯୋଗୀ ଏଥିରେ ଅଂଶ ଗ୍ରହଣ କରୁଛନ୍ତି।

# ମମିତା ମେହେର ହତ୍ୟାକାଣ୍ଡ ଘଟଣା : ସିପିଆଇ ପକ୍ଷରୁ ମନ୍ତ୍ରୀଙ୍କ ଇସ୍ତଫା ଦାବି




ବାରିପଦା,୨୫/୧୦ (ନି.ପ୍ର): ମମିତା ମେହେରଙ୍କ ନାରକୀୟ ହତ୍ୟାକାଣ୍ଡର ଏସ.ଆଇ.ଟି ତଦନ୍ତ ଓ ହତ୍ୟାକାରୀ ଗୋବିନ୍ଦ ସାହୁ ଓ ପ୍ରଧାନ ସହଯୋଗୀ ରାଜ୍ୟ ସ୍ୱରାଷ୍ଟ୍ର ବିଭାଗର ରାଷ୍ଟ୍ର ମନ୍ତ୍ରୀ ଦିବ୍ୟ ଶଙ୍କର ମିଶ୍ରଙ୍କ ବହିଷ୍କାର ଓ କୋଠୋର ଶାସ୍ତି ଦାବିରେ ଆଜି ସିପିଆଇ (ଏମ) ପକ୍ଷରୁ ବାରିପଦା ହାଟପଡିଆ ଠାରେ ଏକ ବିକ୍ଷୋଭ ସମାବେଶ ଓ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଯାଇଅଛି । ସିପିଆଇ (ଏମ) ର ଜିଲ୍ଲା ସମ୍ପାଦକ ରବି ଗୋସ୍ୱାମୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ସଭାରେ ସିପିଆଇ(ଏମ) ରାଜ୍ୟ କମିଟି ସଦଶ୍ୟ ସାଲ ମରାଣ୍ଡୀ, ସିପିଆଇ ଜିଲ୍ଲା ସମ୍ପାଦକ ଜଗବନ୍ଧୁ ମିଶ୍ର ଓ ସିପିଆଇ(ଏମ) ର ଜିଲ୍ଲା କମିଟି ସଦସ୍ୟ ଅମଲ ଦେ ପ୍ରମୁଖ ବକ୍ତା ମାନେ ବିଦ୍ୟାଳୟଟି ବେସରକାରୀ ହୋଇଥିବାରୁ ବିଭିନ୍ନ ସରକାରୀ ସୁବିଧା ପାଇବା ପାଇଁ ଅନୈତିକ କାମ ମନ୍ତ୍ରୀ ନେତାମାନଙ୍କ ତୁଷ୍ଟି ପାଇଁ ଛାତ୍ରୀ ତଥା ମହିଳା କର୍ମଚାରୀ ମାନଙ୍କୁ ବ୍ୟବହାର କରାଯାଉଥିଲା ବୋଲି ଅଭିଯୋଗ ଆଣିଛନ୍ତି ଏବଂ ମମିତା ମେହେର ହତ୍ୟା ଘଟଣାରେ ଦୋଷୀ ଗୋବିନ୍ଦ ସାହୁକୁ ଉପଯୁକ୍ତ ଦଣ୍ଡ ପ୍ରଦାନ ସହିତ ଘଟଣାରେ ସଂପୃକ୍ତ ଥିବା ମନ୍ତ୍ରୀ କ୍ୟାପଟେନ ଶ୍ରୀ ମିଶ୍ର ନିଜ ପଦରୁ ଇସ୍ତଫା ଦେବା ନଚେତ ମଖ୍ୟମନ୍ତ୍ରୀ ତାଙ୍କୁ ବହିଷ୍କା କରିବାକୁ ଦାବୀ କରିଛନ୍ତି । ଏହି ସମାବେଶରେ ସିପିଆଇ(ଏମ) ର କ୍ଷିତିଶ ଚନ୍ଦ୍ର ସାସ୍ମଲ , ସନ୍ଧ୍ୟା ରାଣି ବେହେରା , ମାଳତୀ ମହାନ୍ତ , ସେକ୍ କାଶେଦ, ନରେଶ ମହାନ୍ତ, ଜଟିୟା ନାୟକ , ସପନ କୁମାର ମହାନ୍ତ, ସୁଲୋଚୋନ ମହାକୁଡ , ନୀଳକଣ୍ଠ ମହାନ୍ତ ଓ ସିପିଆଇ ର ମହେଶ୍ୱର ବେହେରା, ଶଶଧର ଦଳାଇ ପ୍ରମୁଖ ଯୋଗ ଦେଇ ଥିଲେ ।

# ପ୍ରଶାସନିକ ଅଧିକାରୀଙ୍କ ବିୟୋଗରେ ଶୋକ



ବାଲେଶ୍ୱର,୨୫/୧୦ (ନି.ପ୍ର): ନୀଳଗିରି ଉପଖଣ୍ଡରେ ଡେପୁଟି କଲେକ୍ଟର ଭାବେ କାର୍ଯ୍ୟରତ ଓଡିଶା ପ୍ରଶାସନିକ ସେବାର ବରିଷ୍ଠ ଅଧିକାରୀ ଗୟାଧର ମଲିକଙ୍କ ଅକାଳ ବିୟୋଗରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଶୋକ ପ୍ରକାଶ କରାଯାଇଛି । ଅତିରିକ୍ତ ଜିଲପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆୟୋଜିତ ଶୋକସଭାରେ ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ଅଧ୍ୟକ୍ଷତା କରିଥିଲେ। ଏଥିରେ ଦୁଇମିନିଟ ନିରବ ପ୍ରାର୍ଥନା ସହ ଦିବଂଗତ ଆତ୍ମା ପ୍ରତି ସମସ୍ତେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଅତିରିକ୍ତ ଜିଲାପାଳ ନିଲୁ ମହାପାତ୍ରଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନେ ଏଥିରେ ସାମିଲ ହୋଇଥିଲେ। ସ୍ୱର୍ଗତ ମଲ୍ଲିକ ଦୀର୍ଘ ୧୦ବର୍ଷରୁ ଅଧିକ ସମୟ ଧରି ଜଟିଳ କିଡନୀ ରୋଗରେ ପୀଡିତ ଥିଲେ। ଭୁବନେଶ୍ୱରର ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସିତ କିଡନୀ ପ୍ରତିରୋପଣ ପାଇଁ ତାଙ୍କୁ ନୂଆଦିଲୀ ଗୁରୁଗ୍ରାମ ହସପିଟାଲକୁ ନିଆଯାଇଥିଲା । ତେବେ ସେଠାରେ ତାଙ୍କ ସ୍ୱାସ୍ଥ୍ୟବସ୍ଥା ଆହୁରି ବିଗିଡି ଯିବା ସହିତ ଅପରେସନ ପୂର୍ବରୁ ଅକ୍ଟୋବର ୨୩ତାରିଖ ପ୍ରାୟ ସାଢେ ୧୦ଘଟିକା ସମୟରେ ସେ ପ୍ରାଣ ହରାଇଥିଲେ। ମୃତ୍ୟୁ ବେଳକୁ ତାଙ୍କୁ ୫୯ ବର୍ଷ ବୟସ ହୋଇଥିଲା ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078
❒ Managing & Executive Editor : Srustidhar Parida
❒ Editor: Sairindhree Sahoo